# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୧ ମାର୍ଚ୍ଚ ୨୦୨୬

----

[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ସମବାୟ - ଶକ୍ତି - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ ].

ମୋଟ ପ୍ରଶ୍ନର ସଂଖ୍ୟା - 342

----

### Schemes to facilitate online trading platforms

422 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Are there plans to introduce schemes to facilitate online trading platforms for small businesses in the state, has the Government allocated funds to upgrade market facilities for traders in Balangir district and is the Government offering any special packages or incentives to encourage investment in Odisha?

----

### ରପ୍ତାନି ପରିମାଣ

476 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରୁ କେଉଁ କେଉଁ ଖାଦ୍ୟ ଦ୍ରବ୍ୟ, କେଉଁ କେଉଁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ କେଉଁ ସବୁ ଉତ୍ପାଦନ ଗୁଡ଼ିକୁ ଅନ୍ୟ ରାଜ୍ୟ ଓ ଅନ୍ୟ ଦେଶକୁ ପ୍ରତିବର୍ଷ କେତେ ପରିମାଣରେ ରପ୍ତାନି ହୁଏ, ତାହା ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଗତ ୫ ବର୍ଷରେ (ପ୍ରତିବର୍ଷ) ଏହି ରପ୍ତାନି କାରବାର ବଢୁଛି ନା କମୁଛି କହିବେ କି ?

----

### Commoditywise Expert Data

477 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Commoditywise Expert Data(2024-2025) from Odisha's trade facilitation centres, specifying contribution from Kalahandi region products such as minor forest produce, cotton, rice, millets and co-products and comment on policy measures to integrate Bhawanipatna's expert potential into the State's Export Strategy?

----

### କମ୍ୟୁନିଟି ସୋଲାର ଗ୍ରୀଡ଼ ଏବଂ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ

603 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ-ପାରାଦୀପ ରୋଡ୍ କଡ଼ରେ କମ୍ୟୁନିଟି ସୋଲାର ଗ୍ରୀଡ୍ ଏବଂ ଇଭି (EV) ଚାର୍ଜି ଷ୍ଟେସନ ସ୍ଥାପନ ନିମନ୍ତେ କଟକ ସଦର ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ପ୍ରସ୍ତାବ ରହିଛି କି? ଯଦି ହଁ, କେତୋଟି ଏବଂ କେଉଁ କେଉଁ ଜାଗାରେ ହେବାର ନିର୍ଦ୍ଧାରଣ କରାଯାଇଛି?

----

### Applique Craft cluster

642 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Satyabadi applique craft cluster, historically recognised for its contribution to Lord Jagannath temple traditions and currently housing 75 registered artisans under government records, has remained largely disconnected from emerging export markets and modern retail channels, Against the backdrop of the state's ambitious target of creating one lakh apparel sector jobs by 2030 and with Rs 12.89 lakh crore in approved investments, may the Ministry inform this House: details there of What specific infrastructure grants or common facility centre allocations have been approved for the Satyabadi applique cluster in the current financial year and the next, Has the Satyabadi applique cluster been integrated into the GeM seller onboarding program, ONDC pilots or e-commerce linkage schemes and if not, what is the timeline for integration, Will the Ministry establish a dedicated applique design innovation cell or buyer-seller connect mechanism in Satyabadi, similar to the state's cluster-wise buyer meets announced for textile parks ?

----

### ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ପ୍ରସ୍ତାବ ମଞ୍ଜୁର

919 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଉପକଣ୍ଠରେ କ୍ଷୁଦ୍ର ଶିଳ୍ପ ସ୍ଥାପନ ପାଇଁ 'ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ' ମାଧମରେ କେତୋଟି ପ୍ରସ୍ତାବ ମଞ୍ଜୁର ହୋଇଛି, ୨୦୨୫ ବର୍ଷରେ ସଦର ଅଞ୍ଚଳରୁ କେତୋଟି ନୂତନ ଷ୍ଟାର୍ଟଅପ୍ ପଞ୍ଜିକୃତ ହୋଇଛି ?

----

### ଅର୍ଥ ଲଗାଣକାରୀ ସଂସ୍ଥାକୁ କାର୍ଯ୍ୟକ୍ଷମ

1434 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଅର୍ଥ ନିଗମ କେବେଠାରୁ ବନ୍ଦଅଛି ; ଏହି ସଂସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସରକାରଙ୍କ ଆଭିମୁଖ୍ୟ କଣ ; ଅତୀତରେ ଏହି ସଂସ୍ଥା ଦ୍ୱାରା ଓଡିଶାର ଅନେକ ବେକାର ଶିକ୍ଷିତ ଯୁବକ, ଯୁବତୀ ଆତ୍ମନିର୍ଭରଶୀଳ ହୋଇ ଓଡିଶାର ବିକାଶରେ ସହାୟକ ହୋଇଥିଲେ ; ତେଣୁ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଚାର କରିବେ କି?

----

### ସୌର ଶକ୍ତି ଉତ୍ସରୁ ବିଦ୍ୟୁତ ଶକ୍ତି ଉତ୍ପାଦନ

1564 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ସୌର ଶକ୍ତି ଉତ୍ସରୁ ବର୍ତ୍ତମାନ କେତେ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେଉଛି ; (ଖ) ଆଗାମୀ ବର୍ଷରେ ସୌର ଶକ୍ତି ଉତ୍ସରୁ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି ଏଥିପାଇଁ ହିତାଧିକାରୀଙ୍କୁ କି ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ କେତେ ?

----

**ଘରୋଇ ଉଦ୍ୟୋଗମାନଙ୍କରେ ନିଯୁକ୍ତି**

1746 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ କାର୍ଯ୍ୟରତ ଘରୋଇ ଉଦ୍ୟୋଗମାନଙ୍କ ମାଧ୍ୟମରେ ବିଗତ ଏକ ବର୍ଷ ମଧ୍ୟରେ କେତେ ଜଣଙ୍କୁ ନିଯୁକ୍ତି ମିଳିଛି, ସେଥିରୁ କେତେ ଜଣ ସ୍ଥାନୀୟ ଓଡ଼ିଆ ଯୁବକ ଯୁବତୀ ଅଟନ୍ତି, ସ୍ଥାନୀୟଙ୍କ ପାଇଁ ନିମ୍ନତମ ନିଯୁକ୍ତି ପ୍ରତିଶତ ସମ୍ବନ୍ଧୀୟ ସରକାରୀ ବ୍ୟବସ୍ଥା କ'ଣ ରହିଛି, (ଖ) ଭଦ୍ରକ ଜିଲ୍ଲାରେ କେଉଁ ସ୍ଥାନରେ ନୂତନ ଘରୋଇ/ Small, Medium Scale ଉଦ୍ୟୋଗ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଛି, କେଉଁ ପ୍ରକଳ୍ପ ଅନୁମୋଦିତ, କେଉଁଗୁଡିକ କେବେ ଆରମ୍ଭ ହେବ ଏବଂ ସେଗୁଡିକ ସରକାରୀ ନିୟମାବଳୀ ଅନୁସାରେ କାର୍ଯ୍ୟାନୁଷ୍ଠିତ ହେଉଛି କି; ଏହାର ବିଷଦ ବିବରଣୀ ପ୍ରଦାନ କରିବେ କି ?

----

**Specific revival roadmap for OSFC with investment timelins**

1855 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The Odisha State Financial Corporation (OSFC), despite government promises since 2006, continues accumulating losses (Rs 471.55 crore as of March 2022, with Rs 2.35 crore loss in 2019-20). For nearly 18 years, successive Previous govt. administrations failed to either revive or restructure this institution designed to support MSMEs. Has the present government's Economic Advisory Committee prepared a specific revival roadmap for OSFC with investment timelines and governance restructuring measures; How will OSFC be repositioned to serve rural MSMEs in constituencies like Satyabadi?

----

**MITS Mega Food Park Ltd ର ନିଜସ୍ୱ ଜମି ପରିମାଣ**

2588 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡା ଜିଲ୍ଲା MITS Mega Food Park Ltdର ଭିତ୍ତିଭୂମି ୬୧.୭୬ ଏକର ଜମିରେ ଗଢି ଉଠିଥିବା କେତେ ଜମିକୁ ନେଇ ପ୍ରଥମେ MITS Mega Food Park Ltdର ଗଢିଉଠିଥିଲା, ପର୍ଯ୍ୟାୟ କ୍ରମେ ବର୍ତ୍ତମାନ କେତେ ଜମିରେ ଏହା ରହିଛି, ସେଥିମଧ୍ୟରୁ MITS Mega Food Park Ltdର ନିଜସ୍ୱ ଜମି କେତେ ରହିଛି ?

----

**ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ**

2589 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲା ସଦର ମହକୁମା ବ୍ଲକ କତାପେଟା ପଞ୍ଚାୟତ ଖଲିଗୁଡା ଗ୍ରାମରେ ପମ୍ପହାଉସ ଜରିଆରେ ପାଇପ ଯୋଗେ ପାଣି ଦିଆଯାଇଥାଏ, ଏହି ପମ୍ପ ହାଉସର ଶୁଳ୍କ ବାବଦକୁ ପଞ୍ଚାୟତ କାର୍ଯ୍ୟାଳୟ ୬ ଲକ୍ଷ ଟଙ୍କା ବକେୟା ଥିଲା ; ବିଦ୍ୟୁତ ଟଙ୍କା ପ୍ରତ୍ୟେକ ମାସରେ ଜମା କରିବା ପାଇଁ କଣ ନିର୍ଦ୍ଦେଶ ରହିଛି, ଆଗକୁ ଖରାଦିନ ଆସୁଥିବା ବେଳେ ପମ୍ପ ହାଉସ ଭଳି ଜରୁରୀ ସ୍ଥାନ ମାନଙ୍କର ବିଦ୍ୟୁତ ବିଛିନ୍ନ ପୂର୍ବରୁ ସତର୍କତା ଗ୍ରହଣ କରିବା ପାଇଁ ଟାଟା ପାୱାରକୁ ନିର୍ଦ୍ଦେଶ ଦେବେ କି?

----

**ଭୂତଳ Cable ଦ୍ୱାରା ବିଦ୍ୟୁତ ବିଛାଇବା**

2590 **ଶ୍ରୀ ମାଧବ ଧଡା (ସୋରୋ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୋରୋ ନିର୍ବାଚନ ମଣ୍ଡଳୀର ଅନନ୍ତପୁର ଓ ଗୋପାଳପୁର PSSକୁ ଭୂତଳ cable ବିଛାଇବା ପ୍ରସ୍ତାବ ବିଚାରଧୀନ ରହିଥିବା ପ୍ରତିଶୃତି ଉପରେ କେବେ ସୁଦ୍ଧା ଅନନ୍ତପୁର ଓ ଗୋପାଳପୁର PSS କୁ ଭୂତଳ cable କାର୍ଯ୍ୟ ଆରମ୍ଭ କରାଯିବ ଏବଂ ଏକ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ କରିବାକୁ ସରକାର ପଦକ୍ଷେପ ନେବେ କି ; (ଖ) TPNODL କର୍ତ୍ତୃପକ୍ଷ ସୋରୋ ନିର୍ବାଚନ ମଣ୍ଡଳୀରେ ଗତ 2 ବର୍ଷ ମଧ୍ୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ବାଧକ ସାଜୁଥିବା ଇଲେକ୍ଟ୍ରି pole ସ୍ଥାନାନ୍ତରଣ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

**ଚାଷୀଙ୍କୁ ମୁଗ, ବିରି, ସୂର୍ଯ୍ୟମୁଖୀ ବିହନ ଯୋଗାଇବା**

2591 **ଶ୍ରୀ ମାଧବ ଧଡା (ସୋରୋ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୋରୋ ନିର୍ବାଚନ ମଣ୍ଡଳୀରେ 2025-26 ଆର୍ଥିକ ବର୍ଷରେ National Mission of Oil seeds scheme ରେ କେତେ ଜଣ ଚାଷୀଙ୍କୁ ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଯୋଗାଇ ଦିଆଯାଇଅଛି ?

----

**ମତ୍ସ୍ୟଜୀବି ଓ ପଶୁପାଳକଙ୍କୁ ସବସିଡି ପ୍ରଦାନ**

2592 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ମାଛଚାଷ ଓ ପଶୁପାଳନକୁ କୃଷକ ଆୟ ବୃଦ୍ଧିର ମୁଖ୍ୟ ଆଧାର ବୋଲି ଘୋଷଣା କରୁଥିବା ସତ୍ତ୍ୱେ ମୂଳ ସ୍ତରରେ ଅନେକ ମତ୍ସ୍ୟଜୀବି ଓ ପଶୁପାଳକ ସରକାରୀ ସବସିଡି, ଚାରା, ଔଷଧ,ବୀମା ଓ ବଜାର ସଂଯୋଗ ସୁବିଧାରୁ ବଞ୍ଚିତ ହେଉଛନ୍ତି ; ବର୍ତ୍ତମାନ ରାଜ୍ୟରେ କେତେ ମତ୍ସ୍ୟଜୀବି ଓ ପଶୁପାଳକ ପଞ୍ଜୀକୃତ ଅଛନ୍ତି, ସେଥିରୁ କେତେ ଲୋକ ପ୍ରକୃତରେ ଏହି ଯୋଜନାରୁ ଲାଭାନ୍ୱିତ ହୋଇଛନ୍ତି ଏବଂ କେତେ ଯୋଗ୍ୟ ଥିଲେ ମଧ୍ୟ ଲାଭରୁ ବଞ୍ଚିତ ରହିଛନ୍ତି?

----

**କମ ଓଜନର ଚାଉଳ ଦେବା**

2593 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନେକ ଅଞ୍ଚଳରେ ଚାଉଳ ବଣ୍ଟନ କେନ୍ଦ୍ରରେ ଓଜନ କମ୍ ଦେବା, ନିମ୍ନମାନର ବଣ୍ଟନ ଓ ଅନିୟମିତ ଯୋଗାଣ ନେଇ ଗୁରୁତର ଅଭିଯୋଗ ଆସୁଛି ଏହି ଅନିୟମ ରୋକିବା ପାଇଁ ସରକାର କେତେ ତଦନ୍ତ ଓ ନିରୀକ୍ଷଣ କରାଇଛନ୍ତି, କେତେ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ୍ କରାଯାଇଛି ଓ କେତେ ମାମଲାରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

**କାମଧେନୁ ଯୋଜନାରେ ଗାଈ ଯୋଗାଇବା**

2594 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାର ତଳସରା ଏବଂ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀରୁ କେତେଜଣ ଚୀଷୀଙ୍କୁ କାମଧେନୁ ଯୋଜନାରେ ଗାଈ ଯୋଗାଇ ଦିଆଯାଇଅଛି ?

----

**ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଲାଇଭ ଷ୍ଟକ ସେଣ୍ଟର**

2595 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ମୋଟ କେତୋଟି ଲାଇଭ ଷ୍ଟୋକ୍ ସେଣ୍ଟର ରହିଛି, ସେଥିରୁ କେତେଗୋଟି କାର୍ଯ୍ୟକ୍ଷମ ଅଛି ଓ ଆଉ କେତୋଟି ଭଗ୍ନ ଅବସ୍ଥାରେ ରହି କାର୍ଯ୍ୟକ୍ଷମ ହୋଇପାରୁନାହିଁ ; ସେହିପରି ଜିଲ୍ଲାରେ ମୋଟ କେତେ ପଦବୀ ଥିବାବେଳେ ବର୍ତ୍ତମାନ କେତେ ପଦବୀ ଖାଲି ପଡିଛି, କେଉଁ ପ୍ରାଣୀ ଚିକିତ୍ସାଳୟରେ କେଉଁ ପ୍ରାଣୀ ଚିକିତ୍ସକ ନିଯୁକ୍ତ ଅଛନ୍ତି, ଭଗ୍ନ ଅବସ୍ଥାରେ ଦୀର୍ଘ ଦିନଧରି ପଡ଼ି ରହିଥିବା ପ୍ରାଣୀ ଚିକିତ୍ସାଳୟର ପୁନଃରୁଦ୍ଧାର ଏବଂ ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି ?

----

### P.M. ବିଶ୍ୱକର୍ମା ଯୋଜନାର ପଞ୍ଜୀକୃତ କାରିଗର

2596 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଣୟନ ହେବା ଦିନଠାରୁ ବର୍ତ୍ତମାନ ସୁଦ୍ଧା ଭଦ୍ରକ ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଭଦ୍ରକ ବ୍ଲକର କେତେଜଣ କାରିଗର ହସ୍ତଶିଳ୍ପୀଙ୍କୁ ପଞ୍ଜୀକୃତ କରାଯାଇଛି ଓ ମୌଳିକ ଦକ୍ଷତା ତାଲିମକରି ସେମାନଙ୍କୁ ବ୍ୟବସାୟରେ ଉନ୍ନତି ଆଣିବା ପାଇଁ କ୍ରେଡ଼ିଟ ସହାୟତା ପ୍ରଦାନ କରାଯାଇଛି ?

----

### ତନ୍ତୁବାୟ ସମିତିର ସ୍ଥିତି

2597 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ନିର୍ବାଚନ ମଣ୍ଡଳୀରେ କେତେଗୋଟି ତନ୍ତୁବାୟ ସମିତି କେଉଁ କେଉଁ ସ୍ଥାନରେ ରହିଛି, ସେଗୁଡ଼ିକର ବର୍ତ୍ତମାନର ସ୍ଥିତି କ'ଣ ରହିଛି, ସେଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାରଙ୍କ ଯୋଜନା କ'ଣ ରହିଛି ?

----

### ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା

2598 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ୧୦୩୯୬ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୧୮୨୦୦୦ କ୍ୱିଣ୍ଟାଲ ଧାନ କିଣା ଯିବାକୁ ଧାର୍ଯ୍ୟ ହୋଇଥିଲା, ସେହିପରି ବାଲିଆପାଳ ବ୍ଲକର ପଞ୍ଜିକରଣ କରିଥିବା ୧୦୦୧୪ ଜଣ ଚାଷୀଙ୍କ ଠାରୁ ୧୭୫୨୮୦ କ୍ୱିଣ୍ଟାଲ ଧାନ କିଣାଯିବାକୁ ଧାର୍ଯ୍ୟ କରାଯାଇଥିଲା ଏକ ତଥ୍ୟ ଅନୁସାରେ ଫେବୃଆରୀ ମାସ ୨୪ ତାରିଖ ସୁଦ୍ଧା ପ୍ରାୟତଃ ୫୦ପ୍ରତିଶତ ଚାଷୀଙ୍କ ଠାରୁ ଧାନ କିଣା ଯାଇଛି ଟୋକନ୍ ଅବଧି ଶେଷ ହୋଇ ଆସୁଥିବା ବେଳେ ଅବଶିଷ୍ଟ ପଞ୍ଜିକୃତ ଚାଷୀଙ୍କ ଧାନ କେବେ ସୁଦ୍ଧା କିଣାଯିବ ଏବଂ ଟୋକନ୍ ଅବଧି ବୃଦ୍ଧି ନିମନ୍ତେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

### କୃଷି ଉତ୍ପାଦନ ବୃଦ୍ଧି

2599 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜମିର ପ୍ରକାର ଭେଦ ( ଉଚ୍ଚ, ମଧ୍ୟମ ଓ ଖାଲ ଜମି) ଅନୁସାରେ ଧାନଚାଷ ପାଇଁ ହେକ୍ଟର ପିଛା ହେଉଥିବା ହାରାହାରି ଖର୍ଚ୍ଚ ଏବଂ ଅମଳ ହେଉଥିବା ଧାନର ପରିମାଣ କେତେ ;ସର୍ବନିମ୍ନ ସହାୟକ ମୂଲ୍ୟ (MSP) କୁ ଆଧାର କରି ଜଣେ ଚାଷୀ ହେକ୍ଟର ପିଛା ପ୍ରକୃତରେ କେତେ ଲାଭ ପାଉଛନ୍ତି, ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ସହିତ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଏବଂ ସେମାନଙ୍କର ଆର୍ଥିକ ମାନଦଣ୍ଡରେ ସ୍ଥାୟୀ ସୁଧାର ଆଣିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

### ଦୁଗଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା

2600 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ଏକ ବର୍ଷ ମଧ୍ୟରେ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅନ୍ତର୍ଗତ ରାଜ୍ୟରେ ମୋଟ କେତେ ପରିମାଣର ଦୁଗ୍ଧ ଉତ୍ପାଦନ ହୋଇଛି ଏବଂ ଏହି ଯୋଜନା ଦ୍ୱାରା ପ୍ରତ୍ୟକ୍ଷ ଭାବେ କେତେ ପରିବାର ଉପକୃତ ହୋଇଛନ୍ତି; ନିକଟରେ ପ୍ରକାଶିତ Economic Survey ଅନୁଯାୟୀ, ଓଡ଼ିଶାର ଦୁଗ୍ଧ ଉତ୍ପାଦନ ହାର ଜାତୀୟ ହାର ଠାରୁ କମ୍ ରହିଥିବାରୁ, ଏହି ବ୍ୟବଧାନକୁ ଦୂର କରି ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ;(ଖ) ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ ଦୈନିକ ଦୁଗ୍ଧର ଚାହିଦା ଏବଂ ପ୍ରକୃତ ଉତ୍ପାଦନ ମଧ୍ୟରେ ଥିବା ପାର୍ଥକ୍ୟ କେତେ; ଏଥିସହି ବାଲେଶ୍ୱର ଜିଲ୍ଲାର ଦୁଗ୍ଧ ଚାଷୀଙ୍କ ସାମାଜିକ-ଆର୍ଥିକ ସ୍ଥିତି ଓ ସେମାନଙ୍କ ଜୀବିକାର ଉନ୍ନତି ପାଇଁ ବିଭାଗ ପକ୍ଷରୁ କୌଣସି Field Survey କରାଯାଇଛି କି; ଯଦି ହଁ, ତାହେଲେ ଜିଲ୍ଲାରେ ଦୁଗ୍ଧ ଚାଷୀଙ୍କ ଆୟ କିପରି ବୃଦ୍ଧି ପାଇବ ?

----

### ରାଜ୍ୟରେ ଥିବା ଶୀତଳ ଭଣ୍ଡାର

2601 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଚଳିତ ବର୍ଷ କେତେ ଆଳୁ, ପିଆଜ ଉତ୍ପାଦନ ହୋଇଛି, କେତେ ଶୀତଳ ଭଣ୍ଡାରରେ ଗଚ୍ଛିତ ଅଛି, (ଖ) ରାଜ୍ୟ ସରକାର 2025-26 କେତେ ଶୀତଳ ଭଣ୍ଡାର ନିର୍ମାଣ କଲେ ଏବଂ ମୋଟ ଶୀତଳ ଭଣ୍ଡାରରୁ କେତେ ଗୋଟି ସଚଳ ଓ କେତେ ଗୋଟି ଅଚଳ ଅଛି?

----

### ବିଦ୍ୟୁତ୍ ବିଲ ବୃଦ୍ଧି

2602 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟୁତ୍ ବିତରଣ କମ୍ପାନୀ ମାନେ ଉପୋଭୋକ୍ତା ମାନଙ୍କୁ କେତେ ୟୁନିଟ ବିଦ୍ୟୁତ୍ ବିକ୍ରି କରୁଛନ୍ତି ଓ କେତେ ୟୁନିଟ ବିଦ୍ୟୁତ୍ ଶିଳ୍ପ ସଂସ୍ଥା ମାନଙ୍କୁ ବିକ୍ରି କରୁଛନ୍ତି, ବିତରଣ କମ୍ପାନୀ ମାନେ କେଉଁ କେଉଁ ସଂସ୍ଥାରୁ କେତେ ରେଟ୍ ରେ କେତେ ୟୁନିଟ ବିଦ୍ୟୁତ୍ କିଣୁଛନ୍ତି, ଏହି କିଣା ବିକାରେ ଟାଟା ପାୱାର କେତେ ଲାଭ କରିଛି, ୨୦୨୫ ବର୍ଷରେ ଘୋଷିତ ଓ ଅଘୋଷିତ ଭାବେ କେତେ ଘଣ୍ଟା ବିଦ୍ୟୁତ୍ କାଟ କରାଯାଇଛି ଓ ସେହି ସମୟର ବିଦ୍ୟୁତ୍ ପରିମାଣ କେତେ ଇଉନିଟ୍ ସଂରକ୍ଷଣ କରାଯାଇ କେଉଁ ରେଟରେ କାହାକୁ ବିକ୍ରି କରାଯାଇଛି କେତେ ପରିମାଣରେ ବିଦ୍ୟୁତ୍ ବିଲ ଶିଳ୍ପ ସଂସ୍ଥା ମାନଙ୍କ ପାଖରେ ପଡ଼ିରହିଛି?

----

### Adoption of clean energy

2603 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given Odisha mobilised over 5,000 MSMEs in clean energy adoption at a recent expo, what specific outcomes in terms of energy cost savings and distributed renewable generation capacity have been achieved to date ?

----

### Functional of cold storage

2604 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given that 14 out of 30 revenue districts in Odisha do not have functional cold storage facilities and 4 of the 26 cold stores are dysfunctional, what concrete plan and timeline does the Agriculture Department have to ensure cold chain support for farmers and reduce post-harvest losses ?

----

### Fish output in Chilika Lake

2605 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given that fish output in Chilika Lake declined by about 1,200 tonnes in 2024-25 compared to the previous year, what targeted measures are being implemented to reverse this trend and how will the government support affected fisher communities, will the govt. give specific data along with the deadlines ?

----

## ମାଛ ଉତ୍ପାଦନରେ ବୃଦ୍ଧି ପାଇଁ ଅର୍ଥ ବିନିଯୋଗ

2606 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ 2023-24, 2024-25 ଓ 2025-26 ମସିହାରେ ରାୟଗଡା ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନରେ ବୃଦ୍ଧି ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି ?

----

## ରାୟଗଡା horticulture department ଦ୍ୱାରା ବିହନ ଓ input ଆର୍ଥିକ ସହାୟତା

2607 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ 2023-24, 2024-25 ଓ 2025-26 ମସିହାରେ horticulture department ରୁ ରାୟଗଡା ଜିଲ୍ଲାର ଚାଷୀଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ଯୋଜନା ଗୁଡିକ କଣ ଥିଲା ଏବଂ କଣ କଣ ବିହନ | inputs /ଆର୍ଥିକ ସହଯୋଗ ଦିଆଯାଇଛି ଏବଂ ସେଥିରୁ କେଉଁ ଚାଷୀ କେତେ ଚାଷୀ କଣ ଲାଭ ପାଇଛନ୍ତି ?

----

## ବେ - ଆଇନ ଭାବେ ୫ ରୁ ୭ କିଲୋ ଧାନ କାଟିବା

2608 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ମଣ୍ଡିଗୁଡ଼ିକରେ ମିଲରମାନେ ବେଆଇନ ଭାବେ କୁଇଣ୍ଟାଲ ପିଛା ୫ ରୁ ୭ କିଲୋ ଧାନ କାଟୁଥିବା ବେଳେ ଏହାକୁ ରୋକିବା ପାଇଁ କେତେ ଜଣ ମାନ ନିର୍ଦ୍ଧାରଣ ଅଧିକାରୀ (Quality Control Officers) ନିୟୋଜିତ ହୋଇଛନ୍ତି, ଅନ୍ୟାୟ ଭାବେ ଧାନ କାଟୁଥିବା କିମ୍ବା ଧାନ ଉଠାଇବାକୁ ମନା କରୁଥିବା କଥା ସତ୍ୟ କି ?

----

## ମଣ୍ଡି ଅଚଳାବସ୍ଥା ଯୋଗୁଁ ଚାଷୀ ହତସନ୍ତ

2609 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଙ୍ଗାଲି ଅଞ୍ଚଳରେ ମଣ୍ଡି ଅଚଳାବସ୍ଥା ଯୋଗୁଁ ଚାଷୀମାନେ କୁଇଣ୍ଟାଲ ପିଛା ମାତ୍ର ୧,୭୦୦ ରୁ ୧,୯୦୦ ଟଙ୍କାରେ ଦଲାଲଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି, ଚଳିତ ଖରିଫ ଋତୁ ପାଇଁ ପ୍ରତିଶ୍ରୁତି ମୁତାବକ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ସବସିଡି (Input Subsidy) ପ୍ରଦାନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ଏବଂ ଆଜିସୁଦ୍ଧା ସମ୍ବଲପୁର ଜିଲ୍ଲାର କେତେ ଜଣ ଚାଷୀ ଏହି ସୁବିଧା ପାଇଛନ୍ତି ?

----

## ବେଆଇନ କଟନୀ ଛଟନୀ

2610 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ଦ୍ୱାରା କରାଯାଉଥିବା ବେଆଇନ 'କଟ୍‌ନୀ-ଛଟନୀ' ରୋକିବା ପାଇଁ ସରକାର କି କି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ରାଜ୍ୟର ବିଭିନ୍ନ ମଣ୍ଡିରେ ଓଜନ ମାପରେ ହେଉଥିବା ତ୍ରୁଟି ଯୋଗୁଁ ଚାଷୀମାନେ କ୍ଷତି ସହୁଥିବା କଥା ସରକାରଙ୍କ ଅବଗତିରେ ଅଛି କି, ଗତ ଦୁଇ ବର୍ଷ ମଧ୍ୟରେ ଓଜନ ଠକେଇ ଏବଂ ବେଆଇନ ଧାନ କାଟିବା ଅଭିଯୋଗରେ କେତେଜଣ ମିଲର ଏବଂ ସମବାୟ ସମିତି କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯାଇଛି?

----

## Detected duplicate, ineligible or fake farmer

2611 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the Government has detected duplicate, ineligible or fake farmer entries in the State beneficiary databases under various agriculture schemes during the last three years; (b) the total number of such entries identified and removed scheme-wise and district-wise; the verification mechanism followed, including whether field verification is done only at the time of application or also through post-sanction cross-verification; and the steps taken to ensure periodic re-verification to prevent recurrence of bogus beneficiaries?

----

## Current status of e-KYC verification

2612 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the current status regarding the completion of the e-KYC verification process for all beneficiaries under the Public Distribution System (PDS), (b) What specific impact has been observed following the halting of free PDS rice supplies to over 15 lakh beneficiaries who failed to complete the e-KYC, and What effective measures have been deployed to ensure that genuine, vulnerable beneficiaries (including the sick, elderly, and those in remote areas) are not permanently excluded from their rightful food entitlement due to technical issues or lack of awareness ?

----

## ଖରିଫ ଧାନ ସଂଗ୍ରହର ଲକ୍ଷ ଧାର୍ଯ୍ୟ

2613 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ଖରିଫ ଧାନ ସଂଗ୍ରହ ସିଜିନରେ କେଉଁ ଜିଲ୍ଲାରେ କେତେ ପରିମାଣର ଧାନ ସଂଗ୍ରହ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି, ଓ ସେଥିରୁ ଅଦ୍ୟାବଧି କେତେ ପରିମାଣର ଧାନ କୁଇଣ୍ଟାଲ ପିଛା କେତେ ଟଙ୍କା ହିସାବରେ ସଂଗ୍ରହ କରାଯାଇଅଛି, ଅବଶିଷ୍ଟ ଧାନ କେବେସୁଦ୍ଧା ସଂଗ୍ରହ କରାଯିବ ପ୍ରକାଶ କରିବେ କି, ୧୫୦ କୁଇଣ୍ଟାଲ ପରେ ଅଧିକ ଧାନ ବିକ୍ରୟ କରୁଥିବା ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବଦଳରେ ୨୩୬୯ ଟଙ୍କା ଦେବା ପାଇଁ ସ୍ଥିର କରିଥିଲେ ତାହା କେଉଁ ଆଧାରରେ କରଯାଇଛି ?

----

## ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ

2614 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉନ୍ନତ କୃଷି ପ୍ରଣାଳୀ, ବୈଷୟିକ ଜ୍ଞାନ କୌଶଳ ଓ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟାପକ ପ୍ରୟୋଗ ସହ ଧାନ ଅମଳ ବୃଦ୍ଧି କରିବାପାଇଁ ସରକାର ଲକ୍ଷ ରଖିଥିଲେ ଏ ଦିଗରେ କି ଠୋସ ପଦକ୍ଷେପ ନେଇଛନ୍ତି; ଖରିଫ ଋତୁରେ ଏକ ଏକର ଜମିରୁ କେତେ କେତେ ପରିମାଣର ଧାନ ଅମଳ କରିବା ପାଇଁ ଲକ୍ଷ ରଖିଛନ୍ତି ଓ ଏବେ ଆଭରେଜ କେତେ ପରିମାଣର ଧାନ ଅମଳ ହେଉଛି, ମଜୁରି, ବିହନ ଓ ଅନ୍ୟାନ୍ୟ ଇନପୁଟ ବାବଦକୁ ଏକର ପିଛା କେତେ ଟଙ୍କା ଖର୍ଚ୍ଚ ହେଉଅଛି ?

----

## ସୁଲଭ ମୂଲ୍ୟରେ କିରୋସିନି ଯୋଗାଇବା

2615 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଦ୍ୟୁତ୍ ସଂଯୋଗ ନଥିବା ଗ୍ରାମ ଓ ଜନପଦ ମାନଙ୍କରେ ବାସ କରୁଥିବା କେତେ ପରିବାର ଚିହ୍ନଟ ହୋଇଛନ୍ତି, ସେହି ପରିବାର ମାନଙ୍କୁ ସୁଲଭ ମୂଲ୍ୟରେ କିରାସିନି ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ପରୀକ୍ଷଣ

2616 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ଜିଲ୍ଲାରୁ ବାର୍ଷିକ କେତେ ଦୁଗ୍ଧ ଉତ୍ପାଦିତ ହେଉଛି, ଏହି ଉତ୍ପାଦିତ ଦୁଗ୍ଧକୁ ବିଶୋଧିକରଣ ଓ ପ୍ରକ୍ରିୟାକରଣ କରାଯାଇ କେଉଁ ଘରୋଇ ସଂସ୍ଥା ଓ ଓମ୍ଫେଡ୍ ତରଫରୁ ବିଗତ ତିନି ବର୍ଷରେ କେତେ ଲିଟର ଦୁଗ୍ଧ, ଛେନା, ଦହି, ପନିର ଓ ଅନ୍ୟ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରାଯାଇ ବିକ୍ରୟ କରାଯାଇଛି, ପ୍ରକାଶ କରି ଘରୋଇ ସଂସ୍ଥାମାନଙ୍କ ଦ୍ୱାରା ବିକ୍ରୟ କରାଯାଉଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନକ ପରୀକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଅଛି ?

----

## ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀଙ୍କୁ ସାମିଲ

2617 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ବିଭାଗ ଚଳିତ ମାସ ୧୮ ତାରିଖରେ ସାରା ଦେଶରୁ ୨ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରୁ ବାଦ୍ ଦେଇଛନ୍ତି, ଏହି ତଥ୍ୟ ଅନୁଯାୟୀ ରାଜ୍ୟର କେତେଜଣ ହିତାଧିକାରୀ ବାଦ୍ ପଡିଛନ୍ତି, ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ, (ଖ) ନୂଆପଡା ଉପ-ନିର୍ବାଚନ ଅବ୍ୟବାହିତ ପୂର୍ବରୁ ରାଜ୍ୟ ସରକାର ଇ-କେୱାସିର ଅବଧି ବୃଦ୍ଧି କରିଛନ୍ତି, ଏହି ଅବଧି ବୃଦ୍ଧି କରିବାର ପ୍ରକୃତ କାରଣ କ'ଣ, ବର୍ତ୍ତମାନ ଦିଆଯାଇଥିବା ବର୍ଦ୍ଧିତ ଅବଧି ପରେ ଇ-କେୱାସି କରି ନ ଥିବା ହିତାକାରୀଙ୍କୁ ସଂପୂର୍ଣ ରୂପେ ବାଦ୍ ଦିଆଯିବ କି, ବାଦ୍ ଦିଆଯିବା ପରେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଯେଉଁମାନେ ଉପଯୁକ୍ତ ଏବଂ ଗ୍ରହଣୀୟ କୌଣସି କାର୍ଯ୍ୟ ପାଇଁ କେୱାସି କରିପାରି ନାହାନ୍ତି, ସେମାନଙ୍କୁ ପୁନର୍ବାର ସାମିଲ୍ କରାଯାଇ ପାରିବ କି, ଆଠଗଡ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେତେ ହିତାଧିକାରି ଜାତୀୟ ଖାଦ୍ୟ ସୁରକ୍ଷା / SFSS ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ କେତେ ନୂତନ ଭାବେ ଯୋଗ ହେବା ପାଇଁ ଆବେଦନ କରିଛନ୍ତି ଏବଂ ସେମାନଙ୍କୁ କେବେସୁଦ୍ଧା ଏଥିରେ ସାମିଲ କରାଯିବ ?

----

## ଧାନ କିଣିବା ପାଇଁ ଯୋଜନା

2618 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ରାଜ୍ୟରେ ସମୁଦାୟ କେତେଗୋଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଧାନ କିଣିବା ପାଇଁ ସରକାର ଯୋଜନା କରିଥିଲେ ଏବଂ ସେଥିରୁ କେତେଗୋଟି ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ ଚାଲିଛି ଏବଂ କେତେଗୋଟି ଧାନ ସଂଗ୍ରହ କେନ୍ଦ୍ର ଅଦ୍ୟାବଧି ଖୋଲା ଯାଇ ନାହିଁ, ଯଦି, କିଛି ଧାନ ସଂଗ୍ରହ କେନ୍ଦ୍ର ଖୋଲା ଯାଇ ନାହିଁ, ଏହାର କାରଣ କ'ଣ, ସେଠାରେ ଚାଷୀମାନଙ୍କ ଧାନ କିଣା ପାଇଁ କି ବିକଳ୍ପ ପଦକ୍ଷେପ ଗ୍ରହଣ କରାଯାଇଛି ତାର ସମସ୍ତ ବିବରଣୀ ଉପସ୍ଥାପନ କରିବେ କି, କଟନୀ ଛଟନି ନେଇ କେଉଁ ଜିଲ୍ଲାର ମଣ୍ଡିମାନଙ୍କରେ ଚାଷୀମାନଙ୍କ ଦ୍ୱାରା କି ସମସ୍ୟା ଦେଖାଦେଇଛି ଏବଂ ତାହାକୁ କିପରି ଭାବେ ବିଭାଗ ତରଫରୁ ସମାଧାନ କରାଯାଇ ଅଛି ?

----

## PM ଫସଲ ବୀମା ଯୋଜନାରେ ପ୍ରିମିୟମ ପ୍ରଦାନ

2619 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଓଡିଶାରେ କାର୍ଯ୍ୟ କରୁଥିବା କେଉଁ କେଉଁ ବୀମା କମ୍ପାନୀଙ୍କୁ ରାଜ୍ୟ ସରକାର ଏବଂ ଚାଷୀ ସର୍ବମୋଟ କେତେ ଟଙ୍କା ପ୍ରିମିୟମ ପ୍ରଦାନ କରିଛନ୍ତି, ଏହି ଟଙ୍କାରେ କେତେ ଜଣ ଚାଷୀ ସାମିଲ ହୋଇଛନ୍ତି, କେତେ ହେକ୍ଟର ଜମି ପାଇଁ ବୀମା ହୋଇଥିଲା, ଏହି ସମୟ ମଧ୍ୟରେ ଖରିଫ ଓ ରବି ଋତୁରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ ପାଇଁ କେତେ ଟଙ୍କାର କ୍ଷତି ପୂରଣ ବୀମା କମ୍ପାନୀମାନେ ପ୍ରଦାନ କରିଛନ୍ତି, ବୀମା କମ୍ପାନୀ-ୱାରୀ, ଋତୁ ୱାରୀ, ଜିଲ୍ଲାୱାରୀ ସବିଶେଷ ବିବରଣୀ ପ୍ରଦାନ କରିବା ସହ, (ଖ) ଚାଷୀମାନଙ୍କର ଉପଯୁକ୍ତ କ୍ଷୟକ୍ଷତି ଆଧାରରେ ବିଭାଗ ତରଫରୁ ଆକଳନ କରା ନ ଯାଉଥିବାରୁ ବିଭିନ୍ନ ସମୟରେ ଜିଲ୍ଲା ସ୍ତର ବୈଠକ ଗୁଡିକରେ ଏହା ଉପରେ ବିତର୍କ ହେଉଥିବାରୁ ଏହାର ସମାଧାନ ପାଇଁ ସରକାର କି ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଆସିକା ଚିନିକଳକୁ ସରକାରୀ ଅନୁଦାନ

2620 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ଅନେକ ବର୍ଷ ମଧ୍ୟରେ ଆସିକା ଚିନି ଶିଳ୍ପକୁ ବହୁ ପରିମାଣର ସରକାରୀ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି, କିନ୍ତୁ ଆଜିସୁଦ୍ଧା ଏହାର ଆଧୁନିକରଣ ହୋଇପାରୁ ନାହିଁ, ଯେପରିକି ଶିଳ୍ପ, ଗୋଦାମ, ହେଚ ଆର, ସମସ୍ତ କ୍ରୟ ଓ ବିକ୍ରୟର ଇ-ଟେଣ୍ଡର (ERP & Gem ଇତ୍ୟାଦି) ଫଳରେ ଅର୍ଥ ହେରଫେର ହେଉଥିବାର ଜଣା ଯାଉଛି ?

----

## ଆସିକା ଚିନିକଳରୁ ଚିନି ଉତ୍ପନ

2621 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪- ୨୫ ବର୍ଷରେ ଆସିକା ଚିନି ଶିଳ୍ପରୁ କେତେ ପରିମାଣର ଚିନି ଆଦାୟ ହୋଇଥିଲା, ଏକ ଟନ ଆଖୁରୁ ଆଦାୟ ହେଉଥିବା ଚିନି ପରିମାଣ ଯଥେଷ୍ଟ କି, ଯଦି ନୁହଁ, ତା'ହେଲେ ଏହାକୁ ବୃଦ୍ଧି କରିବା ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଉଛି ବା ଯାଇଛି, ବିଗତ ବର୍ଷ କେତେ ପରିମାଣର ଆଖୁ କ୍ରୟ କରାଯାଇଥିଲା କେଉଁ କେଉଁ ବ୍ଲକରୁ କେତେ ପରିମାଣର ଆଖୁ କ୍ରୟ କରାଯାଇଥିଲା ଏବଂ ସମସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଠିକ ସମୟରେ ଦେୟ କରାଯାଇଛି କି, ଚାଷୀ ଆଖୁ ଚାଷ କରିବାରେ କୁଣ୍ଠା ହେଉଛନ୍ତି କି, ଯଦି ହଁ, ଏହାର କାରଣ କଣ ?

----

## ପ୍ରତି ପଞ୍ଚାୟତକୁ ଏକ ସମବାୟ ସୋସାଇଟି କରିବା

2622 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମବାୟ ବିଭାଗକୁ ସୁଦୃଢ କରିବା ନିମନ୍ତେ ପ୍ରତି ପଞ୍ଚାୟତକୁ ଏକ ସମବାୟ ସୋସାଇଟୀ କରିବାର ଯୋଜନା କରାଯାଇଥିଲା ତାହାର ଅଗ୍ରଗତି ବିଷୟରେ ସରକାର ଜଣାଇବେ କି?

----

## କମ ଦରରେ ବାହାର ରାଜ୍ୟକୁ ବିଦ୍ୟୁତ ବିକ୍ରି

2623 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚାହିଦା ଅନୁଯାଇ ବିଦ୍ୟୁତ ଉତ୍ପାଦନ କେତେ ମେଗାୱାଟ ହେଉଛି ; ଏହା ସତ୍ୟ କି ଯେ, ଚାହିଦା ଅନୁଯାଇ ବିଦ୍ୟୁତ ଶକ୍ତି ଉତ୍ପାଦନ ନ ହେଲେ ମଧ୍ୟ ବିଦ୍ୟୁତ ଶକ୍ତି ବଳକା ହେଉଛି ତଥାପି ଆମ ରାଜ୍ୟ ବାହାର ରାଜ୍ୟକୁ କମ ଦରରେ ବିକ୍ରି କରୁଛୁ ; ଏହା ସତ୍ୟ କି ଯଦି ହଁ ଏହାର କାରଣ କଣ?

----

## କୃଷକଙ୍କ ସଂଖ୍ୟା

2624 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମୋଟ କୃଷକମାନଙ୍କ ସଂଖ୍ୟା କେତେ ଏବଂ ଏବେ ସେମାନଙ୍କ ବାର୍ଷିକ ଆୟ କେତେ ରହିଛି ; ତାହାର 5 ବର୍ଷର ରାଜ୍ୟ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ; ବିଗତ 2 ବର୍ଷ ମଧ୍ୟରେ ରାଜ୍ୟରେ କୃଷକମାନଙ୍କ ହାରାହାରି ଆୟ କେତେ ବଢିଛି ; ତାହାର କିଛି ଆକଳନ କରାଯାଇଛି କି?

----

## ବାହାର ରାଜ୍ୟରୁ ଆଳୁ ଆମଦାନୀ

2625 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଆଳୁ ଚାହିଦା ମେଣ୍ଟାଇବା ପାଇଁ ପ୍ରତିବର୍ଷ କେତେ ଆଳୁର ଆବଶ୍ୟକତା ରହିଛି ; ସେଥିରୁ କେତେ ଆଳୁ ଉତ୍ପାଦନ ହେଉଛି ତାହାର 5 ବର୍ଷର ବିବରଣୀ ପ୍ରଦାନ କରିବେ କି ; ଆବଶ୍ୟକ ହେଉଥିବା ଆଳୁ କେଉଁ କେଉଁ ରାଜ୍ୟରୁ ଆମଦାନି କରାଯାଉଛି ଓ ତାହାର ପରିମାଣ କେତେ?

----

**ପ୍ରତି ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ**

2626 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ସବୁ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଅନୁସାରେ ବର୍ତ୍ତମାନ ସୁଦ୍ଧା କେତୋଟି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ ହୋଇଛି ଜଣାଇବେ କି ; କେତୋଟି ବ୍ଲକରେ ଏଥିପାଇଁ କେତେଜଣ apply କରିଛନ୍ତି ଓ କେତୋଟି ସ୍ଥାନରେ ଜମି ଚିହ୍ନଟ ହୋଇଛି ଓ ଋଣ ମଂଜୁର ହୋଇଛି ; ଶୀତଳଭଣ୍ଡାର ନିର୍ମାଣ ଆରମ୍ଭ ହୋଇଛି ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି?

----

**ବିଦ୍ୟୁତ ଗ୍ରାହକ ଉପରେ ହୋଇଥିବା ଜୋରିମାନା**

2627 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ TPCODL, TPNODL, TPSODL ଏବଂ TOWODL ମାଧ୍ୟମରେ enforcement team ଦ୍ୱାରା ବିଦ୍ୟୁତ୍ ଗ୍ରାହକମାନଙ୍କ ଉପରେ କରାଯାଉଥିବା ଜୋରିମାନା ଏବଂ ଜୋରିମାନା ବାବଦକୁ ଆଦାୟ ହେଉଥିବା ରାଶି କେତେ ପରିମାଣ ଅର୍ଥ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ enforcement ବାବଦକୁ ମୋଟ କେତେ ଅର୍ଥ ବିନିଯୋଗ କରାଯାଇଛି?

----

**ଗ୍ରାହକଙ୍କ ଠାରୁ ଆଦାୟ ହେଉଥିବା Meter Rent**

2628 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ 2014-15 ଠାରୁ 2023-24 ପର୍ଯ୍ୟନ୍ତ per unit ପିଛା କେତେ ମୂଲ୍ୟ ଥିଲା ଏବଂ ବର୍ତ୍ତମାନ କେତେ ଅଛି ତାହାର ଏକ ତାଲିକା ପ୍ରଦାନ କରିବେ କି ; ଏବଂ 2014-15 ଠାରୁ 2023-24 ପର୍ଯ୍ୟନ୍ତ ଶକ୍ତି ବିଭାଗ ଦ୍ୱାରା ବସାଯାଉଥିବା meter ର ଦାମ୍ କେତେଥିଲା ; ବର୍ତ୍ତମାନ କେତେ ଅଛି ; ଗ୍ରାହକଙ୍କ ଠାରୁ meter ର ଅର୍ଥ କେଉଁ ହାରରେ ଏବଂ କେତେ ଦିନ ପର୍ଯ୍ୟନ୍ତ ଆଦାୟ କରାଯାଉଛି?

----

**ଚୋରୀ ହୋଇଥିବା ବିଦ୍ୟୁତ ସାମଗ୍ରୀ ଜବତ୍**

2629 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ଶକ୍ତି ବିଭାଗରେ 2024 ରୁ ଦାୟିତ୍ୱରେ ଥିବା ସରକାର ଆସିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ତାର, ଖୁଣ୍ଟ ଏବଂ Transformer ଚୋରି ହୋଇଛି ତାହାର ଏକ ତାଲିକା ନିର୍ବାଚନ ମଣ୍ଡଳୀୱାରୀ ପ୍ରଦାନ କରିବେ କି ; ଏବଂ ବର୍ତ୍ତମାନ ସୁଦ୍ଧା କେତେ ଚୋରୀ ହୋଇଥିବା ସାମଗ୍ରୀ ଜବତ ହୋଇଛି?

----

**କୃଷିଯନ୍ତ୍ରପାତି ଯୋଗାଇବା**

2630 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଗତ ଖରିଫ ଋତୁରେ ଚାଷୀମାନଙ୍କ ପାଇଁ କେତେ କୃଷିଋଣ କେତେ ପମ୍ପସେଟ ଏବଂ ଅନ୍ୟାନ୍ୟ କୃଷି ଉପକରଣ କୃଷକମାନଙ୍କୁ ଯୋଗାଇ ଦିଆଯାଇଥିଲା ; ଆଗାମୀ ରବି ଫସଲକୁ ଆଖି ଆଗରେ ରଖି କୃଷକମାନଙ୍କୁ କେତେ ଚାଷ ଋଣ ଓ କି କି ପ୍ରକାର କୃଷି ଯନ୍ତ୍ରପାତି ଦେବା ପାଇଁ ସରକାର ସ୍ଥିର କରିଛନ୍ତି?

----

**ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ କାର୍ଡ଼ ବଣ୍ଟନ**

2631 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତୋଦ୍ଦୟ,ଅନ୍ନପୂର୍ଣ୍ଣା ଯୋଜନାରେ କେତେଜଣ ବ୍ୟକ୍ତିଙ୍କୁ ଯୋଜନାରେ ଖାଉଟି କାର୍ଡ ବଣ୍ଟା ଯାଇଅଛି ; (ଖ) ଚଳିତ ଆର୍ଥିକ ବର୍ଷରେ ଅନ୍ନପୂର୍ଣ୍ଣା ଏବଂ ଅନ୍ତୋଦ୍ଦୟ କାର୍ଡ କେତେ ଲୋକଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ କେବେ ସୁଦ୍ଧା ଖାଉଟି କାର୍ଡ ଦିଆଯିବ?

----

**ପଶୁ ଚିକିତ୍ସା କେନ୍ଦ୍ରର (VS) ନିଯୁକ୍ତି**

2632 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ କେତେ ଜଣ ହିତାଧିକାରୀଙ୍କୁ ଦୁଧିଆଳୀ ଗାଈ ଦେବା ପାଇଁ ଚିହ୍ନଟ କରିଛନ୍ତି ସେମାନଙ୍କୁ କେତୋଟି ଲେଖାଏଁ ଦୁଧିଆଳି ଗାଈ କେବେ ସୁଦ୍ଧା ଦେବା ପାଇଁ ସରକାର ନିଷ୍ପତି ନେଇଛନ୍ତି ; (ଖ) କେନ୍ଦୁଝର ଜିଲ୍ଲାରେ ପଶୁ ଚିକିତ୍ସା କେନ୍ଦ୍ରରେ ଡାକ୍ତର (VS) ଓ ପାରା ମେଡିକାଲ ଷ୍ଟାଫ ନ ଥିବା ସତ୍ୟ କି, ଯଦି ସତ୍ୟ ଅଟେ ତା ହେଲେ ପ୍ରତ୍ୟେକ ପଶୁ ଡାକ୍ତର ଖାନାକୁ ଡାକ୍ତର(VS) ସହିତ ଓ ପାରା ମେଡିକାଲ ଷ୍ଟାଫ ଯୋଗାଇ ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

**ମତ୍ସ୍ୟଚାଷ ନିମିତ ଋଣ ପ୍ରଦାନ**

2633 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କେତେ ଜଣ ହିତାଧିକାରୀଙ୍କୁ ମତ୍ସ୍ୟଚାଷ ନିମିତ୍ତ କେତେ ଋଣ ପ୍ରଦାନ କରାଯାଇ ପୋଖରୀ ଖନନ ବ୍ୟବସ୍ଥା ସହ ମାଛ ଜାଆଁଳ ସୁବିଧା ପ୍ରଦାନ କରାଯାଇଛି , ବିଗତ ତିନିବର୍ଷରେ ଏଠାରୁ କେତେ ମାଛ ଉତ୍ପାଦିତ ହୋଇଛି ବାଙ୍କୀ ଅଞ୍ଚଳରେ ମାଛ ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ବାଙ୍କୀ ଅଞ୍ଚଳରେ ଶୀତଳ ଭଣ୍ଡାର ସ୍ଥାପନ**

2634 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ଅଞ୍ଚଳରୁ ବ୍ୟାପକ ପନିପରିବା ଉତ୍ପାଦିନ ହେଉଥିବାବେଳେ ତାହାକୁ ସଂରକ୍ଷିତ କରି ରଖିବାକୁ ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଉତ୍ପାଦନ ସମୟରେ ଅଭାବୀ ବିକ୍ରୀର ସମ୍ମୁଖୀନ ହେବା ସହ ସ୍ୱଳ୍ପମୂଲ୍ୟରେ ବିକିବାକୁ ବାଧ୍ୟ ହେଉଥିବା ପରିପ୍ରେକ୍ଷୀରେ ବାରଙ୍ଗ, ବାଙ୍କୀ ଓ ଡ଼ମପଡ଼ା ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**କରଞ୍ଜିଆ ବ୍ଲକର ଶୀତଳ ଭଣ୍ଡାର ସ୍ଥାପନ**

2635 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀର ଠାକୁରମୁଣ୍ଡା ଓ କରଞ୍ଜିଆ ବ୍ଲକରେ ଶୀତଳ ଭଣ୍ଡାର ପ୍ରସ୍ତୁତ କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇଅଛି କି, ଯଦି ହଁ ତେବେ ଏହା କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

**ଫସଲବୀମା ଯୋଜନାର ଚାଷୀ ଲାଭାନ୍ୱିତ**

2636 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ PMFBY ( ଫସଲବୀମା) ଯୋଜନାରେ କେତେ ଚାଷୀ ଲାଭାନ୍ୱିତ ହୋଇଛନ୍ତି ?

----

**ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ରେ ସାମିଲ**

2637 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ ପାଇନଥିବା ପରିବାର ସଂଖ୍ୟା କେତେ ଓ ସେମାନଙ୍କୁ କେବେ ସାମିଲ କରାଯିବ ?

----

**ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବାକୁ ପଦକ୍ଷେପ**

2638 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ସର୍ବାଧିକ ନମ୍ବର ୧ ମତ୍ସ୍ୟ ଉତ୍ପାଦନ କରୁଥିବା ଜିଲ୍ଲା ବାଲେଶ୍ୱରଠାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ନ ଖୋଲିବାର କାରଣ କଣ ; ଯେଉଁ ଜିଲ୍ଲା ଚୟନ ହୋଇଛି ତାହାର ଆଧାର କଣ, ନିୟମାବଳୀ କଣ ; ବାଲେଶ୍ୱର ତଥା ଉତ୍ତର ଓଡିଶା ଲୋକଙ୍କ ଚାହିଦାକୁ ଆଖିରେ ରଖି ଏକ ନୂତନ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ପାଇଁ ସରକାର ବିଚାର କରିବେ କି ; ଯଦି ପ୍ରସ୍ତାବ ଆସି ନାହିଁ ବୋଲି କହିବେ ତେବେ ସରକାର ନିଜ ଆଡୁ ପ୍ରସ୍ତାବ ଦେଇ ଏହାକୁ କାର୍ଯ୍ୟକାରୀ କରିବେ କି ?

----

**ଧାନ ଉଠାଇବା ସମ୍ପର୍କରେ**

2639 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଚଳିତ ଖରିଫ ପାଇଁ କେତେ କଣ ଚାଷୀ Token ପାଇଥିଲେ ଏବଂ ସେଥିମଧ୍ୟରୁ ଅଦ୍ୟାବଧି କେତେଜଣ ଧାନ ବିକ୍ରି କରିଛନ୍ତି; ଧାର୍ଯ୍ୟ ଲକ୍ଷ୍ୟ କେତେ ଥିଲା ଏବଂ ଏଯାବତ୍ ବିକ୍ରି ହୋଇଛି କେତେ; ଏହି ମର୍ମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ PACS ଅନୁଯାୟୀ ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ ସମବାୟ ସମିତି ୱାରୀ ଆବଣ୍ଟିତ ମିଲ ଟାର୍ଗେଟ ଅନୁଯାଇ ଧାନ ମଣ୍ଡିରୁ ଧାନ ନଉଠାଇବାର କାରଣ କଣ ; Miller ୱାରୀ କାହାର କେତେ ଚାଉଳ ଗଚ୍ଛିତ ଅଛି ଓ କେତେ ଲିଫ୍ଟ ହୋଇଛି ଏବଂ ଗଚ୍ଛିତ ଚାଉଳ କିପରି disposal ହେବ?

----

**ଅପରେସନ୍ ଗୋ ରକ୍ଷା**

2640 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅପରେସନ୍ ଗୋ ରକ୍ଷା ମାଧ୍ୟମରେ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ଅଞ୍ଚଳରୁ କେତେଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ ହୋଇଛନ୍ତି, ଆହୁରି କେତେ ସଂଖ୍ୟକ ଗୋ ଚାଲାଣକାରୀ/ସହଯୋଗୀଙ୍କୁ ଗିରଫ କରିବାର ଯୋଜନା ଅଛି କି, ସେହି ଅପରାଧୀମାନେ ମୂଖ୍ୟତଃ କେଉଁ ରାଜ୍ୟମାନଙ୍କୁ ଗୋ ଚାଲାଣ କରିଥାନ୍ତି, ଯେଉଁ ବିକ୍ରେତାମାନେ ଟଙ୍କା ଲୋଭରେ ଗୋମାତାଙ୍କୁ ଏଭଳି ବିକ୍ରୀ କରୁଥିବା ଲୋକମାନଙ୍କୁ ଅଧିକ ମାତ୍ରାରେ ଦଣ୍ଡ ବିଧାନ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବେ କି ?

----

**ଧାନ କ୍ରୟ ସମ୍ପର୍କରେ**

2641 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର କେଉଁ ମାନ ଦଣ୍ଡକୁ ଭିତ୍ତି କରି ଅତିବେଶିରେ 150 କ୍ୱିଣ୍ଟାଲ୍ ଧାନ ଜଣେ ଚାଷୀଠାରୁ ଟ.3100.00 ରେ କିଣିବାକୁ ଧାର୍ଯ୍ୟ କରିଛନ୍ତି, ଯେଉଁ ଚାଷୀମାନେ 150 କ୍ୱିଣ୍ଟାଲରୁ ଅଧିକ ଅମଳ କରୁଛନ୍ତି ସେହି ଅଧିକ ଧାନକୁ ସରକାର କ୍ରୟ କରିବେ କି, ଓଡିଶାର ଚାଷୀଙ୍କ ପାଖରେ 150 କ୍ୱିଣ୍ଟାଲରୁ ଅଧିକ ଅମଳ/ଉତ୍ପାଦନ ହୋଇପାରୁଥିବା ଜମି ଅଛି କି ନାହିଁ, ଏହିଭଳି ଚାଷୀଙ୍କ ସଂଖ୍ୟା କେତେ ଏବଂ ସର୍ବମୋଟ 150 କ୍ୱିଣ୍ଟାଲ୍ ଧାନ ଅମଳ କରିପାରୁଥିବା ଚାଷୀଙ୍କ ସଂଖ୍ୟା କେତେ ?

----

**ବୀମା ପ୍ରଦାନ**

2642 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କୃଷକମାନେ ପ୍ରମିୟମ୍ ଦେଇଥିବା ସତ୍ତ୍ୱେ ବୀମା ସେଟଲମେଣ୍ଟରେ ବିଳମ୍ବ ଓ ଅସମନ୍ୱୟ ଦେଖାଯାଉଛି, ସରକାରଙ୍କ ପାଖରେ ଏହି ସମ୍ବନ୍ଧୀୟ ଜିଲ୍ଲାଭିତ୍ତିକ ତଥ୍ୟ ଅଛି କି, (ଖ) କେଉଁ ଜିଲ୍ଲାରେ କେତେ ପ୍ରିମିୟମ୍ ସଂଗ୍ରହ ହୋଇଛି ଓ କେତେ ରାଶି ସେଟଲମେଣ୍ଟ ହୋଇଛି ତାହାର ଜିଲ୍ଲାୱାରୀ ତଥ୍ୟ ଜଣାଇବେ କି, କୃଷକଙ୍କୁ ଯଥା ସମୟରେ ନ୍ୟାୟସଙ୍ଗତ ବୀମା ଦେବା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

**ରାସନ କାର୍ଡ ପ୍ରଦାନ**

2643 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ 2013 ଅନୁଯାୟୀ ସୁନ୍ଦରଗଡ ଜିଲ୍ଲାରେ କେତେ ସଂଖ୍ୟକ ଆବେଦନକାରୀ ଉପଭୋକ୍ତାଙ୍କୁ ରାସନ କାର୍ଡ ଅଦ୍ୟାବଧି ପ୍ରଦାନ କରାଯାଇନାହିଁ ତାର ବ୍ଲକୱାରୀ ଏକ ବିବରଣୀ ପ୍ରଦାନ କରିବା ସହ ସୁନ୍ଦରଗଡ ଜିଲ୍ଲାରେ କେତେ ସଂଖ୍ୟକ ହିତାଧିକାରୀ ମୃତ୍ୟୁବରଣ କରିଛନ୍ତି ସେମାନଙ୍କର ନାମ ତାଲିକାରୁ ବାଦ ହୋଇଛି କି ନାହିଁ ସେ ସମ୍ପର୍କିତ ଅନୁସନ୍ଧାନ ହୋଇଛି କି ?

----

**ଦୁର୍ନିତୀ ରୋକିବାକୁ ପଦକ୍ଷେପ**

2644 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତୋଟି ପ୍ରାଥମିକ ସେବା ସମବାୟ ଅଛି, ଚାଷୀଙ୍କ ଠାରୁ ଦସ୍ତଖତ ଓ ଟିପ ଚିହ୍ନ ନେଇ ବ୍ୟାପକ ଦୁର୍ନୀତୀ ଓ ହରିଲୁଟ୍ ବିଷୟ ସରକାରଙ୍କର ଦୃଷ୍ଟିକୁ ଆସିଛି କି, ଏହା ରୋକିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

**କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କରେ**

2645 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭାଗ ପତ୍ର ନମ୍ବର 207 ତା.02.01.2026 ଅନୁସାରେ ଜିଲ୍ଲାରେ କାର୍ଯ୍ୟରତ ଓଡିଶା ସିଭିଲ୍ ସପ୍ଲାଏ ମିନିଷ୍ଟ୍ରିଏଲ୍ ଜିଲ୍ଲା କର୍ମଚାରୀମାନଙ୍କର ପ୍ରୋମୋସନ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏହି କର୍ମଚାରୀମାନଙ୍କୁ କିଏ ପ୍ରମୋସନ ଦେବ ଓ ଏହି କର୍ମଚାରୀନଙ୍କୁ କେବେ ସୁଦ୍ଧା ପ୍ରମୋସନ ଦିଆଯିବ ?

----

**Enhancement of Income**

2646 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government state the extent of budget utilization by the Agriculture & Farmers' Empowerment Department during the current financial year and the district-wise progress of major schemes aimed at climate-resilient agriculture and farmer income enhancement ?

----

**Budget allocation for Energy Department**

2647 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. state the reasons for any delay in utilization of budgetary allocations in the Energy Department and outline the progress made in expanding reliable and renewable power supply, particularly in rural and agricultural sectors ?

----

**କୃଷିଜାତ ସାମଗ୍ରୀ ବଣ୍ଟନ**

2648 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଡିକିଟି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡିକିଟି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ଚାଷୀମାନଙ୍କୁ ସରକାରଙ୍କଦ୍ୱାରା ବିଭିନ୍ନ କୃଷିଜାତ ସାମଗ୍ରୀ ବଣ୍ଟନ କରିବା ପାଇଁ ବିଭିନ୍ନ ସମୟରେ ଆସିଥାଏ କିନ୍ତୁ ଏହା ଠିକ୍ ଭାବେ ବଣ୍ଟନ ହୋଇପାରୁନଥିବା ଅଭିଯୋଗ ଆସୁଅଛି, ସମସ୍ତଙ୍କୁ ଠିକ୍ ଭାବେ ଏସବୁ ଜିନିଷ ମିଳିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ କି ?

----

**ନୂତନ SHG ଙ୍କୁ ସୁଯୋଗ ପ୍ରଦାନ**

2649 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଡିକିଟି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡିକିଟି ନିର୍ବାଚନ ମଣ୍ଡଳୀ ତଥା ଅନ୍ୟ ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କୁ ବଣ୍ଟାଯାଉଥିବା ଖାଉଟି ସାମଗ୍ରୀ ବିଭିନ୍ନ SHG Group ମାନଙ୍କ ଦ୍ୱାରା ଦୀର୍ଘବର୍ଷ ଧରି ବଣ୍ଟନ କରାଯାଉଅଛି ଉକ୍ତ ସାମଗ୍ରୀ ସେମାନଙ୍କ ଦ୍ୱାରା ଠିକଭାବେ ବଣ୍ଟାନଯାଉଥିବା ଅଭିଯୋଗ ଆସୁଅଛି ତେଣୁ ଏସବୁର ତଦନ୍ତ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ କି ଏସବୁର ସମାଧାନ ପାଇଁ ପୂର୍ବ SHG Group ମାନଙ୍କୁ ହଟାଇ ଏହା ପଞ୍ଚାୟତ କିମ୍ବା ଅନ୍ୟ ନୂତନ SHG Group ମାନଙ୍କୁ ଦେବେ କି ?

----

**PEG ଗୋଦାମ ଗୃହରେ ଚାଉଳ ସଂରକ୍ଷଣ**

2650 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ ଚାଷୀଙ୍କଠାରୁ କିଣାଯାଉଥିବା ଧାନ ସଂରକ୍ଷିତ ରଖିବାପାଇଁ କେତୋଟି ସରକାରୀ ଗୋଦାମ ଘର ଅଛି ଓ ସେହିସବୁ ଗୋଦାମ ଘରେ କେତେ ପରିମାଣରେ ଧାନ, ଚାଉଳ ସଂଗ୍ରହ ହୋଇ ରହୁଛି, ଏହି ଜିଲ୍ଲାରେ PEG ଗୋଦାମ ଗୃହ Nuagon Block ରେ ଅଛି କି ଏହି ଗୋଦାମ ଗୃହଟି ସରକାରୀ ନା ବେସରକାରୀ PEG ଗୋଦାମରେ ସରକାରୀ ଚାଉଳ ରଖାଯାଉଛି କି, ଯଦି ହଁ କେତେ ଚାଉଳ ସଂରକ୍ଷିତ ସେଠାରେ ରଖୁଛନ୍ତି ?

----

**ଉଦ୍ୟାନ ସାଥୀଙ୍କୁ ମାନଙ୍କୁ ସ୍ଥାୟୀ ନିଯୁକ୍ତି**

2651 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦ୍ୟାନ ସାଥୀ ମାନେ ଦୀର୍ଘ 15 ବର୍ଷ ଧରି ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ନଥିବାର କାରଣ କଣ ପୂର୍ବ ସରକାର 2023 ରେ ଉଦ୍ୟାନସାଥୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ନେଇଥିବା ପଦକ୍ଷେପକୁ ପୁରଣ କରାଯାଉ ନଥିବାର କାରଣ କଣ, ଉଦ୍ୟାନ ବିଭାଗରେ କର୍ମଚାରୀମାନଙ୍କର ଘୋର ଅଭାବ (Difficult) ଥାଇ ମଧ୍ୟ ସମସ୍ତ କାମ କରୁଥିବା ଉଦ୍ୟାନ ସାଥୀ ମାନଙ୍କୁ ହଇରାଣ କରାଯିବା କେତେଦୂର ଠିକ ଓ ଚାଷୀମାନଙ୍କର ସମସ୍ତ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ

----

**Receiving Central PM Kisan Yojana**

2652 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under the present Government, agriculture and allied sector allocation has been raised by nearly 37% 2024-21 2024-25 with clear emphasis on "Annadata", and a new CM-Kisan linkage with PM-Kisan has been eov announced to give direct benefit to all eligible farmers, Can the Govt state how many farmers in Puri district and Satyabadi constituency are now receiving central PM-Kisan plus state CM-Kisan benefits and whether any genuine farmers were earlier left out under KALIA or faced irregular payments during the previous regime?

----

**Puri Fishers at trader mercy**

2653 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Former Govt. neglected cold chain and market infrastructure despite PMMSY's ₹1,264 crore Odisha present o allocation, leaving Puri fishers at trader mercy, now present Govt. has fast-tracked 160 crore projects like Sambalpur 21014. aqua park and Bhubaneswar fish market. Will the Govt. confirm timelines for similar facilities in Puri/Satyabadi, quantify jobs created so far and detail how these address the previous government's failure to operationalise promised units ?

----

**ଆଧୁନିକ ପ୍ରଣାଳୀରେ ଚାଷ କରିବା**

2654 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଆଧୁନିକ ପ୍ରଣାଳୀରେ ଚାଷ କରି ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷକ ମାନଙ୍କୁ କି ପ୍ରକାର ତାଲିମ୍ ବ୍ୟବସ୍ଥା କରାଯାଇଛି ଜଣାଇବା ସହିତ ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବା ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**AAY ହିତାଧିକାରୀଙ୍କ ମୃତ୍ୟୁ**

2655 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY)ର ଶୁଭାରମ୍ଭ ସମୟରେ ଓଡ଼ିଶାରେ ହିତାଧିକାରୀଙ୍କ ସଂଖ୍ୟା କେତେ ଥିଲା ବର୍ତ୍ତମାନ କେତେ ଅଛି, ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାରେ କେତେ ଜଣ aay ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ଏବଂ ସେହି ସ୍ଥାନରେ କେତୋଟି ନୂଆ ପରିବାରକୁ ଅନ୍ତୋଦୟ କାର୍ଡ ପ୍ରଦାନ କରାଯାଇଛି, (ଖ) ଅନଲାଇନ୍ ପ୍ଲାଟଫର୍ମ ଅନେକ ସମୟରେ ବନ୍ଦ ରହୁଥିବା ଅଭିଯୋଗ ହେଉଛି; ଏହାର ସ୍ଥାୟୀ ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

**କାର୍ଯ୍ୟକ୍ଷମ ଥିବା ଶୀତଳ ଭଣ୍ଡାର**

2656 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସର୍ବମୋଟ କେତୋଟି ଶୀତଳ ଭଣ୍ଡାର (Cold Storage) ସରକାରୀ / ଘରୋଇ ସମବାୟ ସୂତ୍ରରେ ଅଛି, ସେଥିରୁ କେତୋଟି /କାର୍ଯ୍ୟକ୍ଷମ ଓ କେତୋଟି ଅଚଳ ଅବସ୍ଥାରେ ଅଛି, ଏହା ସର୍ବମୋଟ କେତେ ପରିମାଣରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଗଛିତ ରଖିବାର କ୍ଷମତା ରଖିଅଛି, ବର୍ତ୍ତମାନ କେତୋଟି ଶୀତଳ ଭଣ୍ଡାର ର ଆବଶ୍ୟକତା ଅଛି ଏବଂ ସରକାର ନୂତନ ଭଣ୍ଡାର ପାଇଁ କି ପଦକ୍ଷପ ନେଇ ଅଛନ୍ତି ?

----

**ପଞ୍ଜିକରଣରୁ ବାଦ ପଡିଥିବା ଚାଷୀ**

2657 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଖରିଫ ଚାଷରେ ରାଜ୍ୟରେ କେତେ ପରିମାଣର ଜମିରେ ଧାନ ଚାଷ ହୋଇ ଅଛି ଏକ କେତେ ଜଣ ବାର୍ଷି ପଞ୍ଜିକାରଣ କରିଛନ୍ତି, ଅନେକ ଚାଷୀ ପଞ୍ଜିକରଣରୁ ବାଦ ପଡିଥିବା ସତ୍ୟ ଅଟେ କି, ଏବଂ ସେମାନଙ୍କ ସଂଖ୍ୟା କେତେ ଓ କାରଣ କଣ, ଏହାର ଜିଲ୍ଲାୱାରୀ ପରିସଂଖ୍ୟାନ ଦେବେ କି ?

----

**ହୀରାକୁଦ ଜଳଭଣ୍ଡାରରୁ ଉତ୍ପାଦିତ ହେଉଥିବା ବିଦ୍ୟୁତ୍**

2658 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ହୀରାକୁଦ ଜଳ ଭଣ୍ଡାରରେ ଉତ୍ପାଦିତ ବିଦ୍ୟୁତ୍ର ପରିମାଣ 2014 ଠାରୁ 2026 ଜଣାଇବେ କି ଉତ୍ପାଦନ କମୁଥିବା କାରଣ ଓ ସରକାରୀ ନିରାକରଣ କଣ?

----

**ବିଭିନ୍ନ ଉତ୍ସରୁ ବିଦ୍ୟୁତ ଶକ୍ତି ଉତ୍ପନ୍ନ**

2659 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟାଟା କଂପାନୀ ନେବା ପୂର୍ବରୁ ରାଜ୍ୟରେ ବିଦ୍ୟୁତ୍ ମୂଲ୍ୟ କଣ ଥିଲା; ବର୍ତ୍ତମାନ କଣ ଅଛି; ଦରବୃଦ୍ଧି ହେବାର କାରଣ ପ୍ରକାଶ କରିବେ କି, ଓପିଟିସିଏଲ (OPTCL) ପରିଚାଳନାରେ ଥିବା ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ ଭାବେ କେତେ ସଂଖ୍ୟକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସଂଯୋଗ ହୋଇଛି ଓ ସେମାନଙ୍କର କେତେ ଭାର ରାଜ୍ୟ ଗ୍ରୀଡ ବହନ କରୁଛି, ସେହିପରି ପରୋକ୍ଷ ଭାବେ ରାଜ୍ୟଗ୍ରୀଡ ସହିତ କେତେ ସଂଖ୍ୟକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସଂଯୋଗ ହୋଇଛି ଓ ସେମାନଙ୍କର କେତେ ଭାର ରାଜ୍ୟଗ୍ରୀଡ ବହନ କରୁଛି, ଉକ୍ତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡିକର ତାଲିକା ସହିତ ସ୍ଥାପିତ କ୍ଷମତା ପ୍ରଦାନ କରିବେ କି, ରାଜ୍ୟରେ ବର୍ତ୍ତମାନ ଶକ୍ତି ଚାହିଦା କେତେ ରହିଛି ଓ ରାଜ୍ୟରୁ କେଉଁ ସବୁ ଉତ୍ସରୁ କେତେ ପରିମାଣର ଶକ୍ତି ଉତ୍ପାଦନ ହେଉଛି, ଓଡ଼ିଶା ଅନ୍ୟ କେଉଁ ରାଜ୍ୟକୁ ୟୁନିଟ୍ ପିଛା କେତେ ଦରରେ ବିଜୁଳି ବିକ୍ରି କରୁଛି ?

----

**ସମବାୟ ସମିତି ଦ୍ୱାରା ସାର ଯୋଗାଣ**

2660 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲାର ଥିବା ସେବା ସମବାୟ ସମିତିକୁ ଗତ 5 ବର୍ଷ ମଧ୍ୟରେ କେତେ ପରିମାଣର କେଉଁ ସାର କେଉଁ କେଉଁ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ଓ ସମବାୟ ସମିତିୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**ସୌଭାଗ୍ୟ ଯୋଜନାରେ ମାଗଣା ବିଦ୍ୟୁତ**

2661 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୧୭-୧୮ ମସିହାରୁ ଆଜି ପର୍ଯ୍ୟନ୍ତ ସୌଭାଗ୍ୟ ଯୋଜନାରେ କେନ୍ଦୁଝର ଜିଲ୍ଲାର କେତେ ପରିବାରକୁ ମାଗଣା ବିଦ୍ୟୁତ ସଂଯୋଗୀକରଣ କରାଯାଇଛି ତାର ବର୍ଷୱାରୀ ଓ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି, (ଖ) କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଗ୍ରାମ/ପଡାକୁ ଅଦ୍ୟାବଧି ଗ୍ରାମ୍ୟ ବିଦ୍ୟୁତ କରଣ ଯୋଜନାରେ ବିଦ୍ୟୁତ ସଂଯୋଗ କରାଯାଇନାହିଁ ତା'ର ପଞ୍ଚାୟତୱାରୀ ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି, ବିଦ୍ୟୁତ ସଂଯୋଗ ହୋଇନଥିବା ଗ୍ରାମ/ପଡାରେ କେତେ ପରିବାର ବସବାସ କରୁଛନ୍ତି ତା'ର ତାଲିକା ପ୍ରଦାନ କରିବେ କି, ଏହି ଗ୍ରାମ/ପଡାକୁ କେବେ ସୁଦ୍ଧା ବିଦ୍ୟୁତ ସଂଯୋଗ କରାଯିବ ?

----

**ବିଦ୍ୟୁତ ଶକ୍ତି ଅନ୍ୟ ରାଜ୍ୟକୁ ବିକ୍ରି**

2662 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଉତ୍ପାଦିତ ବିଦ୍ୟୁତ୍ ବାହାର ରାଜ୍ୟକୁ ବିକ୍ରି କରି ସରକାର କେତେ ରେଭେନ୍ୟୁ ଅର୍ଜନ କରୁଛନ୍ତି ଏବଂ ସେହି ଆୟର କେତେ ଅଂଶ ରାଜ୍ୟର ଉପଭୋକ୍ତାଙ୍କ ହିତରେ ବ୍ୟୟ ହେଉଛି, ଯଦି ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ଉତ୍ପାଦନ ରହିଛି, ତେବେ ସାଧାରଣ ଲୋକଙ୍କୁ ୩୦୦ ୟୁନିଟ ମାଗଣ ବିଦ୍ୟୁତ୍ ପ୍ରଦାନ କରିବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବେ କି, ସରକାର ଏହି ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ନୂତନ ରୋଡମ୍ୟାପ୍ ଘୋଷଣା କରିବେ କି, ଯଦି ହଁ ତାହାର ସମୟସୀମା କ'ଣ ?

----

**ଧାନ ଗ୍ରହଣ ସମୟରେ କ୍ୟାପିଂ ବ୍ୟବସ୍ଥା**

2663 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଧାନର Minimum Support Price (MSP) ବୃଦ୍ଧି କରିଥିବା ସତ୍ତ୍ୱେ, ରାଜ୍ୟର କେତେ ଜିଲ୍ଲାରୁ ଅଭିଯୋଗ ସରକାରଙ୍କ ନିକଟକୁ ଆସିଛି, ଧାନର ଗୁଣ ମାନ ଯାଞ୍ଚ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତତା ନିଶ୍ଚିତ କରିବା ପାଇଁ ସରକାର କେଉଁ ମେକାନିଜମ୍ ଗଠନ କରିଛନ୍ତି, ଧାନ ଗ୍ରହଣରେ କ୍ୟାପିଂ ବ୍ୟବସ୍ଥା କେଉଁ ନୀତି ଆଧାରରେ ଲାଗୁ କରାଯାଇଛି, ଚାଷୀମାନଙ୍କ ସମଗ୍ର ଧାନ MSP ଦରରେ ଗ୍ରହଣ ନିଶ୍ଚିତ କରିବା ପାଇଁ ସରକାର କେଉଁ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କରିବେ, ଧାନ ମଣ୍ଡିରେ ଅବ୍ୟବସ୍ଥା / ଅନିୟମିତତାରୋକିବା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି ଜବାବଦେହିତା ନିର୍ଦ୍ଧାରଣ ବ୍ୟବସ୍ଥା ରହିଛି କି, ଏପରି ଅନିୟମିତତା ଦୂର କରିବା ପାଇଁ ରାଜ୍ୟ ସ୍ତରରେ ବିଶେଷ ନିରୀକ୍ଷଣ କିମ୍ବା ଅଭିଯୋଗ ନିରାକରଣ ପ୍ରଣାଳୀ ଗଠନ କରାଯିବାର ପ୍ରସ୍ତାବ ଅଛି କି ?

----

**ବଳକା ଚାଉଳକୁ ବ୍ୟବହାର ସମ୍ପର୍କରେ**

2664 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 2024-25 ବର୍ଷରେ ରାଜ୍ୟରେ କେତେ ମୋଟ୍ରିକ ଟନ ଧାନ ସଂଗ୍ରହ କରାଯାଇ କେତେ ମେଟ୍ରିକ ଟନ ଚାଉଳ ପ୍ରସ୍ତୁତ କରାଯାଇଥିଲା ଓ ଏହି ଚାଉଳ ରାଜ୍ୟର କେଉଁ କେଉଁ ଆବଶ୍ୟକତା ପୂରଣ ନିମନ୍ତେ କେତେ କେତେ ଟନ୍ ବିନିଯୋଗ ହେଲା ବଳକା ପଡୁଥିବା ଚାଉଳ କି କି ଭାବରେ ବ୍ୟବହାର କରାଯାଇଛି ?

----

**ବିଦ୍ୟୁତ ଗ୍ରାହକ ମାନଙ୍କଠାରୁ ବିଦ୍ୟୁତ୍ ଦେୟ ଆଦାୟ**

2665 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡିଶାରେ ଘରୋଇ ଖାଉଟୀମାନେ ଅଧିକ ଦରରେ ବିଜୁଳି ଦେୟ ଦେଇଥିବା ସତ୍ୟ କି, ଯଦି ହଁ, ତେବେ କେଉଁ କେଉଁ କାରଣ ପାଇଁ ଆମ ରାଜ୍ୟର ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଅଧିକ ଆର୍ଥିକ ବୋଝ ସହିବାକୁ ପଡିଛି ଓ ଏହି ବୋଝ ହ୍ରାସ ନିମନ୍ତେ କୌଣସି ନିଷ୍ପତ୍ତି ଅଛି କି ?

----

**Rice Mill ସ୍ଥାପନ ପାଇଁ ପଦକ୍ଷେପ**

2666 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତେଲକୋଇ ନିର୍ବାଚନ ମଣ୍ଡଳୀ କୃଷି ପ୍ରଧାନ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ Rice Mill ସ୍ଥାପନ କରାଯାଇ ନଥିବାରୁ ଚାଷୀମାନେ ବହୁ ହଇରାଣ ହରକତ ହେଉଥିବା ବିଷୟରେ ସରକାରଙ୍କ ଦୃଷ୍ଟିକୁ ଆସିଛି, ଯଦି ଉତ୍ତର ହଁ ହୁଏ ତେବେ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ଗୋଟିଏ ଲେଖାଏଁ Rice Mill ସ୍ଥାପନ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

**ସୂକ୍ଷ୍ମ, ମଧ୍ୟମ ଉଦ୍ୟୋଗ ତେଲକୋଇ ନିର୍ବାଚନ ମଣ୍ଡଳୀରେ Food Processing Unit ସ୍ଥାପନ**

2667 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତେଲକୋଇ ନିର୍ବାଚନ ମଣ୍ଡଳୀ ଏକ ଚାଷୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ବହୁଳ ପରିମାଣରେ ଆମ୍ବ ଏବଂ ତରଭୁଜ ପ୍ରଚୁର ପରିମାଣରେ ଅମଳ ହୋଇଥାଏ, କିନ୍ତୁ ଏଠାରେ Food Processing Unit ନଥିବାରୁ ଚାଷୀମାନେ ଉପାର୍ଜନ କରିଥିବା ଫଳ ଓ ପନି ପରିବାକୁ ଶାଗ ମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ, ତେଲକୋଇ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଏକ Food Processing Unit ସ୍ଥାପନ କରିବା ପାଇଁ ସରକାରଙ୍କ କୌଣସି ଯୋଜନା କରିଛନ୍ତି କି କିମ୍ବା କେବେ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯିବ?

----

**ପଶୁଚିକିତ୍ସା କେନ୍ଦ୍ର ସ୍ଥାପନ**

2668 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ଓ ଭାପୁର ଅଞ୍ଚଳରେ ଆବଶ୍ୟକ ପଶୁଚିକିତ୍ସା କେନ୍ଦ୍ର ପଞ୍ଚାୟତ ସ୍ତରରେ ଖୋଲିବା ପାଇଁ ପଦକ୍ଷେପ ନିଆଯିବ କି ; ଉଭୟ ବ୍ଲକ ଅଞ୍ଚଳରେ ଥିବା ପଶୁଧନ ନୀରିକ୍ଷକମାନଙ୍କ ସଂଖ୍ୟା ଓ କର୍ମଚାରୀ ସଠିକ୍ ସଂଖ୍ୟାରେ ନିଯୁକ୍ତି ପାଇଛନ୍ତି କି ; ଯଦି ନାଁ ତାହା ପୁରଣ କରିବା ପାଇଁ ପଦକ୍ଷେପ ନିଆଯିବକି?

----

**କାରିଗରମାନଙ୍କ ଦ୍ୱାରା ଉତ୍ପାଦ ଦ୍ରବ୍ୟର ସଠିକ୍ ମୂଲ୍ୟ ମିଳିବା**

2669 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଣିଜଙ୍ଗ-ମହମ୍ମଦପୁର ଅଞ୍ଚଳରେ ଥିବା 3000 ରୁ ଅଧିକ ବୁଣାକାର ଏବଂ କାରିଗର ପରିବାରଙ୍କ ସହାୟତା ପାଇଁ 'ଜାତୀୟ ପାରମ୍ପରିକ ବୟନ ଶିଳ୍ପ (2026-31)' ଅନ୍ତର୍ଗତ ଏକ 'ୱାର୍କସପ୍ ସୁବିଧା କେନ୍ଦ୍ର' (Workshop Facilities Centre) ପ୍ରତିଷ୍ଠା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ରହିଛି କି ; କଟକ ସଦରର ଏହି ଶିଳ୍ପୀମାନଙ୍କୁ ଆଧୁନିକ ଡିଜାଇନ୍, ଡିଜିଟାଲ୍ ମାର୍କେଟିଂ ଏବଂ ଇ-କମର୍ସ ସହିତ ଯୋଡିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ; କାରିଗରମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇବା ପାଇଁ ହସ୍ତତନ୍ତ ବୟନ, ବାହାଗ୍ରାମ ଜୁଟ୍ କ୍ଲଷ୍ଟର କିମ୍ବା ରୂପା ତାରକସି ଭଳି ଏଠାରେ ମଧ୍ୟ ସିଧାସଳଖ ବଜାର ସଂଯୋଗୀକରଣ ବ୍ୟବସ୍ଥା କରାଯିବ କି?

----

**ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ**

2670 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାର୍ଷିକ କେତେ କୁକୁଡା ଅଣ୍ଡାର ଆବଶ୍ୟକତା ଥିବାବେଳେ ବିଗତ ତିନି ବର୍ଷରେ କେତେ ଅଣ୍ଡା ବାହାରୁ ଆମଦାନୀ ହୋଇଛି ; ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କର ନିଯୁକ୍ତି ଓ ପଦୋନ୍ନତି**

2671 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସମବାୟ ବ୍ୟାଙ୍କ ସହ ବିଭିନ୍ନ ଜିଲ୍ଲାରେ ଥିବା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ନିଯୁକ୍ତି, ପଦୋନ୍ନତି ବ୍ୟବସ୍ଥା ପାଇଁ ସରକାର କୌଣସି ମାର୍ଗଦର୍ଶିକା ପ୍ରଣୟନ କରିଛନ୍ତି କି ; ଯଦି ଉତ୍ତର ନା ହୁଏ, ତେବେ ସେମାନଙ୍କ ପାଇଁ ନିୟୋଜନ, ପଦୋନ୍ନତି ମାର୍ଗଦର୍ଶିକା ପ୍ରଣୟନ କରିବା ସହ ସମସ୍ତ କେନ୍ଦ୍ର ସମବାୟ କର୍ମଚାରୀଙ୍କ ପାଇଁ ଆନ୍ତଃଜିଲ୍ଲା ବଦଳୀ ବ୍ୟବସ୍ଥା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ଦୁଗ୍ଧ ଉତ୍ପାଦନ**

2672 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ବର୍ତ୍ତମାନ ଜଣେ ବ୍ୟକ୍ତିଙ୍କ ପାଇଁ ଦୈନିକ କେତେ ମିଲିଲିଟର ଦୁଗ୍ଧ ଉପଲବ୍ଧ ହେଉଛି ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଦୈନିକ ଆବଶ୍ୟକତା କେତେ ; ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଓ ଚାହିଦା ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ; ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ବଜାର ସୁବିଧା ବୃଦ୍ଧି କରିବା ପାଇଁ ସରକାରୀ ମେଡିକାଲ କଲେଜ, ହସ୍ପିଟାଲ୍ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ଓମଫେଡ୍ ଦୁଗ୍ଧର ବ୍ୟବହାର ବାଧ୍ୟତାମୂଳକ କରିବାକୁ କୌଣସି ନୂତନ ନୀତି ଆଣିବାକୁ ସରକାର ବିଚାର କରୁଛନ୍ତି କି ; ଯଦି ହଁ, ଏହି ନୀତି କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯାଇଛି କି?

----

**ଧାନ ସଂଗ୍ରହ**

2673 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚରମ ଅବ୍ୟବସ୍ଥା ଦେଖା ଦେଇଥିବା ଘଟଣା ସତ୍ୟ କି ; କୌଣସି ମଣ୍ଡିରେ ଠିକ୍ ସମୟରେ ଧାନ ସଂଗ୍ରହ ହେଉନାହିଁ କି ; Token ଅବଧି ସରିଗଲାଣି ଏଫ୍.ସି.ଆଇ ମିଲରୁ ଚାଉଳ ଉଠାଉନଥିବା କାରଣ କଣ?

----

**ଜମିରେ ହୋଇଥିବା ଧାନ ଚାଷ**

2674 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଖରିଫ ଋତୁରେ ରାଜ୍ୟରେ କେତେ ଜମିରେ ଧାନ ଚାଷ ହୋଇଥିଲା ଓ ଏଥିରୁ କେତେ ଧାନ ଉତ୍ପାଦିତ ହୋଇଛି ; ଏହାର ଏକ ଜିଲ୍ଲାର ତାଲିକା ପ୍ରକାଶ କରିବେ କି ; ଏହି ଖରିଫ ଋତୁରେ ରାଜ୍ୟରେ ଧାନ ସହିତ ଅନ୍ୟ କେଉଁ କେଉଁ ଜିଲ୍ଲାୱାରୀ ତାଲିକା ପ୍ରକାଶ କରିବେ କି

----

**କମିଟି ରିପୋର୍ଟ ଉପରେ ପଦକ୍ଷେପ**

2675 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୁକୁଡା ପରିବହନ କରୁଥିବା ଯାନବାହାନ ଉପରୁ(ନିୟନ୍ତ୍ରିତ ମାର୍କେଟ କମିଟି) ଆରଏମସି ଟିକସ ଛାଡ ତର୍ଜମା ପାଇଁ ରାଜ୍ୟ ସରକାର କେବେ କମିଟି ଗଠନ କରିଥିଲେ ; ଏହି କମିଟିର ସଦସ୍ୟ କେଉଁ କେଉଁମାନେ ଥିଲେ ଓ କମିଟି କେବେ ତାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛି ; ସରକାର କମିଟି ରିପୋର୍ଟ ଉପରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିବେ କି?

----

**IDCO ମାଧ୍ୟମରେ ୪୦୦ ମେଗାୱାଟ ଅଲଟ୍ରା ପାୱାର ପ୍ରକଳ୍ପ**

2676 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ଼ ଜିଲ୍ଲାରେ ଭେଡାବାହାଲଠାରେ 2012-2013 ମସିହାରେ IDCO ମାଧ୍ୟମରେ 400 ମେଗାୱାଟ ଅଲଟ୍ରା ମେଗା ପାୱାର ପ୍ରକଳ୍ପ (UMPP) ପାଇଁ ଜମି ଅଧିଗ୍ରହଣ କରାଯାଇଥିବା ସ୍ୱତନ୍ତ୍ର ଦୀର୍ଘ ଦିନ ଧରି ଏହି ପ୍ରକଳ୍ପ ହୋଇନପାରିବାରୁ ଏଥିପାଇଁ ଅଧିକୃତ ହୋଇଥିବା ଜମି ଗୁଡିକୁ ସରକାରୀ ନିୟମ ଅନୁଯାୟୀ ମୂଳ ଜମିମାଲିକଙ୍କୁ ଫେରସ୍ତ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି କି; ଯଦି ନା ତେବେ କେବେ ସୁଦ୍ଧା ଫେରସ୍ତ ପ୍ରକ୍ରିୟା ଶେଷ କରିବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବେ କି?

----

**ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ପ୍ରୋତ୍ସାହନ**

2677 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଧାନ ଫସଲ ପରିବର୍ତ୍ତେ ଅନ୍ୟାନ୍ୟ ଅର୍ଥଲାଭକାରୀ ଫସଲ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଥିବା ସତ୍ୟ କି ;(ଖ) ଯଦି ପ୍ରୋତ୍ସାହନ ଦେଉଥାନ୍ତି, ତେବେ ଗତ ଦେଢ଼ ବର୍ଷ ଭିତରେ ଜଗତସିଂହପୁର ଜିଲ୍ଲାରେ କେତେ ହେକ୍ଟର ଚାଷ ଜମିରେ ଧାନ ଚାଷରୁ ଚାଷୀମାନଙ୍କୁ ନିବୃତ କରି ଅନ୍ୟାନ୍ୟ ଫସଲ କରିବା ପାଇଁ କେତେ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି ଏବଂ ଚାଷୀମାନେ ଅନ୍ୟ କେଉଁ କେଉଁ ଫସଲ କରି କେତେ ଅଧିକ ରୋଜଗାରକ୍ଷମ ହୋଇପାରିଛନ୍ତି କହିବେ କି ?

----

**Co-Operative Society ସଂଖ୍ୟା**

2678 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ Co-Operative Society ଗୁଡିକରେ ଚାଷୀମାନଙ୍କର ସଂଖ୍ୟା ଅଧିକ ଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ Co- Operative Society ଗୁଡିକର ସଂଖ୍ୟା ବଢ଼ାଇବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**ଉପଭୋକ୍ତା ଅନୁସାରେ Transformer ବସାଇବା**

2679 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ ବିତରକ ସଂସ୍ଥା TPCODL ଅଧୀନରେ ସମୁଦାୟ କେତୋଟି Transformer କେଉଁ କେଉଁ ସ୍ଥାନରେ ବସାଯାଇଛି, ତାର ସବିଶେଷ ତଥ୍ୟ ଦେବା ସହିତ ପ୍ରତ୍ୟେକ Transformer ର କ୍ଷମତା (Capacity KVA) କେତେ, ପ୍ରତ୍ୟେକ Transformer ରେ ବର୍ତ୍ତମାନର ଉପଭୋକ୍ତା ସଂଖ୍ୟା ଏବଂ Consumer Load କେତେ, ତାହାର Transformer ୱାରୀ ତଥ୍ୟ ଉପସ୍ଥାପନ କରିବେ କି ?

----

**ନୂଆ ବିଦ୍ୟୁତ ସଂଯୋଗ ଉପଭୋକ୍ତା ମାନଙ୍କଠାରୁ ଜମା ରାଶି ସଂଗ୍ରହ**

2680 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଦ୍ୟୁତ୍ ଉପଭୋକ୍ତା ମାନେ ନୂଆ କରି ବିଦ୍ୟୁତ ସଂଯୋଗ ନେବା କାଳରେ, ତାଙ୍କୁ ଯେଉଁ ରାଶି ଜମା କରିବାକୁ ପଡିଥାଏ, ତାହା କ'ଣ ପାଇଁ ନିଆ ଯାଇଥାଏ, ତା'ର ନିୟମ କ'ଣ ରହିଛି ଏବଂ ତାହା କେଉଁ ହାରରେ ନିର୍ଦ୍ଧାରଣ ହୋଇଥାଏ, (ଖ) ନୂଆ ବିଦ୍ୟୁତ ସଂଯୋଗ କାଳରେ କି କି ସାମଗ୍ରୀ ଉପଭୋକ୍ତା ମାନଙ୍କୁ ଯୋଗାଇ ଦିଆଯାଇଥାଏ ଓ ସେଥିପାଇଁ କେଉଁ ହାରରେ ଅର୍ଥ ଦାବି କରାଯାଇଥାଏ ଏବଂ ନୂଆ ବିଦ୍ୟୁତ ସଂଯୋଗ କାଳରେ ଯେଉଁ ରାଶି ଜମା କରାଯାଇଥାଏ, ତାହା ବିଭାଗ ନିକଟରେ କେଉଁ ଭାବରେ ଗଚ୍ଛିତ ଥାଏ, ଏହିପରି ମୋଟ କେତେ ଅର୍ଥ ଗଚ୍ଛିତ ରହିଛି, ଏହି ଜମା ବାବଦକୁ ଉପଭୋକ୍ତା ମାନଙ୍କୁ କିଛି ସୁଧ ଆକାରରେ ଅର୍ଥ ଦେବାର ବ୍ୟବସ୍ଥା ରହିଛି କି?

----

**ମିଲରମାନଙ୍କ ମନମାନି ଯୋଗୁଁ ଧାନ ସଂଗ୍ରହ ବାଧାପ୍ରାପ୍ତ**

2681 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ ମଣ୍ଡିମାନଙ୍କରେ ଖରିଫ ଧାନ ସଂଗ୍ରହ ଚଳିତ February ମାସ ସୁଦ୍ଧା କେତେ ପରିମାଣରେ କରାଯାଇଛି ଓ ଗତ 2023-24, 2024-25 ମସିହାର ଏହି ସମୟ ସୁଦ୍ଧା କେତେ ପରିମାଣରେ ଧାନ ସଂଗ୍ରହ କରାଯାଇଥିଲା, ଏହାର ଏକ ତୁଳନାତ୍ମକ ପରିସଂଖ୍ୟାନ ବିବରଣୀ ପ୍ରଦାନ କରିବେ କି, (ଖ) ମିଲମାନଙ୍କର ମନମାନି ଯୋଗୁଁ କେତେକ ମଣ୍ଡିରେ ଧାନ ସଂଗ୍ରହ ଅଗ୍ରଗତି ବାଧାପ୍ରାପ୍ତ ହେଉଥିବା ସରକାର ଅନୁଗତ କି, ଯଦି ହଁ ତେବେ ଏହାର ସମାଧାନ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

**ଉଦ୍ୟାନ କୃଷି ଦ୍ୱାରା ଚାରା ଉତ୍ପାଦନ**

2682 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧିନସ୍ଥ ରାଜ୍ୟରେ କେତେଗୋଟି ସରକାରୀ ଚାରା ଉତ୍ପାଦନ କେନ୍ଦ୍ର ବା ନର୍ସରୀ ଅଛି, କେଉଁ ନର୍ସରୀରେ କେଉଁ କେଉଁ ସ୍ଥାନରେ କେତେ ପରିମାଣର କି କି ଚାରା ଉତ୍ପାଦନ ହେଉଛି ଓ କେତେ ବିକ୍ରି କରି ବିଭାଗ ଲାଭ କରିଛି, ଏହାର ଗତ 5 ବର୍ଷର ଜିଲ୍ଲାୱାରୀ ଓ ନର୍ସରୀୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ନର୍ସରୀଗୁଡିକର ରକ୍ଷଣାବେକ୍ଷଣ ପାଇଁ ପ୍ରତି ବର୍ଷ କେତେ ଅର୍ଥ ଖର୍ଚ୍ଚ ହେଉଛି, ଗତ 5 ବର୍ଷରେ ଓ ଏଥିରେ କେତେ ବିଭାଗୀୟ ଅଧିକାରୀ ବା କର୍ମଚାରୀମାନଙ୍କୁ ନିଯୋଜିତ କରାଯାଇଛି ?

----

**Program expenditure ବାବଦକୁ ଅର୍ଥ ଖର୍ଚ୍ଚ**

2683 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଭାଗ ସପକ୍ଷରେ ମୋଟ କେତେ ଅର୍ଥ ବ୍ୟୟ ବରାଦ ହୋଇଥିଲା ଏବଂ ସେଥିମଧ୍ୟରୁ program expenditure ବାବଦକୁ କେତେ ଅର୍ଥ ବରାଦ ହୋଇଥିଲା, (ଖ) ଉପରୋକ୍ତ ବ୍ୟୟ ବରାଦ ମଧ୍ୟରୁ ଆଜି ପର୍ଯ୍ୟନ୍ତ ମୋଟ କେତେ ଶତାଂଶ ଖର୍ଚ୍ଚ ହୋଇଛି ଏବଂ ସେଥିମଧ୍ୟରୁ program expenditure ବାବଦକୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଓ କୃଷକ ସଶକ୍ତିକରଣ ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇଛି?

----

**Goshala ଯୋଜନା ପ୍ରଚଳନ**

2684 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ Establishment of Goshala ଯୋଜନା ପ୍ରଚଳନ କରାଯାଉଥିଲାବେଳେ ବର୍ତ୍ତମାନ କେଉଁ ଜିଲ୍ଲାରେ କେତୋଟି ଗୋ ଶାଳା କାର୍ଯ୍ୟକ୍ଷମ ଅଛି, କେତୋଟି ଗୋ ଶାଳା ସରକାରଙ୍କ ପକ୍ଷରୁ ମଞ୍ଜୁରୀ ପାଇବା ଅପେକ୍ଷାରେ ଅଛି, ଏଥିମଧ୍ୟରୁ କେତୋଟି କେଉଁଠାରେ Urban Local Bodies ରେ ଗୋଶାଳା ଅଛି, କେଉଁଠାରେ ନୂଆକରି ହେବ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

**ଆବେଦନ କରିଥିବା ହିତାଧିକାରୀଙ୍କୁ ରାସନ ସାମଗ୍ରୀ ଦେବା**

2685 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ SFSA ରେ ରାସନ୍ ପାଉଥିବା ବର୍ତ୍ତମାନ ରାସନ୍ କାର୍ଡଧାରୀ ସଂଖ୍ୟା କେତେ, ଚଳିତ ବର୍ଷ ଏମାନଙ୍କ ମଧ୍ୟରୁ କେତେ କାର୍ଡଧାରୀଙ୍କୁ NFSA କୁ ନିଆଯାଇଛି, ଉଭୟ ଯୋଜନାରୁ କେତେ ହିତାଧିକାରୀ କେଉଁ ପରିସ୍ଥିତିରେ ରାସନ୍ ପାଇବାକୁ ବଞ୍ଚିତ ହୋଇଛନ୍ତି, କେତେଜଣ ନୂଆ କରି ରାସନ୍ ପାଇଲେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ଅପେକ୍ଷାରତ ଆବେଦନକାରୀଙ୍କୁ କେବେସୁଦ୍ଧା ରାସନ୍ ଦିଆଯିବ, ସେମାନଙ୍କ ମୋଟ ସଂଖ୍ୟା କେତେ ?

----

**ମକା ମିଶନ କାର୍ଯ୍ୟକାରୀ**

2686 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପାଲଲହଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡା ବ୍ଲକରେ ମକା ମିଶନ କାର୍ଯ୍ୟକାରୀ ହେଉଛି କି, ଏହା କେତେ ଏକର ହେଉଛି, ପାହଡଭୂୟାଁ ଜନଜାତି ଥିବା ସମସ୍ତ ପଞ୍ଚାୟତରେ ଏହା କାର୍ଯ୍ୟକାରୀ କରିବେ କି ?

----

**ମତ୍ସ ଓ ପ୍ରାଣୀ ସମ୍ପଦ ପଶୁ ପାଳନ**

2687 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗ୍ରାମାଞ୍ଚଳରେ ଗାଇ, ବଳଦ, ମଇଁଷି, ମେଣ୍ଢା, କୁକୁଡା ଓ ବତକ ଆଦି ଗୃହ ପାଳିତ ପଶୁଙ୍କ ପାଳନ ପାରମ୍ପାରିକ ଧାରାରେ ଚଳି ଆସୁଥିବା ବେଳେ ଏବେ ତାହା କମୁଛି ନା ବଢୁଛି ଯଦି ତାହା କମୁଛି ତାର କାରଣ କଣ ଏବଂ ତାକୁ ବଢେଇବା ପାଇଁ କି ପଦକ୍ଷେପ ନିଆଯାଉଛି ଏବଂ ଯଦି ତାହା ବଢୁଛି ତେବେ କେଉଁ ହାରରେ ବଢୁଛି ?

----

**L.T ଲାଇନ କୁ AB କେବୁଲ ରେ ପରିଣତ**

2688 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାରେ ଥିବା ସମସ୍ତ L.T. Base କଣ୍ଡକ୍ଟର ଗୁଡ଼ିକୁ AB କେବୁଲ ରେ ପରିଣତ କରିବା ପାଇଁ କୌଣସି ରୋଡମ୍ୟାପ କାର୍ଯ୍ୟପନ୍ଥା ଅଛି କି ଏହାର ସମାପ୍ତି ପାଇଁ ଆଶା କରାଯାଉଥିବା ସମୟ ସୀମା କେବେ ?

----

**ଲୋ ଭୋଲଟେଜ ସମସ୍ୟାର ସମାଧାନ**

2689 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାର ଗ୍ରାମାଞ୍ଚଳରେ ଗ୍ରୀଷ୍ମ ଋତୁରେ ଅଧିକାଶଂ ସମୟରେ କମ ଭୋଲଟେଜ୍ ସମସ୍ୟା ଦେହା ଯାଉଅଛି, Single Phase ଟ୍ରାନ୍ସ ଫର୍ମର କୁ Three Phase ପ୍ରଣାଳୀରେ ପରିଣତ କରିବାପାଇଁ କୌଣସି ଆଗାମୀ ଯୋଜନା ଅଛି କି ?

----

**ବୈଜ୍ଞାନିକ ମନୋଭାବ ବିକାଶ**

2690 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚିତ୍ରକୋଣ୍ଡା (Chitrakonda) ନିର୍ବାଚନମଣ୍ଡଳୀରେ ବିଭାଗର କାର୍ଯ୍ୟକଳାପ କ'ଣ; ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବିକାଶ ପାଇଁ କ'ଣ କାର୍ଯ୍ୟକଳାପ ହୋଇଛି; ଏହି କାର୍ଯ୍ୟରେ ନିଷ୍ଠାବାନ ବ୍ୟକ୍ତିମାନେ/NGO ମାନଙ୍କର ଭୂମିକା କ'ଣ, (ଖ)) ସୁନାବେଡା (Sunabeda), କୋରାପୁଟରେ Astronomy, Astrophysics, Space Sciences, Aero Engineering ପାଇଁ Centre of Excellence ସ୍ଥାପନ ପାଇଁ ଗୁରୁତ୍ୱ ଦେବେ କି?

----

**ଏଇନା ଠାରେ Chilling Plant ଟି କାର୍ଯ୍ୟକ୍ଷମ କରିବା**

2691 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ବ୍ଲକର ଏଇନା ରେ Chilling Plant ଟି କାର୍ଯ୍ୟକାରୀ ନ ହୋଇ ପଡିରହିଥିବା ଦ୍ୱାରା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଛି, ସେ ଅଞ୍ଚଳରେ ପର୍ଯ୍ୟାପ୍ତ ଦୁଗଧ ଉତ୍ପାଦନ ହୋଇଥିବାରୁ ସେ Chilling Plant କୁ କାର୍ଯ୍ୟକ୍ଷମ କରାଇବେ କି, ଏବଂ ଯେଉଁମାନେ ଏହାକୁ କାର୍ଯ୍ୟକ୍ଷମ ନ କରାଇବାରେ ଦାୟି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବେ କି ?

----

**ଲେମନ ଗ୍ରାସ ଚାଷରୁ ଆୟ**

2692 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାରେ ଏବେ ପର୍ଯ୍ୟନ୍ତ କେତେ ଏକର ଜମିରେ କେଉଁ କେଉଁ ସ୍ଥାନରେ, କେତେ ବ୍ୟୟବରାଦରେ ଲେମନଗ୍ରାସ ଚାଷ ହୋଇଛି, ଏଥିପାଇଁ କେଉଁ ଆଦିବାସୀ ପରିବାର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ପୃକ୍ତ କରାଯାଇଛି ମାଲକାନଗିରି ଜିଲ୍ଲାରେ ଲେମନଗ୍ରାସ ଚାଷରୁ ହେକ୍ଟର ପିଛା କେତେ ଆୟ ହୋଇଛି ?

----

**"ଧଉଳି ହାଇଟ୍ସ" ଆବାସିକ ପ୍ରକଳ୍ପର ସ୍ଥିତି**

2693 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସମବାୟ ବିଭାଗ ଅଧିନସ୍ଥ ଓଡିଶା ସମବାୟ ଗୃହ ନିର୍ମାଣ ନିଗମ ଲିଃର ଭୁବନେଶ୍ୱର ଉପକଣ୍ଠ ବଡରଘୁନାଥପୁର ମୌଜାଠାରେ ଥିବା "ଧଉଳି ହାଇଟ୍ସ" ନାମକ ଏକ ଆବାସିକ ପ୍ରକଳ୍ପଟିର ଗୃହଗୁଡିକ ଗତ ଜୁନ, ୨୦୨୪ରୁ ସମ୍ପୂର୍ଣ୍ଣହୋଇ ପଡି ରହିଥିଲେ ସୁଦ୍ଧା, ଉକ୍ତ ନିଗମର ତାଲିକାଭୁକ୍ତ ହୋଇସାରିଥିବା ସମସ୍ତ ହିତାଧିକାରୀମାନଙ୍କୁ ଏ ପର୍ଯ୍ୟନ୍ତ ସେଗୁଡିକ ହସ୍ତାନ୍ତର ହୋଇ ନ ଥିବା ଖବର ସତ୍ୟ କି, (ଖ) ଯଦି ସତ୍ୟ, ତେବେ, ଯଥାଶୀଘ୍ର ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇ, ଦୀର୍ଘ ୧୦ ବର୍ଷ ହେଲା ଅର୍ଥାତ ୨୦୧୬ ମସିହାରୁ ଅତି ମାନସିକ ଚାପରେ ଅପେକ୍ଷାକରି ରହିଥିବା ଉକ୍ତ ନିଗମର ସମସ୍ତ ତାଲିକାଭୁକ୍ତ ହିତାଧିକାରୀମାନଙ୍କୁ କେବେ ସୁଦ୍ଧା ସେମାନଙ୍କର ଆବାସିକ ଗୃହଗୁଡିକୁ ହସ୍ତାନ୍ତର କରାଯିବ ?

----

**ରାସନକାର୍ଡରୁ ବଞ୍ଚିତ ହିତାଧିକାରୀ**

2694 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ରାସନକାର୍ଡରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀ କେବେଠାରୁ ରାସନ ପାଇବା ପାଇଁ ସୁଯୋଗ ପାଇବେ ମୋଟ କେତେଜଣ ହିତାଧିକାରୀ ଅଦ୍ୟାବଧି ରାସନକାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି ?

----

**ସମବାୟ ସମିତିଦ୍ୱାରା ଋଣ ପ୍ରଦାନ**

2695 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦେବଗଡ଼ ଜିଲ୍ଲା ସେବା ସମବାୟ ସମିତିରୁ ବିଗତ 5 ବର୍ଷ ଭିତରେ ଋଣ ନେଇଥିବା ଚାଷୀଙ୍କ ତାଲିକା ଚାଷୀଙ୍କ ନାମ, ଠିକଣା, ନେଇଥିବା ଋଣର ପରିମାଣ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ଗତ ଖରିଫ୍ ଋତୁରେ କେଉଁ ଭାଗଚାଷୀ କେତେ ପରିମାଣର ଧାନ ବିକ୍ରୀ କରିଥିଲେ, ଏଥିନିମନ୍ତେ କେଉଁ ମୌଜାର କାହା ଜମି ପଞ୍ଜିକରଣ କରିଥିଲେ ଓ ଧାନ ବିକ୍ରୀ ବାବଦକୁ କେତେ ଟଙ୍କା ପାଇଥିଲେ ?

----

**ଚାଷୀମାନଙ୍କୁ ଦ୍ୱାରା ଅଧିକ ଚାଉଳ ଉତ୍ପାଦିତ**

2696 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ କେତେ ଉଷୁନା ଓ ଅରୁଆ ଚାଉଳର ଆବଶ୍ୟକତା ଥିବାବେଳେ ରାଜ୍ୟରୁ ମିଲମାନଙ୍କ ଦ୍ୱାରା କେତେ ଚାଉଳ ଉତ୍ପାଦିତ ହୋଇଛି ଓ ଚାଷୀମାନେ କେତେ ଚାଉଳ ଉତ୍ପାଦିତ କରୁଛନ୍ତି, ବାହାର ପ୍ରଦେଶରୁ କେତେ ଚାଉଳ ଅଣାଯାଉଛି ତାହାର ତଥ୍ୟ ଉପସ୍ଥାପନ କରିବା ସହ ଚାଷୀ ମାନଙ୍କଦ୍ୱାରା ଅଧିକ ଚାଉଳ ଉତ୍ପାଦିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ମାଛ, ଅଣ୍ଡା ଓ ଚିକେନ୍ ଆବଶ୍ୟକତା ପୂରଣ**

2697 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଏବେ ମାଛ, ଅଣ୍ଡା ଓ ଚିକେନ୍ ଆବଶ୍ୟକତା ପୂରଣରେ କେତେ ଦୂର ସ୍ୱାବଲମ୍ବୀ, ରାଜ୍ୟରେ ବିଗତ ତିନି ବର୍ଷରେ କେତେ ମତ୍ସ୍ୟ, ଅଣ୍ଡା ଓ ଚିକେନ ଉତ୍ପାଦନ ହେଉଛି, ରାଜ୍ୟର ଚାହିଦାକୁ ଏହା ମେଣ୍ଟାଉଛି ଅଥବା ଅନ୍ୟ ରାଜ୍ୟରୁ ଆମଦାନୀ କରାଯାଉଛି ତାହାର ତିନି ବର୍ଷର ଆମଦାନୀ ଓ ରପ୍ତାନିର ବିବରଣୀ ଦେବେ କି, ରାଜ୍ୟକୁ ଏକ surplus state କରିବା ପାଇଁ ବିଭାଗ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

**ଗାଈ ହାଟ ପାଇଁ ଅନୁମତି**

2699 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର ଜୟପୁର ବ୍ଲକର ଫୁଫୁଗାଁ ଜୟପୁର ବ୍ଲକ ଗାଈ ହାଟ ନୂଆକରି ଉଦ୍‌ଘାଟନ ହୋଇଛି କି, ସେହି ଜମି ଉପଜିଲ୍ଲାପାଳ ହସ୍ତାନ୍ତର କରିଛନ୍ତି କି, ଯଦି ହସ୍ତାନ୍ତର କରିଛନ୍ତି ତାହାଲେ, ଗାଈ ହାଟ ପାଇଁ ଅନୁମତି ଦିଆହାଇଛି କି ?

----

### ଅପମିଶ୍ରିତ ଖାଦ୍ୟ ଚିହ୍ନଟ

2700 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ କେତେ ସଂଖ୍ୟକ ଖାଦ୍ୟ ସାମଗ୍ରୀର ଯାଞ୍ଚ କରାଯାଇଛି ଏବଂ ଏଥିରୁ କେଉଁ କେଉଁ ସାମଗ୍ରୀ ଅପମିଶ୍ରିତ ବୋଲି ଚିହ୍ନଟ ହୋଇଛି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରକାଶ ସହିତ ରାଜ୍ୟରେ ଖାଦ୍ୟ ସାମଗ୍ରୀର ଯାଞ୍ଚ ପାଇଁ କେତେ ସଂଖ୍ୟକ ଅଧିକାରୀ ରହିଛନ୍ତି ଓ ଏମାନଙ୍କ ମଧ୍ୟରୁ କେଉଁ ଜିଲ୍ଲା ଓ ସହରାଞ୍ଚଳରେ କେତେ ମୁତୟନ ହୋଇଛନ୍ତି ତାହା ଉଲ୍ଲେଖ କରିବେ କି ?

----

### ପି.ଏମ୍.ଇ.ଜି.ପି. ଋଣ ପ୍ରଦାନ

2701 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପି.ଏମ୍.ଇ.ଜି.ପି. ଋଣ ଲଗାଣରେ ବ୍ୟାଙ୍କମାନେ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଅଭିଯୋଗ ପରିପ୍ରେକ୍ଷୀରେ ବ୍ୟାଙ୍କ ଋଣ ପ୍ରଦାନ ତ୍ୱରାନ୍ୱିତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

### ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନର ସଫଳତା

2702 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନର ବିଗତ ତିନି ବର୍ଷର ସଫଳତା ପ୍ରଦାନ କରିବେ କି?

----

### ସୁବିଧା ପାଇଥିବା ହିତାଧିକାରୀଙ୍କ ସଂଖ୍ୟା

2703 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା ତରଫରୁ ବିଗତ ତିନି ବର୍ଷରେ ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଇ କେତେଜଣ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାଯାଇଅଛି?

----

### ଟସର ବସ୍ତ୍ରର ବିକ୍ରୟ ବ୍ୟବସ୍ଥା

2704 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କଟକ ଜିଲ୍ଲାରେ କେତେଗୋଟି ଟସର ବୁଣାକାର ସମବାୟ ସମିତି ଥିବାବେଳେ ତାହା ମାଧ୍ୟମରେ କେତେ ବସ୍ତ୍ର ଉତ୍ପାଦିତ ହୋଇଛି, ଏହି ଉତ୍ପାଦିତ ବସ୍ତ୍ରର ବିକ୍ରୟ ବ୍ୟବସ୍ଥା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

### ସଂଗୃହୀତ ଜମାରାଶିର ପରିମାଣ

2705 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ କେନ୍ଦ୍ର ସମବାୟ ବ୍ୟାଙ୍କର କେଉଁ ଶାଖାରେ କେତେ ଟଙ୍କା ଜମାରାଶି ସଂଗ୍ରହ ହୋଇଥିବା ବେଳେ ବିଗତ ତିନି ବର୍ଷରେ କେତେ ଋଣ ଲଗାଣ ହୋଇଛି ; କେଉଁ କେଉଁ ଶାଖାଗୁଡିକ ଲାଭରେ ଚାଲିଥିବା ବେଳେ କେଉଁଗୁଡିକ କ୍ଷତିରେ ଚାଲିଛି ; ଏହାର କ୍ଷତି ଭରଣା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

### Utilization of Funds

2706 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The utilization of funds by the Science & Technology Department in the current financial year and the key initiatives undertaken to promote innovation, digital solutions, and technology support for agriculture, industry and public services?

----

### Status of the MSME Policy

2707 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The status of implementation of the State MSME policy, particularly about ease of doing business, access to credit, technology adoption, and support for sustainable and clean-energy-based enterprises?

----

### Details of the initiatives to support handloom weavers

2708 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Details of the initiatives undertaken during the last year to support handloom weavers and handicraft artisans, including welfare coverage, cluster development, and market-linkage promotion for traditional Odisha products?

----

### Present financial status of Cooperative institutions

2709 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The present financial and operational status of cooperative institutions in the state and the measures taken to improve their credit delivery, governance, and market linkage support to farmers and artisans?

----

### Steps taken to strengthen fisheries and livestock livelihoods

2710 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The steps taken during the current year to strengthen fisheries and livestock livelihoods, including expansion of veterinary services, aquaculture support, and risk-mitigation measures for small fishers and livestock rearers?

----

### ମତ୍ସ୍ୟଚାଷ ପାଇଁ ଆର୍ଥିକ ସହାୟତା

2711 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କ ଜରିଆରେ କେତେ ପରିମାଣର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ; ଏଥିରେ କେତେ ଚାଷୀ ଉପକୃତ ହେଉଛନ୍ତି?

----

**ଦେବାଳିଆ ହୋଇଯାଇଥିବା ସମବାୟ ବ୍ୟାଙ୍କର ବିବରଣୀ**

2712 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସମବାୟ ବ୍ୟାଙ୍କ୍ ଦେବାଳିଆ ହୋଇଛି, ଋଣ ଆଦାୟ କରା ନ ଯିବା ଏକ ପ୍ରମୁଖ କାରଣ କି, ଦୀର୍ଘ ଦିନ ଧରି ଜମାକାରୀ ସେମାନଙ୍କ ଜମା ରାଶି ନ ପାଇ ହତାଶ ହେଉଛନ୍ତି କି, ଏଥିପାଇଁ ଦାୟୀ କିଏ ?

----

**ନିଯୁକ୍ତି ଦେବାକୁ ନିର୍ଦ୍ଦେଶନାମା ଜାରି**

2713 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଟିପିସିଓଡିଏଲ ଓ ତିନୋଟିଯାକ କମ୍ପାନୀର ୪୯ ପ୍ରତିଶତ ସେୟାର ରହିଥିବାବେଳେ ବିଦ୍ୟୁତ ନିୟାମକ ଆୟୋଗ ଓ.ସି.ଏସ୍.ଆର.କ୍ୟାଡରରେ ନିଯୁକ୍ତି ନ ଦେଇ ଟାଟା ଅଧିନରେ ନିଯୁକ୍ତି ଦେବାକୁ କୌଣସି ପ୍ରକାର ନିର୍ଦ୍ଦେଶନାମା ଜାରି ରଖିଛନ୍ତି କି ?

----

**ଜୋର ଜବରଦସ୍ତ ଅର୍ଥ ଆଦାୟ**

2714 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସ୍ମାର୍ଟ ମିଟର ନା ରେ ବିଦ୍ୟୁତ୍ ଗ୍ରାହକଙ୍କ ଠାରୁ ଜୋର ଜବରଦସ୍ତ ଅର୍ଥ ଆଦାୟ କରାଯାଉଥିବା ଘଟଣା ସତ୍ୟ କି, ଟାଟା ପାୱାର ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ନାହିଁ କି, ଟାଟା ପାୱାରର ଗ୍ରାହକ ଶୋଷଣ ନୀତି ଯୋଗୁଁ ରାଜ୍ୟରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି କି, ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ କି ?

----

**ଜି.ଆଇ. ଟ୍ୟାଗର ମାନ୍ୟତା**

2715 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟରେ ଉତ୍ପାଦିତ କଫି ଓ ଲିଚୁ କୁ ଜି.ଆଇ. ଟ୍ୟାଗର ମାନ୍ୟତା କେବେ ସୁଦ୍ଧା ପ୍ରଦାନ କରାଯିବ ?

----

**Tender ହେବାରେ ବିଳମ୍ବ**

2716 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ବାହାବଳପୁର ଠାରେ ପ୍ରସ୍ତାବିତ fishery ଜେଟି ପୁନଃ ଉଦ୍ଧାର କାର୍ଯ୍ୟ ପାଇଁ DPR ପ୍ରସ୍ତୁତି ହୋଇଯାଇଥିବା ସ୍ଥଳେ tender ହେବା ପାଇଁ ବିଳମ୍ବ ହେବାର କାରଣ କଣ, କେବେ ସୁଦ୍ଧା tender ପ୍ରକ୍ରିୟା ସମାପ୍ତ ହୋଇ କାର୍ଯ୍ୟାରମ୍ଭ ହେବ ଏବଂ କେବେ କାର୍ଯ୍ୟ ଶେଷ ହେବ କହିବେ କି , (ଖ) ବିଭାଗକୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାଇ ବାହାବଳପୁର ମତ୍ସ୍ୟ Jetty ମୁହାଣ ଖନନ କାର୍ଯ୍ୟର ବର୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ, କେବେ ସୁଦ୍ଧା ଏବଂ କିଏ ଏହି କାର୍ଯ୍ୟକୁ କରିବ କହିବେ କି ?

----

**Loan Settlement ପାଇଁ OTS ପ୍ରଚଳନ**

2717 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମବାୟ ବିଭାଗ ପକ୍ଷରୁ ବିଭିନ୍ନ loan settlement କରିବା ପାଇଁ OTS ପ୍ରଚଳନ କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି, ଯଦି ନା କଣ ପାଇଁ, ଯଦି ହଁ କେବେ, ଏବଂ OTS ହେଲେ ଆନୁମାନିକ କେତେ ଲୋକେ ଲାଭ ପାଇବେ କହିବେ କି ?

----

**ବିଭିନ୍ନ head ରେ ପ୍ରଦାନ ଅର୍ଥର ପରିମାଣ**

2718 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ଶକ୍ତି ବିଭାଗକୁ କେଉଁ head ରେ କେତେ ଅର୍ଥ ପ୍ରଦାନ କରାଯାଇଛି, TPNODL ଚଳିତ ଆର୍ଥିକ ବର୍ଷରେ କେଉଁ head ରେ କେତେ ଅର୍ଥ ଖର୍ଚ୍ଚ କରିବେ, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷରେ କଣ Action ପ୍ଲାନ୍ ରହିଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ ଗତ ବର୍ଷରୁ ଅଦ୍ୟାବଧି BJYର ଅଗ୍ରଗତି କଣ ଏବଂ ଚଳିତ ଆର୍ଥିକ ବର୍ଷରେ କେତେ ନୂଆ connection ଦେବା ପାଇଁ ବିଭାଗ ସ୍ଥିର କରିଛି ଓ ଏଯାବତ୍ କେତେ ଆବେଦନ କରି ବିଦ୍ୟୁତ୍ ସଂଯୋଗ ପାଇନଥିବା ହିତାଧିକାରୀ ସଂଖ୍ୟା ପଂଚାୟତ ୱାରି କେତେ ଏବଂ କେବେ ସୁଦ୍ଧା ସେମାନେ ବିଦ୍ୟୁତ୍ ସଂଯୋଗ ପାଇବେ କହିବେ କି ?

----

**ଚଳିତ ବର୍ଷର Action Plan**

2719 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ହସ୍ତତନ୍ତ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ଚଳିତ ଗତ ଆର୍ଥିକ ବର୍ଷରେ କଣ ସବୁ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ତାହାର ବିବରଣୀ ପ୍ରଦାନ କରିବା ସହ ଚଳିତ ଆର୍ଥିକ ବର୍ଷର Action plan କଣ ଏବଂ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ତାହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସହରରେ ନୂତନ ବୟନିକା ବା ସରକାରୀ handloom ଖୋଲିବାର କିଛି ପ୍ରସ୍ତାବ ଅଛି କି, ସିନେମା ଛକ ନିକଟସ୍ଥ କଂଗ୍ରେସ ଗଳିକୁ ଲାଗି ରହିଥିବା ବିଭାଗର ଜାଗା ଉପରେ କିଛି ନୂତନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଅଛି କି, ଯଦି ନା ଉକ୍ତ ସ୍ଥାନରେ SHE mart କରିବା ପାଇଁ ବିଭାଗ ନିଜ ଆଡୁ ପ୍ରସ୍ତାବ ଦେବ କି ?

----

**କାର୍ଯ୍ୟ ପାଇଁ ଅର୍ଥ ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ**

2720 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷି ବିଭାଗର Action ପ୍ଲାନ୍ କଣ , କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବା ସହ କଣ ସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ?

----

**ଚାଷୀଙ୍କ ତାଲିକା**

2721 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେ କେତେ ସଂଖ୍ୟକ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଅଛନ୍ତି ତା'ର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) କେନ୍ଦ୍ରାପଡା ଜିଲ୍ଲାରେ କେଉଁ କେଉଁ ବ୍ଲକରେ କେତେ କେତେ ସଂଖ୍ୟକ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମ ମାତ୍ର ଚାଷୀ ଅଛନ୍ତି ?

----

## ବିଦ୍ୟୁତ୍ ଦେୟ ଆଦାୟ

2722 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଶିଳ୍ପ ତଥା ବ୍ୟବସାୟିକ ସଂସ୍ଥା ଉ୍ପରେ କେତେ କେତେ ଟଙ୍କାର ବିଦ୍ୟୁତ୍ ଦେୟ ବକେୟା ପଡି ରହିଛି, ଏହି ବକେୟା ଆଦାୟ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏହି ପଦକ୍ଷେପ ଫଳରେ କି କି ସଫଳତା ମିଳିଛି ?

----

## ସମବାୟ ସମିତି ଗଠନ

2723 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୧୯ - ୨୦ ଠାରୁ ୨୦୨୪ -୨୫ ମଧ୍ୟରେ କେଉଁ କେଉଁ ବର୍ଷରେ କେଉଁ କେଉଁ ଜିଲ୍ଲାର କେଉଁ ବ୍ଲକର କେଉଁ କେଉଁ ପଞ୍ଚାୟତରେ କେତେଗୋଟି ପ୍ରାଥମିକ କୃଷି ସମବାୟ ସମିତି ନୂଆକରି ଗଠନ କରାଯାଇଛି; (ଖ) ନୂତନଭାବେ ଗଠିତ ହୋଇଥିବା PACS ଗୁଡ଼ିକ ମଧ୍ୟରୁ କେଉଁ କେଉଁ PACS କାର୍ଯ୍ୟକ୍ଷମ ଅଛି?

----

## ଧାନ ସଂଗ୍ରହ

2724 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡ଼ା ଜିଲ୍ଲାର କେଉଁ କେଉଁ PACS ମାନେ ଗତ ୨୦୨୪ -୨୫ ବର୍ଷରେ କେତେ କେତେ ଧାନ ସଂଗ୍ରହ କରିଥିଲେ ଓ କେଉଁ କେଉଁ ମିଲମାନେ କେତେ କେତେ ପରିମାଣର ଧାନ ଗତ ୨୦୨୪ -୨୫ ରେ ଖର୍ଦ୍ଦି କରିଥିଲେ; (ଖ) ଚଳିତ ୨୦୨୫ - ୨୬ ଖରିଫ ଋତୁରେ କେଉଁ କେଉଁ PACS ଓ କେଉଁ କେଉଁ ମାଲମାନଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ କରାଯାଇ କେତେ କେତେ ଟାର୍ଗେଟ ଦିଆଯାଇଛି ଓ ପେବୃୟାରୀ ୨୮ ସୁଦ୍ଧା ଧାର୍ଯ୍ୟ ପରିମାଣର କେତେ ଶତାଂଶ ଧାନ ସଂଗ୍ରହ କରାଯାଇ ପାରିଛି ?

----

## ଭାଗ ଚାଷୀ ଚିହ୍ନଟ

2725 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (ଖ) ରାଜ୍ୟରେ କେତେ ସଂଖ୍ୟକ ଭାଗଚାଷୀ ଅଛନ୍ତି ଚିହ୍ନଟ କରାଯାଇଛି କି ଓ ଯଦି ହଁ, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି; (ଖ) ଭାଗଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଭାଗଚାଷୀ ଆଇନ ପ୍ରଣୟନ କରିବାର କୌଣସି ଯୋଜନା ଅଛି କି ?

----

## ନିର୍ଦ୍ଦେଶକ ନିଯୁକ୍ତି ସମ୍ପର୍କରେ

2726 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମବାୟ ସଂସ୍ଥା ଗୁଡିକର ରେଗୁଲେଟାରୀ ଅଥରିଟି, ହୋଇଥିବା ସ୍ଥଳେ ସେ କିପରି ଭାବେ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ରହିଛନ୍ତି ଏହା ଆଇନ ସମ୍ମତ କି ଜଣାଇବା ସହ,ଏହି ପରିଗୁଳନା ନିର୍ଦ୍ଦେଶକ ନିଯୁକ୍ତ କ୍ଷେତ୍ରରେ ସରକାର କି ନୀତିନିୟମ ରଖିଛନ୍ତି ଏବଂ ଏହି ପଦବୀଟି କେବେ ସୁଦ୍ଧା ପୂରଣ କରାଯିବ ?

----

## ଇନପୁଟ ସବସିଡ଼ି

2727 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଖରିଫ ଧାନ ସଂଗ୍ରହ ଋତୁରେ ରାଜ୍ୟ ସରକାର 'ସମୃଦ୍ଧ କୃଷି' ଯୋଜନାରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ପରିବର୍ତ୍ତେ କୁଇଣ୍ଟାଲ ପିଛା କେତେ ଟଙ୍କା ଇନ୍‌ପୁଟ୍ ସବସିଡି ଆକାରରେ ଦେଉଛନ୍ତି, ୨୦୨୪-୨୫ ଖରିଫ ଓ ରବି ଋତୁ ପାଇଁ ଏହି ଇନ୍‌ପୁଟ ସବସିଡି କେତେ ଟଙ୍କା ଥିଲା ଏବଂ ୨୦୨୫-୨୬ ରବି ଋତୁ ପାଇଁ ଏହା କେତେଟଙ୍କା ଅଛି ଜଣାଇବା ସହ ସରକାର ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣିବା ପରିବର୍ତ୍ତେ ପ୍ରଦାନ କରୁଥିବା ଇନ୍‌ପୁଟ ସବସିଡି ପାଇଁ କିଛି ସୀମା ନିର୍ଦ୍ଧାରଣ କରିଛନ୍ତି କି ; ଯଦି ହଁ, ପ୍ରତି ଚାଷୀ ସର୍ବାଧିକ କେତେ କୁଇଣ୍ଟାଲ ଧାନ ହେଲେ ଏହି ଇନ୍‌ପୁଟ ସବସିଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ?

----

## ସବସିଡ଼ି ପ୍ରଦାନ

2728 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୨-୨୩ ବର୍ଷରୁ ୨୦୨୫-୨୬ ବର୍ଷ (ଜାନୁୟାରୀ ୩୧ ୨୦୨୬ ପର୍ଯ୍ୟନ୍ତ) ମୁଖ୍ୟମନ୍ତ୍ରୀ କୃଷି ଇଦ୍ୟୋଗ ଯୋଜନରେ ସମୁଦାୟ କେତେ ଟଙ୍କାର ସବସିଡି ପ୍ରଦାନ କରାଯାଇଛି; ତାହାର ବର୍ଷୱାରୀ, ପ୍ରକଳ୍ପୱାରୀ ଓ ବର୍ଷୱାରୀ ବିବରଣୀ, ପ୍ରଦାନ କରିବାସହ, ସମସ୍ତ ପ୍ରକଳ୍ପର ଆକାର ଓ ସେସବୁର ବର୍ତ୍ତମାନର ସ୍ଥିତି ସମ୍ବନ୍ଧର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ବିଦ୍ୟୁତ ବିଲ ସମ୍ପର୍କରେ

2729 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) କଟକ ଜିଲ୍ଲାର କେଉଁ ବ୍ଲକ୍ ଅଧିନରେ କେଉଁମାନେ 3 Phase / 1 Phase ଲାଇନ୍ କେଉଁ କେଉଁ ସଂସ୍ଥାରେ ବ୍ୟବହାର ପାଇଁ ବିଦ୍ୟୁତ ସଂଯୋଗ ନେଇଛନ୍ତି ଏବଂ କେତେଜଣ ନୂତନ ପାଇଁ ଆବେଦନ କରିଛନ୍ତି ତାର ଡିଭିଜନୱାରୀ ତାଲିକା ଦେବେ କି; (ଖ) ସେମାନେ ବ୍ୟବହାର କରୁଥିବା ସଂସ୍ଥାରୁ କେତେ ମାସିକ ବିଲ ଆସୁଅଛି ଏବଂ କେତେରେରା ସଂଯୋଗ କରିଛନ୍ତି ଓ କେଉଁମାନେ ଚୋରା କ୍ରସର ପାଇଁ ବିଦ୍ୟୁତ ୟେରୀକରି ଧରାପଡ଼ିଛନ୍ତି ତାର ଡିଭିଜନୱାରୀ, ବ୍ଲକ୍‌ୱାରୀ ଏକ ବିବରଣ ଉପସ୍ଥାପନା କରିବେ କି ; ବିଦ୍ୟୁତ୍ ବିଭାଗ ଓ ଚୋରାଖଣି, ଓ ଶିଳ୍ପସଂସ୍ଥା ବାଲାଙ୍କ ସହ ମିଳିଭଗତରେ ବିଦ୍ୟୁତ ଚୋରୀ କରୁଥିବା ସତ୍ୟ କି, ଯଦି ନୁହେଁ କଟକ ଜିଲ୍ଲାର କେଉଁମାନଙ୍କଠାରୁ କେତେ ଅର୍ଥ ଆଦାୟ ହୋଇଛି ଓ କେତେ ଅର୍ଥ କେଉଁମାନଙ୍କ ଉପରେ ବକେୟା ଅଛି ?

----

## Job Chart ଅନୁସରଣ

2730 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଏହି ବିଭାଗ ଅଧୀନରେ ଅଦ୍ୟାବଧି କେତୋଟି Asst.Director of Chemist ପଦବୀ ରହିଥିବା ସ୍ଥଳେ କେତୋଟି ପଦବୀ କେଉଁଠାରେ ପୂରଣ କରାଯାଇଛି କେତୋଟି ପଦବୀ ଖାଲି ରହିଅଛି ଜଣାଇବା ସହ ସେଗୁଡିକ କେବେ ଭୂ- କରାଯିବ ;(ଖ) ଏହି ପଦବୀ ଗୁଡିକ ପୂରଣ କରିବା ପାଇଁ ଲୋକସେବା ଆୟୋଗ କର୍ମ ମାଧ୍ୟମରେ ଉପଯୁକ୍ତ ଯୋଗ୍ୟତା ଭିତ୍ତିରେ ଯୁବକଯୁବତୀମାନଙ୍କୁ ନିଯୁକ୍ତି ପାଇଁ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବା ସହ, ଉକ୍ତ ପଦବୀ ପୂରଣ ପାଇଁ Cadre Rule ଏବଂ Job Chart ଅନୁସରଣ କିକି ନୀତି ନିୟମ ରହିଛି, ଏବଂ Cadre Rule ଅନୁଯାୟୀ ପଦୋନ୍ନତି କ୍ଷେତ୍ରରେ ବୁଣାକାରମାନେ କି କି ସୁବିଧା ସୁଯୋଗ ପାଇ ଉପକୃତ ହୋଇଛନ୍ତି ?

----

## MSME Park ପ୍ରତିଷ୍ଠା

2731 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରେ MSME Park ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ, ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ; ସରକାର ଶିକ୍ଷିତ ମହିଳାମାନଙ୍କୁ ବିଉଟି ପାର୍ଲର ଖୋଲିବାକୁ ଓ ଆଧୁନିକ ଶୈଳିରେ ପାର୍ଲର ସମ୍ପର୍କରେ Item ଗୁଡ଼ିକର ଆବଶ୍ୟକ ଟ୍ରେନିଂଦେଇ ସେମାନଙ୍କୁ ଭଲ ରୋଜଗାର କରି ସ୍ୱାବଲମ୍ବୀ ହେବା ପାଇଁ ପ୍ରୋତ୍ସାହନ ଦେବେ କି ?

----

**ଚାଉଳ ଯୋଗାଣ**

2732 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନସୁଦ୍ଧା କେତେ ଲୋକଙ୍କୁ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ତଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ମାଗଣା ଚାଉଳ ଯୋଗାଇ ଦିଆଯାଉଛି ବେଗୁନିଆ ଓ ବୋଲଗଡ଼ ବ୍ଲକରେ ଅଦ୍ୟାବଧି କେତେ ହିତାଧିକାରୀ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି, ଏମାନଙ୍କୁ କେବେ ସୁଦ୍ଧା ଚାଉଳ ଦିଆଯିବ ?

----

**ପନିପରିବା ଚାଷପାଇଁ ପ୍ରୋତ୍ସାହନ**

2733 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀ ଚାଷୀମାନଙ୍କୁ ପନିପରିବା ଚାଷ ନିମନ୍ତେ ପ୍ରୋତ୍ସାହିତ କରି ନିର୍ବାଚନ ମଣ୍ଡଳୀରେ ପରିବା ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଛି ;ବେଗୁନିଆ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେତେ ଶତାଂଶ ଜନସାଧାରଣ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି ପ୍ରକାଶ କରି ନିର୍ବାଚନ ମଣ୍ଡଳୀ କୃଷି ବ୍ୟବସ୍ଥାରେ ପ୍ରୋତ୍ସାହନ ପ୍ରଦାନ କରି ଅଧିକ ଆତ୍ମନିଯୁକ୍ତି ସୃଷ୍ଟି କରି ଅଧିକ ଆତ୍ମନିଯୁକ୍ତି ସୃଷ୍ଟିପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ପଶୁ ଚିକିତ୍ସାଳୟ ପ୍ରତିଷ୍ଠା**

2734 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଛେଳି, ମେଣ୍ଢା, ଘୁଷୁରି, ଗାଇ, ମଇଁଷି ଆଦି ଗଣନା କେବେ ହୋଇଥିଲା ତାର ବ୍ଲକୱାରୀ ତଥ୍ୟ ଦେବେ କି, ସରକାର ପୁଣି କେବେ ଗଣନା କରିବାର ନିଷ୍ପତ୍ତି ନେଇଛନ୍ତି, ବେଗୁନିଆ ଓ ବୋଲଗଡରେ ପଶୁ ଚିକିତ୍ସାଳୟ, ଡିସପେନସାରୀ ଏବଂ ଲାଇଭେଷ୍ଟକ ସେଣ୍ଟର ସ୍ଥାପନ କରିବାର ପ୍ରସ୍ତାବ ରଖିବେ କି, ବୁଲା ଗାଇ, ଷଣ୍ଢ ଆଦି ପଶୁମାନଙ୍କର ଥଇଥାନ କରିବେ କି ?

----

**ପାରିଶ୍ରମିକ ବୃଦ୍ଧି**

2735 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଗ୍ରାମ ଅଞ୍ଚଳରୁ ସହର ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଗରିବ ଜନସାଧାରଣଙ୍କୁ ଜାତୀୟ ଖାଦ୍ୟ ନିରାପ୍ତା ଯୋଜନାରେ ଯୋଗାଇ ଦିଆଯାଉଥିବା ଚାଉଳ କଣ୍ଟ୍ରୋଲ୍ ଡିଲରମାନେ ଦେଇଥାନ୍ତି, ଉପଭୋକ୍ତାମାନେ ଧାଡିରେ ଠିଆ ହୋଇ ଆଣିବା ସମୟରେ ସରଭର କାର୍ଯ୍ୟ କରିନଥାଏ ଫଳରେ 3,4 ଘଣ୍ଟା ପର୍ଯ୍ୟନ୍ତ ଧାଡିରେ ଖରା, ବର୍ଷା ଏବଂ ଶୀତରେ ଠିଆ ହୋଇ ରହିବାକୁ ପଡେ, ଏଥିପାଇଁ ଉପଭୋକ୍ତା ମାନେ ନାହିଁନଥିବା ହଇରାଣ ହେଉଛନ୍ତି, ରାସନ ସାମଗ୍ରୀ ବଣ୍ଟନ ପାଇଁ ସରକାର ସୁବ୍ୟବସ୍ଥା କରିବା ପାଇଁ କଣ ପଦକ୍ଷେପ ନେବେ, Control Dealer ମାନଙ୍କୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ପାରିଶ୍ରମିକ ପ୍ରାପ୍ୟ Rs.104/- ଟଙ୍କା କୁଇଣ୍ଟାଲ ପିଛା ଦିଆଯାଉଛି, ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ସମସ୍ତ କ୍ଷେତରେ ସବୁ ଦରଦାମ ବୃଦ୍ଧି ପାଇଥିଲାବେଳେ ସହର ଅଞ୍ଚଳରେ control Shop ଭଡା Ele ଭଡା ଇତ୍ୟାଦି ଅଧିକ ପଡେ, ତେଣୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ Dealer ଙ୍କ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେବେ କି, ଏହା କେବେଠାରୁ କାର୍ଯ୍ୟକାରୀ ହେବ ?

----

**ବସ୍ତ୍ର ଉତ୍ପାଦନ**

2736 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ କେତେ ବୁଣାକାର ପରିବାରଥିବାବେଳେ ତନ୍ମଧ୍ୟରୁ କେତେ ଜଣ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି କେତେଜଣ କେତେଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନ କରୁଛନ୍ତି, ସେହି ସମିତିମାନଙ୍କରୁ ବିଗତ ତିନି ବର୍ଷରେ କେତେ ମୂଲ୍ୟର ବସ୍ତ୍ର ଉତ୍ପାଦିତ ହୋଇଛି ?

----

**ସବୁଜ ଶକ୍ତି ଉତ୍ପାଦନ**

2737 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ସବୁଜ ଶକ୍ତି ଉତ୍ପାଦନ ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ଲୁଣ ଚାଷ**

2738 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ସମୁଦ୍ର ଉପକୂଳରେ କେତେ ହେକ୍ଟର ଜମିରେ ଲୁଣ ମରାଯାଉଛି, ଏଠାରୁ ବାର୍ଷିକ କେତେ ପରିମାଣର ଲୁଣ ଉତ୍ପାଦିତ ହେଉଛି ଓ ଲୁଣ ଶିଳ୍ପ ମାଧ୍ୟମରେ କେତେଜଣ ବ୍ୟକ୍ତି ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ?

----

**ଅଭିଯୋଗ ସମାଧାନ**

2739 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଜିଲ୍ଲାର ଥିବା ଖାଉଟୀ ସୁରକ୍ଷା ସାମୁଖ୍ୟମାନଙ୍କରେ କେତୋଟି ଅଭିଯୋଗ ବିଚାରାଧୀନ ଅଛି ବିଗତ ତିନି ବର୍ଷରେ କେତୋଟି ଫଇସଲା ହୋଇଛି ଓ ବକେୟା ଅଭିଯୋଗର ଆଶୁ ଫଇସଲା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ଛାତ୍ର ବୃତ୍ତି ପ୍ରଦାନ**

2740 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ମତ୍ସ୍ୟଜୀବି ପରିବାରକୁ କେତେଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି?

----

**ଔଷଧ ଯୋଗାଣ**

2741 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ ବହୁ ପରିମାଣରେ ବର୍ଷା ହୋଇଥିବାରୁ ଗୋରୁ,ଗାଈ, ଛେଳି ମେଣ୍ଢା, ଓ ମଇଁଷି ଇତ୍ୟାଦି ନାନାଦି ରୋଗରେ ପିଡିତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି, ଏହି ନାନାଦି ରୋଗର ଚିକିତ୍ସା ପାଇଁ VS କୁ ଯୋଗାଯୋଗ କଲେ VS ଉତ୍ତର ଦେଉଛନ୍ତି କି, ଆମ ପାଖରେ କୌଣସି ଔଷଧ ନାହିଁ, ତେଣୁ ଗୋରୁ ଗାଈ, ମେଣ୍ଢା ଛେଳି ଓ ମଇଁଷି ଇତ୍ୟାଦି ଚିକିତ୍ସା ଅଭାବରୁ ବଞ୍ଚିତ ହେଉଥିବାରୁ ଅକାଳରେ ମୃତ୍ୟୁ ମୁଖରେ ପଡୁଅଛନ୍ତି, ତେଣୁ ରାଜ୍ୟରେ ଥିବା ବିଭିନ୍ନ ପଶୁ ଚିକିତ୍ସା କେନ୍ଦ୍ର ଗୁଡିକୁ ସରକାରଙ୍କ ତରଫରୁ ଔଷଧ ଯୋଗାଇ ଦେବାର ସୁ ବ୍ୟବସ୍ଥା କରିବେ କି ?

----

**ଚାଇନା ମିଟର ଲଗାଇବା ସମ୍ପର୍କରେ**

2742 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କ ସରକାରୀ ବା ବେସରକାରୀ ବାସଗୃହରେ ସଂଯୋଗ କରାଯାଇଥିବା ମିଟର ଗୁଡିକୁ ସଚଳ ଅବସ୍ଥାରେ ଥିଲେ ମଧ୍ୟ ବିଦ୍ୟୁତ ପରିଚାଳନା କମ୍ପାନୀ ଚାଇନା ମିଟର ବାଧ୍ୟ କରି ଲଗାଇବାର କାରଣ କଣ ଏବଂ ଏହା ମାଧ୍ୟମରେ ଉପଭୋକ୍ତା ମାନଙ୍କୁ ଶୋଷଣ କରାଯାଉଥିବା ସତ୍ୟ କି, ଯଦି ସତ୍ୟ ତା' ହେଲେ ଉପଭୋକ୍ତାଙ୍କ ଘରେ ଚାଇନା ମିଟର ନ ଲଗାଇବା ପାଇଁ କମ୍ପାନୀ ମାନଙ୍କୁ ପରାମର୍ଶ ଦେବେ କି ?

----

**ବୟନ ଶିଳ୍ପର ବିକାଶ**

2743 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହସ୍ତ ତନ୍ତ ଓ ବୟନ ଶିଳ୍ପର ବିକାଶ ପାଇଁ ରାଜ୍ୟରେ କେଉଁ କେଉଁ ଠାରେ ମଲବେରୀ ବା ତୁତ ଚାଷ କରାଯାଇ ଟସର ସୂତା ଅମଳ/ଆମଦାନୀ କରାଯାଉଅଛି ଏବଂ ଉକ୍ତ ଚାଷ କରୁଥିବା ଚାଷୀଙ୍କୁ କୌଣସି ପ୍ରୋତ୍ସାହନ ରାଶି ସରକାରାଙ୍କ ତରଫରୁ ପ୍ରଦାନ କରାଯାଇଅଛି କି, ଯଦି ଦିଆଯାଉଅଛି ତା ହେଲେ, ରାଜ୍ୟର କେଉଁ କେଉଁ ଚାଷୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଉଅଛି ?

----

**ଧାନମଣ୍ଡୀ ଖୋଲିବା ପାଇଁ ପଦକ୍ଷେପ**

2744 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ଏକ ପଛୁଆ ଅଞ୍ଚଳ ହୋଇଥିବାରୁ ହାତି ଭୟରେ ଧାନ ଅମଳ ସାରି ବିକ୍ରୟ କରିବା ପାଇଁ ଚାଷୀ ଚାତକ ପକ୍ଷିପରି ଅପେକ୍ଷା କରିଅଛନ୍ତି ତେଣୁ କେନ୍ଦୁଝର ଜିଲ୍ଲାରେ କେଉଁ କେଉଁ ଠାରେ ଧାନ ମଣ୍ଡୀ ଖୋଲିବା ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ କେବେ ଠାରୁ ଜିଲ୍ଲାରେ କେଉଁ କେଉଁ ଠାରେ ଧାନମଣ୍ଡୀ ଖୋଲିବା ପାଇଁ ବିଭାଗ ଚିନ୍ତାଧାରା ନେଇଛନ୍ତି ?

----

**ମୃତ୍ତିକା ସଂରକ୍ଷଣ**

2745 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଜ୍ଞାନ ଦିନକୁ ଦିନ ଆଗଉ ଥିବାରୁ କେନ୍ଦୁଝର ଜିଲ୍ଲାର ମୃତ୍ତିକା ସଂରକ୍ଷଣ କରିବା ନିମିତ୍ତ କେଉଁ କେଉଁ ସ୍ଥାନକୁ ଚିହ୍ନଟ କରାଯାଇଅଛି ଏବଂ ଏହି ମୃତିକା ସଂରକ୍ଷଣ ମାଟିରେ କଣ କଣ ଚାଷ ପାଇଁ ଉଦ୍ଦିଷ୍ଟ ଅଟେ ସେହି ପ୍ରକାର ଚାଷ କରିବା ପାଇଁ ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**ଉତ୍ପାଦନ କ୍ଷମ ୟୁନିଟ୍ ଗୁଡିକର ଉତ୍ପାଦନ ରପ୍ତାନୀ ପରିମାଣ**

2746 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ 2024-25 ଆରମ୍ଭରୁ ଏ ଯାଏଁ କେତୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପିତ ହୋଇ ଉତ୍ପାଦନ ଆରମ୍ଭ କଲାଣି ଏବଂ ଆଉ କେତୋଟି ନିର୍ମାଣଧିନ ଅଛି ଏବଂ ମଞ୍ଜୁର ହୋଇଛି ରାଜ୍ୟରେ ଏଭଳି ମୋଟ କେତୋଟି ୟୁନିଟ୍ ଏବେ ଉତ୍ପାଦନ କ୍ଷମ ଅଛି କେତୋଟି କେଉଁ କାରଣରୁ ବନ୍ଦ ହୋଇଯାଇଛି, ଉତ୍ପାଦନ କ୍ଷମ ୟୁନିଟ୍ ଗୁଡିକର ବାର୍ଷିକ ଉତ୍ପାଦନ ରପ୍ତାନୀ ପରିମାଣ କେତେ ?

----

**ବିକ୍ରୟ ସାମଗ୍ରୀର ପରିମାଣ**

2747 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟଚିତ୍ର, ପାଇଁ ପ୍ରସିଦ୍ଧ ପୁରୀ ଜିଲ୍ଲାର ଅହିରାଜପୁରର ଗ୍ରାମରେ ଓ ଚାନ୍ଦୁଆ ଲାଗି ସୁଖ୍ୟାତ ପୁରୀଜିଲ୍ଲା ପିଲିଲି ବର୍ଷକୁ କେତେ ମୂଲ୍ୟ ର ଏ ସବୁ ସାମଗ୍ରୀ ଉତ୍ପାଦିତ ଓ ବିକ୍ରି ହେଉଛି ଏବଂ ସେଗୁଡିକର ଉତ୍ପାଦନରେ କେତେ ପରିବାର ନିୟୋଜିତ ଅଛନ୍ତି, ଏ ସବୁ ସ୍ଥାନକୁ କେତେ ସଂଖ୍ୟକ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଉପରୋକ୍ତ ସାମଗ୍ରୀ କିଣିବା ଲାଗି ପ୍ରତିବର୍ଷ ଆସୁଛନ୍ତି ଉଭୟ ସ୍ଥାନରୁ ଏ ସବୁ ସାମଗ୍ରୀ କେତେ ପରିମାଣରେ ଓଡିଶା ବାହାରକୁ ଓ ବିଦେଶକୁ ଯାଉଛି, ଉଭୟ ସ୍ଥାନରେ ଏହି ଦ୍ୱୟ ହସ୍ତଶିଳ୍ପର ବିକାଶ ଲାଗି କି ପଦକ୍ଷେପ ନେଉଛନ୍ତି ?

----

**ଡାଲି ଓ ତେଲ ର ବାର୍ଷିକ ବୃଦ୍ଧିହାର**

2748 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଡାଲି ଓ ଖାଇବା ତେଲର ଚାହିଦା କେତେ ଏବଂ ତାର ବାର୍ଷିକ ବୃଦ୍ଧିହାର କେତେ ଏବଂ ସେ ସବୁରୁ କେତେ ପରିମାଣ ଓଡିଶା ବାହାରକୁ ଆସୁଛି ଏବଂ କେତେ ରାଜ୍ୟ ଭିତରୁ ମିଳୁଛି ଡାଲି ଓ ଖାଇବା ତେଲର କିଶମ ଏବଂ ଚାହିଦା ତଥା ଗତ ତିନି ବର୍ଷର ବିକ୍ରି ପରିମାଣ ଜିଲ୍ଲାୱାରୀ ତଥ୍ୟ ସହ ଦେବେ କି ?

----

**ଚାଷ ଜମିରେଥିବା ସମସ୍ୟା**

2749 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ଚାଷ ଜମିରେ ଲବଣାଂଶ ଓ ଅମ୍ଳତା ଏବଂ ଅନ୍ୟାନ୍ୟ କ୍ଷତିକାରକ ସମସ୍ୟା ରହିଛି, ଏବଂ ଏଦ୍ୱାରା କୃଷି ଉତ୍ପାଦନ କି ଭଳି କ୍ଷତିଗ୍ରସ୍ତ ହେଉଛି, ତାର ପ୍ରତିକାର ଲାଗି କି ପଦକ୍ଷେପ ନିଆଯାଉଛି ?

----

**ସୌର ପ୍ରକଳ୍ପର ଉତ୍ପାଦନ କ୍ଷମତା**

2750 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ଘରୋଇ ସଂସ୍ଥା ଓ କେତୋଟି ଘରୋଇ ଉଦ୍ୟୋଗ ଶୌର ପ୍ରକଳ୍ପ ପ୍ରତିଷ୍ଠା କରିଛନ୍ତି, ସେ ସବୁର ଉତ୍ପାଦନ କ୍ଷମତା କେତେ, ସେହି ବିଦ୍ୟୁତକୁ କେଉଁ ସରକାରୀ ସଂସ୍ଥା ଓ ଘରୋଇ ସଂସ୍ଥା କେଉଁ ଦରରେ କିଣୁଛନ୍ତି, ଆଉ କେତୋଟି ଶୌର ପ୍ରକଳ୍ପ ଘରୋଇ ଉଦ୍ୟୋଗରେ ନିର୍ମାଣଧିନ ଅବସ୍ଥାରେ ଅଛି ବା ମଞ୍ଜୁର ହୋଇଛି ଏ ସବୁର ଜିଲ୍ଲାୱାରୀ ତାଲିକା ଦେବେ କି, ଏ ଯାଏଁ ଘରୋଇ ଉତ୍ପାଦନକାରୀ ମାନେ ବିଦ୍ୟୁତ ବିକି ସରକାରୀ ସଂସ୍ଥାରୁ କେତେ ଅର୍ଥ ପାଇଲେଣି ଉଦ୍ୟୌଗୀମାନଙ୍କର ନାମ, ପ୍ରକଳ୍ପ, ବ୍ୟୟ ଓ ସେମାନେ ପାଉଥିବା ବବସିଡ୍ ପରିମାଣ କେତେ ?

----

**ଋଣର ପରିମାଣ**

2751 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁ କେଉଁ ସମବାୟ ସଂସ୍ଥା ବିଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେ ଚାଷୀଙ୍କୁ କେତେ ଟଙ୍କା ଋଣ ଦେଇଛି କେତେ ଟଙ୍କା (ଋଣ) ଆଦାୟ କରିଛି ଓ କେତେ ଅନାଦାୟ ଋଣ ରହିଛି ?

----

**ବୁଣାକାର ଓ କୁମ୍ଭାରଙ୍କ ସଂଖ୍ୟା**

2752 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ବୁଣାକାର ଓ କେତେ କୁମ୍ଭାର ଅଛନ୍ତି, ବୁଣାକାରମାନଙ୍କ ସୁବିଧା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଓ କୁମ୍ଭାର ମାନଙ୍କର ଭବିଷ୍ୟତ ସୁରକ୍ଷା, କୌଳିକ ବୃତ୍ତି ବଞ୍ଚିରହିବା ପାଇଁ ସରକାରୀ ପ୍ରୋତ୍ସାହନ କଣ ଅଛି ?

----

**ଗ୍ରୀଡର କାର୍ଯ୍ୟକ୍ଷମ**

2753 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଆଜି ପର୍ଯ୍ୟନ୍ତ କେତେ ଗ୍ରାମକୁ ଓ ପଡା ଗ୍ରାମକୁ ବିଜୁଳି ସଂଯୋଗ ଦିଆ ଯାଇନାହିଁ, କେବେ ସୁଦ୍ଧା ଦିଆଯିବ Sirtituda (ଶ୍ରୀତିଗୁଡା) ଠାରେ ଥିବା ଗ୍ରୀଡ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ?

----

**ମାଛ ଚାଷ ପାଇଁ ପ୍ରୋତ୍ସାହନ**

2754 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେ ଜଣଙ୍କୁ କୁକୁଡା ଚାଷପାଇଁ, କେତେ ଚାଷୀଙ୍କୁ ଛେଳି ପାଳନ ପାଇଁ ଓ କେତେ ଜଣଙ୍କୁ ଗାଇ ପାଳନ ପାଇଁ ସରକାର ଗତ 20 ମାସ ମଧ୍ୟରେ ଆର୍ଥିକ ସହାୟ ଯୋଗାଇଛନ୍ତି କେତେ ଗୋଶାଳା ନିର୍ମାଣ ପାଇଁ ପ୍ରୋତ୍ସାହନ ଦେଇଛନ୍ତି ସେହିପରି କେତେ ଜଣଙ୍କୁ ମାଛ ଚାଷ କରିବାକୁ ପୋଖରୀ ଖୋଳିବା ପାଇଁ ବ୍ୟବସ୍ଥା କରିଛନ୍ତି ?

----

**ବାଲିଗୁଡାରେ ଖର୍ଚ୍ଚର ପରିମାଣ**

2755 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉକ୍ତ ବିଭାଗ ଦ୍ଵାରା ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କି କି କମ କେଉଁ ସ୍ଥାନରେ କେତେ ଖର୍ଚ୍ଚରେ ହୋଇଛି ଗତ 5 ବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

**ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ**

2756 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ୟ ଯୋଜନା ଓ ରାଜ୍ୟ ସରକାର ଯୋଜନା ସହିତ ଅନ୍ତୋଦୟ, ଅନ୍ନପୂର୍ଣ୍ଣା ଆଦି ବିଭିନ୍ନ ଯୋଜନାରେ ଏବେ ମାଗଣାରେ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଉଛି ; ଏବଂ ଆଉ କେତେ ଲୋକଙ୍କୁ ଲୋକ ଏହା ପାଇବାପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି ତାହାର ଏକ ସଂଖ୍ୟକ ଲୋକ ଜିଲ୍ଲାୱାରୀ ପ୍ରଦାନ କରିବା ସହିତ ତଥ୍ୟ ହିତାଧିକାରୀଙ୍କୁ ବାଦ ଦେବାଲାଗି ସରକାର କଣ ସବୁ ପଦକ୍ଷେପ ହାତକୁ ହିତାଧିକାରୀଙ୍କୁ ବାଦ ଦେବା ସହ କେତେ ଯେ ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଗତ ବର୍ଷକ ମଧ୍ୟରେ କେତେ ଅଯୋଗ୍ୟ/ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି ?

----

**ବିଦ୍ୟୁତ ସଂଯୋଗୀକରଣ**

2757 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟୁତ ସଂଯୋଗୀକରଣ ଓ ଆବଣ୍ଟନ ପାଇଁ ଟାଟା ପାୱାର କମ୍ପାନୀ (TPCODL) ଏବଂ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିନାମା କେବେ ହୋଇଥିଲା ; ଚୁକ୍ତିନାମା ଆଧାରରେ ଟାଟା ପାୱାର କି କି କାର୍ଯ୍ୟ କରିବ ବୋଲି ଚୁକ୍ତି ବଦ୍ଧ ହୋଇଥିଲା ଏବଂ ଉକ୍ତ କମ୍ପାନୀ ଅଦ୍ୟାବଧି କେଉଁ କାର୍ଯ୍ୟ କରିଛି ଉକ୍ତ କାର୍ଯ୍ୟ ପାଇଁ କେଉଁ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି ଏହାର ବର୍ଷୱାରୀ ଓ କାର୍ଯ୍ୟୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**ଅଣ୍ଡା ଉତ୍ପାଦନ ବୃଦ୍ଧି**

2758 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ମାଛ ଓ ଅଣ୍ଡା ଉତ୍ପାଦନରେ ବୃଦ୍ଧି ପାଇଁ ଏବଂ ଆତ୍ମନିର୍ଭର ହେବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ; ଏଥି ସହିତ ବର୍ତ୍ତମାନ ରାଜ୍ୟରେ ଉପଭୋକ୍ତା ମାନଙ୍କର ଚାହିଦା ତୁଳନାରେ ଉତ୍ପାଦନ ଓ ଅଭାବକୁ ମେଣ୍ଟେଇବା ପାଇଁ ବାହାର ରାଜ୍ୟରୁ କେତେ ପରିମାଣ ମାଛ ଓ ଅଣ୍ଡା ଆମଦାନୀ କରାଯାଉଛି ; (ଖ ) ଦେବଗଡ଼ ଜିଲ୍ଲାରେ କେତେ ସଂଖ୍ୟକ ଚାଷୀ ମାଛ ଚାଷ ଓ କୁକୁଡ଼ା ପାଳନ ଉପରେ ନିର୍ଭରଶୀଳ ; ଦେବଗଡ଼ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କୁ ମାଛ ଚାଷ ଓ କୁକୁଡ଼ା ପାଳନ ନିମନ୍ତେ ଅଧିକ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସରକାର ବିଧି ବ୍ୟବସ୍ଥା ସମ୍ବନ୍ଧରେ ଜଣାଇବେ କି ?

----

**ରାସନ କାର୍ଡ ପ୍ରଦାନ**

2759 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ ଏଯାବତ୍ e-KYC କରିନଥିବା ହିତାକାରୀ ସଂଖ୍ୟା କେତେ ; ଏହାର ବ୍ଲକୱାରୀ ତଥ୍ୟ ରଖିବେ କି; ଦୀର୍ଘ ବର୍ଷ ଧରି ରାସନ ସାମଗ୍ରୀ ଉଠାଉଥିବା ଅଯୋଗ୍ୟ ହିତାକାରୀଙ୍କ ତାଲିକା, କେଉଁ କାରଣରୁ ଅଯୋଗ୍ୟ ଓ ସେମାନଙ୍କ ବିରୋଧରେ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ତାହା ଜଣାଇବେ କି ; ବର୍ତମାନ ଦେବଗଡ଼ ଜିଲ୍ଲାରେ କେତେ ହିତାଧାକାରୀ ଅଛନ୍ତି ଓ ମାସିକ କେତେ ରାସନ ସାମଗ୍ରୀ ନେଉଛନ୍ତି, ଏହାର ବ୍ଲକୱାରୀ ତଥ୍ୟର ତାଲିକା ପ୍ରଦାନ କରିବେ ; କେତେ ଲୋକ ରାସନ୍ କାର୍ଡ ଆବେଦନ କରି ଅପେକ୍ଷାରତ ଅଛନ୍ତି ?

----

**Tata Power ର CSR ପାଣ୍ଠି ବିନିଯୋଗ**

2760 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ବାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tata Power ରାଜ୍ୟରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ହାତକୁ ନେବା ଦିନ ଠାରୁ କେତେ ଅର୍ଥ ଜୋରିମାନା କେଉଁ ଜିଲ୍ଲାରୁ କେତେ ଜୋରିମାନା ସଂଗ୍ରହ କରିଛନ୍ତି ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ଏବଂ Tata Power ତାର ଲାଭାଂଶରୁ CSR ନିମନ୍ତେ କେଉଁ ଜିଲ୍ଲାରେ କେତେ ଖର୍ଚ୍ଚ କରିଛନ୍ତି ତାର ଜିଲ୍ଲାୱାରୀ ଖର୍ଚ୍ଚ କରାଯାଇଥିବା ଯୋଜନା ଗୁଡିକର ତାଲିକା ପ୍ରଦାନ କରିବେ କି ?

----

**Fill up vacant post**

2761 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given ongoing concerns that staff shortages in District Industry Centres have significantly reduced MSME scheme outreach, what concrete steps are being taken by the MSME Department to fill vacant posts and strengthen field-level promotion ?

----

**False Crop Data**

2762 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Last year 1.81 lakh farmers were issued notices for submitting false crop data during procurement registration, affecting procurement planning. What corrective measures has the Food Supplies department implemented to strengthen data verification and prevent recurrence ?

----

**Profitable Sales**

2763 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- With handloom fairs such as Sisir Saras-2026 and others underway, how many artisans have consistently earned profitable sales (above cost of production), and what percentage of exhibitors received direct market linkage contracts post-events ?

----

**Third Party Audit**

2764 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Cooperation Department commit to a third-party audit of PACS inventories and sales (especially regarding fertiliser stock and pricing) to address transparency issues and prevent black marketing, If yes, what is the timeline and further roadmap for the same, If no, what is the alternative the government is planning to tackle the issue ?

----

**Science City**

2765 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The state government has announced plans for a Science City, Space-Tech Hub. What is the status of land acquisition, allocated budget utilization, and MoU execution for this project ?

----

**ଶିଳ୍ପ ସଂସ୍ଥାର ପୁନଃ କାର୍ଯ୍ୟକ୍ଷମ**

2766 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାକୁ କେତେ ପରିମାଣ ଜମି ଓ ସହଯୋଗ ଶିଳ୍ପାୟନ ପାଇଁ ପ୍ରଦାନ କରାଯାଇଛି ; ତନ୍ମଧ୍ୟରୁ କେତୋଟି ଶିଳ୍ପ ସଂସ୍ଥା ଉତ୍ପାଦନ କରୁଥିବା ବେଳେ କେତୋଟି ଅଚଳ ଅବସ୍ଥାରେ ଅଛି ; ଅଚଳ ଶିଳ୍ପ ସଂସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

**ସାମଗ୍ରୀ ବିକ୍ରୟ**

2767 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତ୍କଳିକାର କେଉଁ ବିକ୍ରୟ କେନ୍ଦ୍ରରେ ବିଗତ ତିନି ବର୍ଷରେ କେତେ ମୂଲ୍ୟର ସାମଗ୍ରୀ ବିକ୍ରୟ ହୋଇ କେତେ ଲାଭ ବା କ୍ଷତି ହୋଇଛି ପ୍ରକାଶ କରି ଉତ୍କଳିକାର ବିକ୍ରୟ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ପନିପରିବା ବିକ୍ରୟ**

2768 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଚାଷୀମାନଙ୍କଦ୍ୱାରା ଉତ୍ପାଦିତ ପନିପରିବାର ବିକ୍ରୟ ପାଇଁ କେଉଁଠାରେ ପରିବା ମଣ୍ଡି ସ୍ଥାପନ ହୋଇଛି ବା କରିବାର ପ୍ରସ୍ତାବ ଅଛି?

----

**ବିଜ୍ଞାନ କେନ୍ଦ୍ରର ଲୋକାର୍ପଣ**

2769 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ଠାରେ 130 କୋଟି ଟଙ୍କାରେ ନିର୍ମିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଲୋକାର୍ପିତ ନହେବାର କାରଣ କଣ ପ୍ରକାଶ କରି ଏହାକୁ କେବେ ସୁଦ୍ଧା ଲୋକାର୍ପିତ କରାଯିବ?

----

**କୃଷି ଫାର୍ମର ବିକାଶ**

2770 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀଠାରେ କେତେ ପରିମିତ ଅଞ୍ଚଳରେ କୃଷି ଫାର୍ମ ଅଛି ; ଏହି କୃଷି ଫାର୍ମରେ କେଉଁ କେଉଁ କୃଷି କାର୍ଯ୍ୟ କରାଯାଇ ବିଗତ ତିନି ବର୍ଷରେ କେତେ ପିଣ୍ଡ ବିହନ ଉତ୍ପାଦିତ ହୋଇଛି ପ୍ରକାଶ କରି ଏହାକୁ ବିକଶିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ତାଲିମ ବ୍ୟବସ୍ଥା**

2771 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିକ 2ଟି ବ୍ଲକ ଓ ଏନ୍.ଏ.ସି. ଅଞ୍ଚଳରେ ଥିବା ମତ୍ସ୍ୟଜୀବିମାନଙ୍କୁ ସୁରକ୍ଷା, ଆବାସ ଓ ସୋସାଇଟି ଗୃହ ନିର୍ମାଣ ପାଇଁଁ ପଦକ୍ଷେପ ନେବେ କି ; ସେହିପରି ବୋରଗାଁ, ତେନ୍ତୁଳିଆପଲ ମଣିଧୁର ପାଟ ଗୁଡିକ ଅଞ୍ଚଳରେ ମତ୍ସ୍ୟ ଚାଷ କେନ୍ଦ୍ର ପରାମର୍ଶ ଓ ତାଲିମ ପ୍ରଭୃତି ବ୍ୟବସ୍ଥା ପ୍ରଦାନ କରାଯିବ କି?

----

**ଗୋ-ସମ୍ପଦ ସୁରକ୍ଷା**

2772 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଗୋ-ସମ୍ପଦ ସୁରକ୍ଷା ପାଇଁ ଥିବା ପଶୁଧନ ଚିକିତ୍ସା କେନ୍ଦ୍ର ଗୁଡିକରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ପଦକ୍ଷେପ ନିଆଯାଇଛି କି ; ଯଦି ହଁ, କେବେ ସୁଦ୍ଧା ଏଗୁଡିକ ପୁରଣ ହେବ?

----

**ୱାଟର ସେଡ୍ ନିର୍ମାଣ**

2773 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ଓ ଏନ୍.ଏ.ସି. ଅଞ୍ଚଳରେ କେତେ ୱାଟର ସେଡ୍ (ଜଳ ବିଭାଜିକା) ପ୍ରକଳ୍ପ ରହିଛି ; ତାହାର ସଚଳ ଓ ଅଚଳ ସଂଖ୍ୟାର ବିବରଣୀ ପ୍ରଦାନ କରିବେ କି ; (ଖ) ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ ଅଛନ୍ତି କି ; ଯଦି ଉତ୍ତର ନା ହୁଏ ତେବେ ଏହାର ପୁରଣ ପାଇଁ କଣ ପଦକ୍ଷେପ ନିଆଯିବ ସୂଚନା ଦେବେ କି ; ଭାପୁର ବ୍ଲକ ବଳଦିଆ ନୂଆଗାଁ ଠାରେ ମଧ୍ୟ ଏକ ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ନେବେ କି?

----

**ପାୱାର ଗ୍ରୀଡ୍ କାର୍ଯ୍ୟ ତ୍ୱରାନ୍ୱିତ**

2774 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ଠାରେ ନିର୍ମାଣ ହେବାକୁ ଥିବା ପାୱାର ଗ୍ରୀଡକୁ ତ୍ୱରାନ୍ୱିତ କରାଯିବାକୁ କଣ ପଦକ୍ଷେପ ନିଆଯାଇଛି ; କେବେ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ସୂଚନା ଦେବେ କି?

----

**ଉଦ୍ୟୋଗ ନିର୍ମାଣ**

2775 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିକ ଭାପୁର ଓ ଖଣ୍ଡପଡା ବ୍ଲକ ଅଞ୍ଚଳରେ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି?

----

**ବକେୟା ବିଲ୍ ଆଦାୟ**

2776 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି କେଉଁ କେଉଁ ଘରୋଇ/ସରକାରୀ ଶିଳ୍ପ ସଂସ୍ଥା ଓ ବିଭିନ୍ନ ପ୍ରତିଷ୍ଠାନ ଦ୍ୱାରା କେତେ ଟଙ୍କାର ବକେୟା ବିଦ୍ୟୁତ୍ ବିଲ ପୈଠ କରିବାର ଅଛି ଓ ସାଧାରଣ ଉପଭୋକ୍ତାଙ୍କ ଉପରେ କେତେ ବାକିଅଛି ?

----

**Fund sharing**

2777 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the major schemes, programmes and activities of Science and Technology Department being implemented separately by the Central Government, State Government or both the Governments in the State and indicate the ratio of funds sharing under each scheme, committed allocation of Centre and actual receipt by the State Government during last four financial years including the current financial year?

----

**ବିଦ୍ୟୁତକରଣ**

2778 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେଗୋଟି ରାଜସ୍ୱ/ପଡାଗ୍ରାମ/ବାସଗୃହ ଗୁଡିକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ ତତ୍ ସମ୍ବନ୍ଧୀୟ ସବିଶେଷ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନୂଆଗାଁ, ଗଣିଆ ଓ ଦଶପଲ୍ଲା ବ୍ଲକରେ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇନଥିବା ବାସଗୃହ ଗୁଡିକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ଅଣତାରକା ପ୍ରଶ୍ନ ସଂଖ୍ୟା-୧୨୭୩ ତା.21.୦୫.2024 ରିଖରେ ମିଳିଥିବା ଉତ୍ତର ଅନୁଯାୟୀ ସେପ୍ଟେମ୍ବର 2024 ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ବିଦ୍ୟୁତ ସଂଯୋଗ ହୋଇନଥିବା ଅବଗତ ଅଛନ୍ତି କି; କେବେ ସୁଦ୍ଧା ପୁନଃ ବିଦ୍ୟୁତ ସଂଯୋଗ କାର୍ଯ୍ୟ ସମାପ୍ତ କରିବେ?

----

**ପ୍ରାପ୍ୟ ପ୍ରଦାନ**

2779 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କେତେଜଣ ପଞ୍ଜୀକୃତ ଚାଷୀ ବିଗତ ବର୍ଷମାନଙ୍କରେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ ମଧ୍ୟ କେଉଁ ବୀମା କମ୍ପାନୀ ଠାରୁ କେତେ ଅର୍ଥ ରାଶି ପାଇଛନ୍ତି ଓ କେତେ ଅର୍ଥ ରାଶି ପାଇନାହାନ୍ତି ଜଣାଇବେ କି ; ଅବଶିଷ୍ଟ ବୀମା ରାଶି ଦେବା ପାଇଁ ସମ୍ପୃକ୍ତ ବୀମା କମ୍ପାନୀଗୁଡିକ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି କି ; ବୀମା ରାଶି ପାଇନଥିବା କୃଷକମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ କେବେ ସୁଦ୍ଧା ପ୍ରଦାନ କରାଯିବ?

----

**Flagship Schemes**

2780 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the flagship schemes, programmes and activities of Handlooms, Textiles & Handicrafts Department being implemented separately by the Central Government, State Government or both the Governments in the State and indicate the ratio of funds sharing under each scheme, committed allocation of Centre and actual receipt by the State Government during last four financial years including the current financial year?

----

**Preventation of fraud**

2781 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether cases of fake or fraudulent claims for agricultural equipment subsidies, including use of false or manipulated documents/engine or chassis numbers, have come to the notice of the Government; (b) The number of such fake claims detected in the last three years and the total amount sanctioned to such entries; How many beneficiaries/supplies have been removed or blacklisted and how much amount has been recovered and what system-level changes have been introduced to prevent such fraud in future?

----

**Pending subsidy**

2782 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the current status of the state's claim for Rs.8.178.19 crore in pending paddy subsidy from the Central Government, prioritized for the 2020-2023 financial years; (b) What specific financial steps have been taken by the State Government to manage the massive deficit caused by this pending central fund, and what is the interest cost incurred due to this delay and when can the pending subsidy be collected from the Union Ministry to prevent further burden on State finance?

----

**Improve service quality**

2783 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The current number of vacant Veterinary Officer posts in the State and in Cuttack district, and the present status of filling up the 506 posts referred to in the reply to U.D.2868 dated 12.03.2025; (b) If recruitment has not begun, the reasons for the delay and the timeline by which these posts will be filled, considering more than eight months have elapsed; and the steps taken to improve the functioning and service quality of veterinary hospitals in Cuttack?

----

**Shortage of warehouse**

2784 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether shortage of warehouse/shortage capacity and non-lifting of paddy by the Food Corporation of India has affected farmers during the current procurement season; (b) The total number of warehouses in the State, indicating how many are government-owned and how many are on rent/lease, along with their total storage capacity; the quantity of paddy lying unsold or undelivered district-wise and the corrective measures taken to augment storage and ensure timely lifting of paddy?

----

**Capital expenditure by TP-DISCOMs**

2785 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the zone-wise Capital Expenditure(Capex) completed by the TP-DISCOMs to date, compared to the committed Rs.5, 640 Crore for the first five years, highlighting any financial shortfall; (b) What is the number of unresolved consumer complaints regarding billing errors and faulty smart meters recorded on the Mo Bidyut Dashboard in the last six months; What concrete steps are being taken to ensure that the reported savings from reduced AT&C losses are directly passed on to the common consumer and guarantee long-term tariff stability?

----

### ରପ୍ତାନୀ ହେଉଥିବା Handloom ଉତ୍ପାଦର ପରିମାଣ

2786 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର କେଉଁ କେଉଁ Handloom ଉତ୍ପାଦ ଗତ 5 ବର୍ଷ ମଧ୍ୟରେ କେତେ ରପ୍ତାନି ହୋଇଛି (ବର୍ଷୱାରୀ ବିଭିନ୍ନ ଉତ୍ପାଦ) ତାର ଏକ ବିବରଣୀ ଦେବେ କି ; ବିଦେଶରେ ଓଡିଶା ବୟନଶିଳ୍ପର ଶାଢୀର ଚାହିଦା ଯଥେଷ୍ଟ ଥିଲେ ମଧ୍ୟ ସେହି ତୁଳନାରେ ରପ୍ତାନି ବଢୁନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ, ତେବେ Global Branding Promotion କ୍ଷେତ୍ରରେ ସରକାର କି କି ପଦକ୍ଷେପ ନେଉଛନ୍ତି?

----

### ଦରବୃଦ୍ଧି ପାଇଁ ଅର୍ଥ ବିନିଯୋଗ ଓ ବ୍ୟୟର ପରିମାଣ

2787 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ରାଜ୍ୟରେ 5 ବର୍ଷୀୟ "Innovative Projects" ଯୋଜନା ଅନ୍ତର୍ଗତ 2022-23 ଠାରୁ 2026-27 ପର୍ଯ୍ୟନ୍ତ ମୋଟ 100 କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି କି ; ସେଥିମଧ୍ୟରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ନୂତନ କୃଷି/ଉଦ୍ୟାନ ପ୍ରକଳ୍ପ ଚିହ୍ନଟ କିମ୍ବା ମଂଜୁରି ହୋଇଛି କି ; ଯଦି ହଁ, ତେବେ ବ୍ରହ୍ମଗିରି ପାଇଁ ବର୍ଷକର ଅର୍ଥ ବିନିଯୋଗ ଓ ବ୍ୟୟର ପରିମାଣ କେତେ ; ଯଦି ନାହିଁ, ତେବେ ଏହାର କାରଣ କଣ ଏବଂ ଆଗାମୀ ବର୍ଷରେ ବ୍ରହ୍ମଗିରିକୁ ସାମିଲ କରିବା ପ୍ରସ୍ତାବ ଅଛି କି?

----

### Odisha Youth Innovation Fund ସମ୍ପର୍କରେ

2788 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- MSME ବିଭାଗ ଅଧିନରେ Odisha Youth Innovation Fund(OYIU) ଚାଲୁ ରହିଛି କି ; ଏହା କେଉଁ କେଉଁ ଏଜେନ୍ସି ମାଧ୍ୟମରେ କାର୍ଯ୍ୟକାରୀ ହୁଏ ଜଣାଇବା ସହ ଗତ 5 ବର୍ଷ ମଧ୍ୟରେ ଏହି ଯୋଜନା ମାଧ୍ୟମରେ କେତେ ଜଣଙ୍କୁ (ବିଭିନ୍ନ ବର୍ଗର) ନୂତନ ସୃଜନଶୀଳ ଧାରଣା, ଉଦ୍ଭାବନ, ଉତ୍ପାଦ ଏବଂ ଉଦ୍ୟୋଗ ନିମିତ୍ତ କେତେ ପ୍ରୋତ୍ସାହନ ଦିଆଯାଇଛି?

----

### ଅପମିଶ୍ରଣ ରୋକିବା ପାଇଁ ଚଢଉ

2789 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ମାପ ଓ ଓଜନ ନିର୍ଦ୍ଦେଶାଳୟ ତରଫରୁ ଅପମିଶ୍ରଣ ରୋକିବା ପାଇଁ ଗତ 2 ବର୍ଷ ମଧ୍ୟରେ ଓଡିଶାରେ କେତେ ପେଟ୍ରୋଲ ପମ୍ପ ଓ ସୁନା ଦୋକାନ ଉପରେ ଚଢଉ ହୋଇଛି ; କେତେ କେସ୍ ଦାଏର ହୋଇଛି ଓ କେତେ ଜୋରିମାନା ହୋଇଛି?

----

### ଚାରା ଯୋଗାଣ

2790 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକରେ କେଉଁ କେଉଁ ଜାଗାରେ କେତୋଟି ସରକାରୀ ନର୍ସରୀ ରହିଛି ଏବଂ ଏଠାରେ କେଉଁ କେଉଁ ପ୍ରକାରର ଚାରା ଉପଲବ୍ଧ ହୁଏ ତାର ଏକ ତାଲିକା ଦେବେ କି ; ଏଠାରେ କୃଷକମାନଙ୍କ ଚାହିଦା ଅନୁସାରେ ଚାରା ଯୋଗାଣ ହେଉଛି କି ଜଣାଇବା ସହ ଉଦ୍ୟାନ ଚାଷ ନିମିତ୍ତ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କି କି ଯୋଜନା ଚାଲୁରହିଛି ; (ଖ) ଗତ ଆର୍ଥିକ ବର୍ଷରେ ଯୋଜନାଗୁଡିକ ପାଇଁ ବାର୍ଷିକ କେତେ ଟଙ୍କାର ବ୍ୟୟ ଅଟକଳ ରହିଛି ଓ ସେଥିମଧ୍ୟରୁ କେତେ ଟଙ୍କା କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି?

----

### ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଉପକୃତ ଚାଷୀଙ୍କ ସଂଖ୍ୟା

2791 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେଉଁ ଜିଲ୍ଲାରେ କେତେ ଚାଷୀ ଉପକୃତ ହୋଇଛନ୍ତି ; ସେମାନଙ୍କ ମଧ୍ୟରୁ କେତେ ଚାଷୀଙ୍କୁ ସରକାର କେତେ ଟଙ୍କା ସବସିଡି ଆକାରରେ ଯୋଗାଇ ଦେଇଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରକାଶ କରିବେ କି ; କାମଧେନୁ ଯୋଜନା କାର୍ଯ୍ୟକାରୀ ହେବାପରେ ରାଜ୍ୟର କେଉଁ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କେତେ ବୃଦ୍ଧି ପାଇଛି?

----

### ଧାନ ମଣ୍ଡିର ସଂଖ୍ୟା

2792 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତବର୍ଷ ବିଭାଗ ଅଧୀନରେ କେତୋଟି ଧାନ ମଣ୍ଡି ଖୋଲାଯାଇଛି ଏବଂ ଏହିସବୁ ମଣ୍ଡିଗୁଡ଼ିକୁ ଖରିଫ ଋତୁରେ କେତେ ପରିମାଣର ଧାନ ଉଠାଣ ପାଇଁ ଟାର୍ଗେଟ ପ୍ରଦାନ କରାଯାଇଛି ଏବଂ ବର୍ତ୍ତମାନ ଏହିସବୁ ମଣ୍ଡିଗୁଡିକ କେତେ ପରିମାଣର ଧାନ ସଂଗ୍ରହ କରିଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, କେବେ ସୁଦ୍ଧା ମଣ୍ଡିଗୁଡିକ ଲକ୍ଷ୍ୟ ଦିଆଯାଇଥିବା ସମସ୍ତ ଧାନ ସଂଗ୍ରହ କରିବେ ?

----

### ଖୋଲା ବଜାରରେ ବିଦ୍ୟୁତ୍ ମିଟର କ୍ରୟ

2793 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନେ ଖୋଲା ବଜାରରୁ ନିଜ ଇଚ୍ଛାରେ ବିଦ୍ୟୁତ୍ ମିଟର କିଣିପାରିବେ କି, ଯଦି ହଁ, ତେବେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଗ୍ରାହକ ନିଜେ ବିଦ୍ୟୁତ୍ ମିଟର କିଣି ଲଗାଇଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

### ଅଣପାରମ୍ପରିକ ଶକ୍ତି ଉତ୍ପାଦନ ପରିମାଣ

2794 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ପରିମାଣ କେତେ ରହିଛି ଏବଂ କେଉଁ କେଉଁ ସୂତ୍ରରୁ କେତେ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ହେଉଛି ତାହା ଉଲ୍ଲେଖ କରିବେ କି, ରାଜ୍ୟରେ ପବନରୁ ଶକ୍ତି ଉତ୍ପାଦନ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଦର୍ଶାଇବା ସହିତ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ବିଦ୍ୟୁତ୍ ହିତାଧିକାରୀ ନିଜ ନିଜ ଘରେ ସରକାରଙ୍କ ସବସିଡି ନେଇ ସୌରଶକ୍ତି ପ୍ୟାନେଲ ଲଗାଇଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

### ଅଦା, ହଳଦୀ, ରସୁଣ ଚାଷ ସମ୍ପର୍କରେ

2795 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ଅଦା, ହଳଦୀ, ରସୁଣ ଆଦି କେତେ ପରିମାଣ ଜମିରେ ଚାଷ ହୋଇଥାଏ ଓ ଏଥିପାଇଁ ରାଜ୍ୟ ସରକାର ବର୍ଷକୁ କେତେ ପରିମାଣର ବିହନ ଯୋଗାଣ କରିଥାନ୍ତି, ଚଳିତବର୍ଷ କେବେ ସୁଦ୍ଧା କେଉଁ ଜିଲ୍ଲାରେ କେତେ ଚାଷୀଙ୍କୁ ଅଦା, ହଳଦୀ, ରସୁଣ ଆଦି ବିହନ ଯୋଗାଣ ହୋଇଛି?

----

### ସମବାୟ ସମିତିର ଅନିୟମିତତା

2796 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2014 -15 ଠାରୁ 2023 - 24 ବର୍ଷ ପର୍ଯ୍ୟନ୍ତ କଟକ ଜିଲ୍ଲାର କେଉଁ କେଉଁ ସମବାୟ ସମିତିର Audit ରୁ କେତେ ଟଙ୍କାର ଅନିୟମିତତା ହୋଇଥିବା କଥା ଧରାପଡ଼ିଛି ; ଏଥିପାଇଁ କେଉଁ କେଉଁମାନେ ଦାୟୀ ଏବଂ ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେହିପରି ଯେଉଁ ସମବାୟ ସମିତିରେ ଲଗାତର 4 ବର୍ଷର ଆର୍ଥିକ Audit ହୋଇନାହିଁ ତାର ତଥ୍ୟ ପ୍ରଦାନ କରିବା ସହ ଏଥିପାଇଁ ସରକାର କେବେ ଏବଂ କି ପଦକ୍ଷେପ ନେଉଛନ୍ତି ?

----

### କୃଷି ପ୍ରାଥମିକ ସେବା ସମିତି ସଂଖ୍ୟା

2797 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେ ସଂଖ୍ୟକ କୃଷି ପ୍ରାଥମିକ ସେବା ସମବାୟ ସମିତି ଅଛି ଓ କାର୍ଯ୍ୟପରିସର ବୃଦ୍ଧି ପାଇଥିବାରୁ ଭିତ୍ତିଭୂମିର ବିକାଶ ପାଇଁ ସରକାର ପଦକ୍ଷେପ ନେବେ କି ; (ଖ) ରାଜ୍ୟର ସମସ୍ତ ପଞ୍ଚାୟତ ମାନଙ୍କରେ ପ୍ରାଥମିକ କୃଷି ସେବା ସମିତି ଗଠନ ପାଇଁ ସରକାର ବିଚାର କରିବେ କି ?

----

### ବିଭିନ୍ନ ସୁତ୍ରରୁ ଶକ୍ତି ଉତ୍ପାଦନ

2798 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେଉଁ କେଉଁ ସୁତ୍ରରୁ କେତେ କେତେ ପରିମାଣର ଶକ୍ତି ଉତ୍ପାଦିତ ହେଉଅଛି ଓ ଆବଶ୍ୟକତାରୁ ଅଧିକ ପରିମାଣର ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର କେଉଁ ଭାବରେ ଉପଯୋଗ ହେଉଅଛି ?

----

### ଡାଟାବେସର ଯାଞ୍ଚ ପ୍ରକ୍ରିୟା

2799 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷକମାନେ ସହଜରେ ବିଭିନ୍ନ ସରକାରୀ ଯୋଜନା ଓ ସେବାରେ ସୁଫଳ ଶୀଘ୍ର ପାଇପାରିବା ପାଇଁ ଚାଷୀଙ୍କୁ ନେଇ କୃଷକ ଡାଟାବେସ୍ ଆରମ୍ଭ କରାଯାଇଥିବା ଘୋଷଣା ପରିପ୍ରେକ୍ଷୀରେ ସମ୍ପୃକ୍ତ ଡାଟାବେସର ନିର୍ଦ୍ଦିଷ୍ଟ କେତେ ଲକ୍ଷ ଚାଷୀଙ୍କ ସଂଖ୍ୟା କିଭଳି କେଉଁ ସୂତ୍ର ଓ ପଦ୍ଧତିରେ ସ୍ଥିର କରାଯାଇଛି, ଡାଟାବେସର ଯାଞ୍ଚ ପ୍ରକ୍ରିୟାକୁ କେଉଁ କେଉଁ ସ୍ତରରେ କାହାଦ୍ୱାରା କେଉଁ ମାପଦଣ୍ଡ ଓ ପଦ୍ଧତିରେ ଯାଞ୍ଚ କରାଯାଇଛି ଏବଂ ଏହାଦ୍ୱାରା କେଉଁ ଜିଲ୍ଲାର କେତେ ସଂଖ୍ୟକ କୃଷକ ସହଜରେ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହିତ କେଉଁ କେଉଁ ଯୋଜନା ଓ କେଉଁ କେଉଁ ସେବାର ସୁଫଳ କେବେସୁଦ୍ଧା ପାଇପାରିବେ ?

----

### ମହିଳା ସମବାୟ ବ୍ୟାଙ୍କର ତଥ୍ୟ

2800 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ମହିଳା ସମବାୟ ବ୍ୟାଙ୍କ ଚାଲୁଅଛି ଜିଲ୍ଲା ୱାରୀ ତଥ୍ୟ ଦେବେ କି, ଯେଉଁ ଜିଲ୍ଲାରେ ମହିଳା ସମବାୟ ବ୍ୟାଙ୍କ ନାହିଁ, ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କର ପ୍ରସ୍ତାବ ଅଛି କି, ଯଦି ଅଛି କେଉଁ କେଉଁ ଜିଲ୍ଲାରେ ଖୋଲିବେ କେବେ ସୁଦ୍ଧା ଖୋଲିବେ, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

### ମାଛ ଚାଷ କରିବା ପାଇଁ MMKY ଯୋଜନାରେ ସହାୟତା ପ୍ରଦାନ

2801 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୧୭-୧୮ ରୁ ୨୦୨୪-୨୫ ମଧ୍ୟରେ ଖୋଳାଯାଇଥିବା ପୋଖରୀ ୮୦ ଗୋଟି ନୂତନ, ଏହା କେଉଁ କେଉଁ ଜାଗାରେ ଖୋଳାଯାଇଛି ପଂଚାୟତ ୱାରୀ ତାଲିକା ପ୍ରଦାନ କରିବେ କି (ଖ) ଉନ୍ନତ ମାନର ମାଛ ଚାଷ କରିବା ପାଇଁ MMKY ଯୋଜନା ଅନ୍ତର୍ଗତ INPUT ସହୟତା କେତେ ଜଣଙ୍କୁ ପ୍ରଦାନ କରାଯାଇଛି?

----

### ଧାନ ସଂଗ୍ରହ ସହ ମଣ୍ଡି ସ୍ଥାପନ ସମ୍ପର୍କରେ

2802 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତବର୍ଷ କେନ୍ଦୁଝର ଜିଲ୍ଲାର କେତେ ପରିମାଣର ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି, ଧାନ ସଂଗ୍ରହ ପାଇଁ କେତୋଟି ମଣ୍ଡି ସ୍ଥାପନ ହୋଇଛି ଏବଂ କେତୋଟି ମଣ୍ଡିରେ ଧାନର ମାନ ପରୀକ୍ଷା ପାଇଁ ଯନ୍ତ୍ର, ସିସିଟିଭି ବ୍ୟବସ୍ଥା ସହିତ ଧାନ ରଖିବାପାଇଁ ସେଡ୍ ନିର୍ମାଣ ହୋଇଛି ତାହା ଉଲ୍ଲେଖ କରିବେ କି, ଚଳିତବର୍ଷ କେତେ ସଂଖ୍ୟକ ମିଲରଙ୍କୁ ଧାନ କିଣିବାକୁ ଦାୟିତ୍ୱ ଦିଆଯାଇଛି?

----

### ପଂଚାୟତରେ ଭେଟେନାରୀ ଡାକ୍ତରଖାନା ଖୋଲିବା ସମ୍ପର୍କରେ

2803 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେତେ ଲୋକ ମାଛ, ଗୋପାଳନ, ଛେଳି ଓ କୁକୁଡା ପାଳନ କରି ଜୀବିକା ନିର୍ବାହ କରୁଛନ୍ତି, କେତୋଟି ପୋଖରୀ ଖୋଳି ମାଛ ଚାଷ କରିବାକୁ ସରକାର କେତେ ଜଣଙ୍କୁ କି କି ପ୍ରକାର ପ୍ରୋତ୍ସାହନ ଯୋଗାଇଛନ୍ତି ଓ କେତେ ଜଣଙ୍କୁ କୁକୁଡା, ଛେଳି ଆଦି ପାଳିବା ପାଇଁ ଋଣ ଦେଇଛନ୍ତି, କେଉଁ ବ୍ଲକରେ କେତୋଟି ଗୋଶାଳା ନିର୍ମାଣ ପାଇଁ ଓ ଗୋପାଳକ ମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରି ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବା ସହ ସବୁ ପଂଚାୟତରେ ଭେଟେନାରୀ ଡାକ୍ତରଖାନା ଖୋଲିବା ପାଇଁ ବ୍ୟବସ୍ଥା କରିବେ କି?

----

### ପେଟ୍ରୋଲ ପମ୍ପଗୁଡିକରେ ତୈଳ ଅପମିଶ୍ରଣ ବ୍ୟବହାର ସମ୍ପର୍କରେ

2804 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପେଟ୍ରୋଲ ପମ୍ପଗୁଡିକରେ ତୈଳ ଅପମିଶ୍ରଣର ଯାଞ୍ଚ କରିବାକୁ ଜାତୀୟ ଗ୍ରୀନ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଛନ୍ତି କି, ଗତ ୩ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ତୈଳ ଅପମିଶ୍ରଣ ଏବଂ ମାପ ଓ ଓଜନରେ ଠକେଇ ଅଭିଯୋଗରେ କେତୋଟି ପେଟ୍ରୋଲ ପମ୍ପ ଉପରେ ଚଢାଉ କରାଯାଇଛି ଏବଂ ସେଥିମଧ୍ୟରୁ କାହା ବିରୁଦ୍ଧରେ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

### ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ଭିତ୍ତିଭୂମିର ବ୍ୟବହାର ସମ୍ପର୍କରେ

2805 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଅନେକ ପ୍ରର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ଅଛି, ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ଭିତ୍ତିଭୂମି ଥିବା ଏବଂ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ?

----

### ରାସନ କାର୍ଡ ପ୍ରଦାନ

2806 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ନୂତନ ରାସନ କାର୍ଡ ପାଇଁ କେତେ ଜଣ ହିତାଧିକାରୀ ଆବେଦନ କରିଛନ୍ତି ଏବଂ ସେଥିମଧ୍ୟରୁ କେତେଜଣଙ୍କୁ କାର୍ଡ ପ୍ରଦାନ କରାଯାଇଛି? ଜିଲ୍ଲାରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ପ୍ରକୃତ ଗରିବ ଓ ଭୂମିହୀନ ଲୋକଙ୍କୁ କାର୍ଡ ଯୋଗାଇ ଦେବା ପାଇଁ ସରକାର କୌଣସି ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିଛନ୍ତି କି?

----

**ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ**

2807 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାୟଗଡା ଜିଲ୍ଲା ସମବାୟ ସମିତି ମାଧ୍ୟମରେ ଚଳିତ ବର୍ଷ କେଉଁ କେଉଁ ସମବାୟ ସମିତି ବା ଲ୍ୟାମ୍ପ ଠାରୁ କେତେ ଜଣ ଚାଷୀ ଋଣ ନେଇଛନ୍ତି, ଏକର ପିଛା କେତେ ଋଣ ଟଙ୍କା ଦିଆଯାଇଛି, କେତେ ଜଣଙ୍କ ଆବେଦନ ପରେ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଋଣ ଦିଆଯାଇ ନାହିଁ, ସମବାୟ ସମିତି ୱାରୀ ସୂଚନା ଦେବେ କି; (ଖ) ରାୟଗଡା, କାଶିପୁର ଏବଂ କଲ୍ୟାଣସିଂଗପୁର ଲ୍ୟାମ୍ପ ମାଧ୍ୟମରେ ଗତ ୩ବର୍ଷ ମଧ୍ୟରେ କେଉଁ ଚାଷୀ ତାଙ୍କ ନାମ ଠିକଣା ସହିତ କେବେ କେତେ ଟଙ୍କା ଋଣ ଦେଇଛନ୍ତି ତାଲିକା ପ୍ରଦାନ କରିବେ କି, (ଗ) ଲ୍ୟାମ୍ପ ମାନଙ୍କରେ MDଙ୍କୁ କିପରି ନିଯୁକ୍ତି ଦିଆଯାଉଛି, ସେ ନିଯୁକ୍ତି ପତ୍ର କେଉଁ ଅଧିକାରୀ ଦେଇଛନ୍ତି, ନିଯୁକ୍ତି ପୂର୍ବରୁ Interview କରାଯାଉଛି କି, ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଉଛି ଏବଂ କିଭଳି ଭାବରେ କରାଯାଉଛି, ସେମାନଙ୍କ ଯୋଗ୍ୟତା କଣ ଥିବା ଆବଶ୍ୟକ ?

----

**ଖାଉଟି ସାମଗ୍ରୀର ଚାହିଦା**

2808 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଖାଉଟି ସାମଗ୍ରୀର ବାର୍ଷିକ ଚାହିଦା କେତେ, କେଉଁ ସାମଗ୍ରୀ ରାଜ୍ୟରେ କେତେ ପରିମାଣରେ ଉତ୍ପାଦିତ ହେଉଅଛି ଓ କେଉଁ ସାମଗ୍ରୀ ପାଇଁ ବାହାର ରାଜ୍ୟ ବା ବିଦେଶ ଉପରେ ନିର୍ଭର କରିବାକୁ ପଡୁଛି, ଏହି ଖାଉଟି ସାମଗ୍ରୀ କେଉଁ ରାଜ୍ୟ ବିଦେଶରୁ କେତେ କେତେ ପରିମାଣ ଓ ମୂଲ୍ୟ ଦେଇ ଆମଦାନୀ କରାଯାଉଛି,ଏ ନେଇ ରାଜ୍ୟ ସରକାର ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି ତେବେ ତାହା ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ସଂଗୃହୀତ ତଥ୍ୟ ଏବଂ ଜାତୀୟ ସର୍ବେକ୍ଷଣ ସଂସ୍ଥାର ସୂତ୍ରରୁ ଅବଗତ ଚାହିଦା ଓ ଆମଦାନୀ ସମ୍ପର୍କୀତ ତଥ୍ୟ ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି, ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ରାଜ୍ୟର ଖାଉଟି ସାମଗ୍ରୀର ଅଭିବୃଦ୍ଧି,ଆମଦାନୀ ଓ ରପ୍ତାନୀ ବିବରଣୀ ପ୍ରଦାନ କରିବେ କି?

----

**ଚାଷୀଙ୍କ ଲାଭ କ୍ଷତି**

2809 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ଫସଲ ସର୍ବାଧିକ ଉତ୍ପାଦନ ହେଉଛି, ସଂପୃକ୍ତ ଫସଲ ଉତ୍ପାଦନରେ କେତେ ସଂଖ୍ୟକ ଚାଷୀ ନିୟୋଜିତ ଅଛନ୍ତି, ଏହାକୁ ଉତ୍ପାଦନ କରିବାରେ ବିହନ ଠାରୁ ଅମଳ ଓ ବିକ୍ରୟ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଚାଷୀ ନିଜ ପାରିଶ୍ରମିକ ସହ କେତେଟଙ୍କା ଖର୍ଚ୍ଚ କରିଥାଏ,କେତେ ମାସର ପରିଶ୍ରମ ପରେ ଏକର ପିଛା କେତେ ଉତ୍ପାଦନ ହୋଇଥାଏ, ଫସଲର ଉତ୍ପାଦନ ଖର୍ଚ୍ଚ ଓ ବିକ୍ରୟ ମୂଲ୍ୟ ସମ୍ପର୍କରେ ରାଜ୍ୟ ସରକାର ଆକଳନ କରିଛନ୍ତି କି, ଯଦି ଆକଳନ କରିଛନ୍ତି ତେବେ ରାଜ୍ୟ ସରକାରଙ୍କ ଆକଳନ ଆଧାରରେ ୨୦୨୧-୨୨ ରୁ ୨୦୨୫-୨୬ ବର୍ଷ ମଧ୍ୟରେ କେଉଁ ବର୍ଷ ଉତ୍ପାଦିତ ଫସଲର କୁଇଣ୍ଟାଲ ପିଛା କେତେ ଥିଲା, ଚାଷୀ କେତେ ମୂଲ୍ୟରେ ବିକ୍ରି କରି କୁଇଣ୍ଟାଲ ପିଛା କେତେ ଲାଭ କିମ୍ୱା କ୍ଷତି କରିଥିଲା ?

----

**କୃଷି ଜାତ ଦ୍ରବ୍ୟର ଅଭାବି ବିକ୍ରୀ**

2810 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାର କେଉଁ ପ୍ରକାର ଅର୍ଥକାରୀ ଫସଲ କେତେ ପରିମାଣରେ ଚାଷ/ ଉତ୍ପାଦନ ହୁଏ, ତାହାର ପ୍ରକ୍ରିୟାକରଣ ପାଇଁ ଥିବା ଶିଳ୍ପ/ ସଂସ୍ଥା/ ( ସରକାରୀ ଓ ବେସରକାରୀ ) ବ୍ୟବସ୍ଥା ରହିଛି ସେସବୁର ତଥ୍ୟ ପ୍ରଦାନ କରିବେକି, ଜିଲ୍ଲାରେ ପ୍ରଚୁର ପରିମାଣରେ ସପୁରୀ, ପଣସ, କମଳା, ହଳଦୀ, ଅଦା, ଜାମୁକୋଳି, ଝାଡୁ, ଉତ୍ପାଦନ ହେଉଥିବା ବେଳେ ବାହାର ରାଜ୍ୟର ବେପାରୀ ମାନେ ଆସି କମ ମୂଲ୍ୟରେ କ୍ରୟ କରି ନେଇଯାଉଥିବା ଖବର ସତ୍ୟ କି, ବିଗତ ୫ ବର୍ଷରେ କେଉଁ କୃଷି ଜାତ ଦ୍ରବ୍ୟର ଅଭାବି ଘଟଣା ପରିଲକ୍ଷିତ ହୋଇଛି, ଏହାକୁ ରୋକବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ହସ୍ତତନ୍ତକୁ ପ୍ରୋତ୍ସାହନ**

2811 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହସ୍ତତନ୍ତକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ସପ୍ତାହରେ ଅନ୍ୟୁନ ଗୋଟିଏ ଦିନ ହସ୍ତତନ୍ତ ବସ୍ତ୍ର ପୋଷାକ ପରିଧାନ ପାଇଁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିବେ କି ?

----

**ଆତ୍ମ ନିଯୁକ୍ତି**

2812 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ କେତେ ଜଣ ହିତାଧିକାରୀଙ୍କୁ ବିଗତ ତିନି ବର୍ଷରେ ଆତ୍ମ ନିଯୁକ୍ତି ନିମନ୍ତେ କେତେ ଋଣ ଓ ସବସିଡି ପ୍ରଦାନ କରାଯାଇଛି?

----

**ଅକ୍ଷୟ ଶକ୍ତି ବିକାଶ**

2813 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥାର କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁ ପ୍ରଦତ୍ତ ସମସ୍ୟା ସମାଧାନ ପାଇଁ ସ୍ମାରକ ପତ୍ର ମଧ୍ୟରୁ କେତୋଟିର ସମାଧାନ ହୋଇଛି ଓ ଅବଶିଷ୍ଟ ଦାବୀ ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ପାରିଶ୍ରମିକ ବୃଦ୍ଧି**

2814 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ପ୍ରାଥମିକ ସେବା ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦନ ଓ ପିଅନମାନଙ୍କୁ ମାସିକ କେତେ ପାରିଶ୍ରମିକ ପ୍ରଦାନ କରାଯାଉଛି ପ୍ରକାଶ କରି ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ମତ୍ସ୍ୟଜୀବିଙ୍କ କଲ୍ୟାଣ**

2815 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଜଣ ପାରମ୍ପରିକ ମତ୍ସ୍ୟଜୀବି ପରିବାର ଥିବାବେଳେ ତନ୍ମଧ୍ୟରୁ କେତେ ଜଣ ବିଭିନ୍ନ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ମାଧ୍ୟମରେ ପଞ୍ଜିକୃତ ହୋଇ ମତ୍ସ୍ୟ ଉତ୍ପାଦନ କରୁଛନ୍ତି, ଏହି ମତ୍ସ୍ୟଜୀବିଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ଆବେଦନ କରିଥିବା ପାରମ୍ପରିକ କାରିଗର**

2816 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇବର୍ଷରେ ପି.ଏମ୍ ବିଶ୍ୱକର୍ମା ଯୋଜନାରେ ବସ୍ତା ନିର୍ବାଚନ ମଣ୍ଡଳୀର କେତେଜଣ ପାରମ୍ପରିକ କାରିଗର (Artisans) ଆବେଦନ କରିଥିଲେ ଏବଂ ସେଥିରୁ କେତେଜଣଙ୍କୁ ଚୟନ କରାଯାଇଛି, କେତେଜଣ ବିଶ୍ୱକର୍ମା କାରିଗରଙ୍କୁ ସରକାରୀ ସ୍ତରରେ ଦକ୍ଷତା ପ୍ରଶିକ୍ଷଣ (Basic/Advanced Training) ପ୍ରଦାନ କରାଯାଇଛି ଓ ବସ୍ତା ନିର୍ବାଚନ ମଣ୍ଡଳୀରେ ଏହି ପ୍ରଶିକ୍ଷଣ ପ୍ରଦାନ ପାଇଁ କେଉଁ ସଂସ୍ଥା ବା କେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଛି ?

----

**G.I. ଟ୍ୟାଗ୍ ମାନ୍ୟତା**

2817 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ହସ୍ତଶିଳ୍ପର କେଉଁ କେଉଁ ସାମଗ୍ରୀ ଗୁଡ଼ିକ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେସନ(ଜି.ଆଇ) ଟ୍ୟାଗର ମାନ୍ୟତା ହାସଲ କରିଛି ତାହାର ଜିଲ୍ଲା ୱାରୀ ଏକ ତାଲିକା ପ୍ରଦାନ କରିବେ କି, ଏଥି ସହିତ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ବାଲିଆପାଳର ଝୋଟ ସାମଗ୍ରୀ, ବାଲେଶ୍ୱରର ଜଉ କଣ୍ଢେଇ, ରେମୁଣାର କଂସା ବାସନ ଏବଂ ନୀଳଗିରିର ପଥର ବାସନ ଇତ୍ୟାଦିକୁ ଅନ୍ୟ ରାଜ୍ୟର ନକଲରୁ ରକ୍ଷା କରିବା ବା ଉତ୍ପତ୍ତି-ଭିତ୍ତିକ ଉତ୍କର୍ଷତାର ପ୍ରତୀକ ଭାବରେ ଚିହ୍ନିତ କରିବା ନିମନ୍ତେ ଜି.ଆଇ ଟ୍ୟାଗର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

**ବିଦ୍ୟୁତ ଚାହିଦା**

2818 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାର ବର୍ତ୍ତମାନ ମୋଟ ବିଦ୍ୟୁତ ଚାହିଦାର କେତେ ପ୍ରତିଶତ ନବୀକରଣ ବା Renewable Energy ଦ୍ୱାରା ପୂରଣ କରାଯାଇ ପାରୁଛି ଏବଂ ଆଗାମୀ ଦିନରେ ଏହାକୁ ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ପଦକ୍ଷେପ କଣ ରହିଛି; (ଖ) ବାଲେଶ୍ୱର ଜିଲାର କେତେ ସଂଖ୍ୟକ ସରକାରୀ ଅଫିସ୍ ବିଦ୍ୟାଳୟ,ହସ୍ପିଟାଲ ଓ ପଞ୍ଚାୟତ ଘରରେ ସୌର ଶକ୍ତି ସ୍ଥାପିତ ହୋଇଛି ତାହାର ପୌରାଞ୍ଚଳ ଏବଂ ବ୍ଲକୱାରୀ ତଥ୍ୟ ସହିତ,ଏବାବଦରେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

**କ୍ଷୀର ଅପମିଶ୍ରଣ**

2819 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅପମିଶ୍ରିତ କ୍ଷୀର ମନୁଷ୍ୟକୁ ପୁଷ୍ଟି ଯୋଗାଇବା ପରିବର୍ତ୍ତେ ରୋଗଗ୍ରସ୍ତ କରିଦେଇପାରେ ତେଣୁ ଆମ ରାଜ୍ୟରେ କ୍ଷୀରର ଗୁଣବତ୍ତା ପରୀକ୍ଷା କରିବା ପାଇଁ ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି ଏବଂ ସେଗୁଡ଼ିକର ମାନ ନିର୍ଦ୍ଧାରଣ ପାଇଁ କେଉଁ ମାପଦଣ୍ଡ ଅବଲମ୍ବନ କରୁଛନ୍ତି?

----

**ନୂତନ କାର୍ଡ଼ ପ୍ରଦାନ**

2820 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକରେ ନୂତନ ରାସନ୍ କାର୍ଡ ପାଇଁ ଗତ ଦୁଇବର୍ଷରେ କେତେ ସଂଖ୍ୟକ ବ୍ୟକ୍ତି ଆବେଦନ କରିଥିଲେ ଏବଂ ଅଦ୍ୟାବଧି ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି ଓ କେତେ ଆବେଦନ ଅଦ୍ୟାବଧି ପେଣ୍ଡି ଅଛି ଏବଂ ସେଗୁଡିକର ସମାଧାନ ପାଇଁ ଧାର୍ଯ୍ୟ ସମୟସୀମା କେତେ ?

----

**ଜାଆଁଳ ଉତ୍ପାଦନ**

2821 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଛ ଜାଆଁଳ ଉତ୍ପାଦନ ରାଜ୍ୟରେ କେଉଁ ଜିଲ୍ଲା, କେଉଁ ଅଞ୍ଚଳରେ ହେଉଛି, ଏଥିରେ କେତେ ମାଛଚାଷୀ ଉପକୃତ ହେଉଛନ୍ତି, ରାଜ୍ୟ ବାହାରୁ କେଉଁଠାରୁ କେତେ ମାଛ ଜାଆଁଳ ଆସୁଛି?

----

**ମତ୍ସ୍ୟଜୀବିଙ୍କୁ ସହାୟତା**

2822 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମତ୍ସ୍ୟଜୀବିଙ୍କ ଜୀବିକା ଛଡ଼ାଉଛି ପ୍ରଦୂଷଣ ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର ହଁ ହେଲେ ଏ ପର୍ଯ୍ୟନ୍ତ କେତେ ମତ୍ସ୍ୟଜୀବି ଜୀବିକା ହରାଇଲେ, କେଉଁ ଅଞ୍ଚଳର ବ୍ୟକ୍ତି ସେମାନେ, ସରକାର ଏଥିଲାଗି କଣ ପଦକ୍ଷେପ ଗ୍ରହଣ କରିବେ ?

----

**ବୁଣକାରଙ୍କୁ ପ୍ରୋତ୍ସାହନ**

2823 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ହସ୍ତତନ୍ତ୍ର ବୁଣାକାର ସଂଖ୍ୟା କେତେ ଏବଂ କେଉଁ ଜିଲ୍ଲାରେ କେତେ କେଉଁ ପ୍ରକାର ହସ୍ତତନ୍ତ୍ର ପ୍ରତି ବୁଣାକାରଙ୍କ ବହୁଳ ଭାବରେ ଆଗ୍ରହ ବଢୁଛି, ସରକାର ଏଥିଲାଗି କେଉଁ ପ୍ରକାର ପ୍ରୋତ୍ସାହନ ନେଉଛନ୍ତି, ଏହି ପରିବାରର ଆର୍ଥିକ ସାମାଜିକ ପ୍ରଗତି ଲାଗି ସରକାରଙ୍କର ଲକ୍ଷ୍ୟ , ଆଭିମୁଖ୍ୟ କଣ ?

----

**ବିଦ୍ୟୁତ କରଣ**

2824 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ -୨୫ ଓ ଚଳିତ ଆର୍ଥିକ ବର୍ଷରେ ଜଳେଶ୍ୱର / ବସ୍ତା ବ୍ଲକରେ ବିଜୁଗ୍ରାମ ଜ୍ୟୋତି ଯୋଜନାରେ କେତେ ପରିବାର ଉପକୃତ ହୋଇଛନ୍ତି, କେତେ ପରିବାର ଅପେକ୍ଷାରେ ଅଛନ୍ତି, ଏଥିରେ କେତେ ସଂଖ୍ୟାରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ଉପକୃତ ହୋଇଥିବା ଶତକଡ଼ା କେତେ ଶତାଂଶ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

**ଋଣ ଶୁଝିବା ସମ୍ପର୍କରେ**

2825 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସେବା ସମବାୟ ସମିତି ଗୁଡ଼ିକରୁ ଋଣ ନେଇ ଦୀର୍ଘ ବର୍ଷ ହେଲା ଶୁଝିପାରୁନଥିବା ସଭ୍ୟ ସଭ୍ୟା ମାନଙ୍କୁ ଋଣ ଶୁଝିବା ପାଇଁ ବିଭାଗ ପକ୍ଷରୁ ଅନ୍ୟ ବ୍ୟାଙ୍କ ମାନଙ୍କ ଭଳି OTS ବ୍ୟବସ୍ଥା ଲାଗୁ କରାଯିବ କି; ସରକାର ଏ ଦିଗରେ ବିଚାର କରିବେ କି ?

----

**ଚାଷୀ ପଞ୍ଜିକରଣ**

2826 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଧାନ ବିକ୍ରି ପାଇଁ ରାଜ୍ୟରେ କେତେ ଚାଷୀ ପଞ୍ଜିକରଣ କରିଥିଲେ ସେଥିରୁ କେତେ ଚାଷୀଙ୍କୁ ଟୋକନ ମିଳିନାହିଁ ;ଯେଉଁ ଚାଷୀମାନେ ଟୋକନ ପାଇଥିଲେ, ସେମାନଙ୍କ ମଧ୍ୟରୁ କେତେ ଜଣ ଚାଷୀ ଧାନ ବିକି ପାରିଲେ ଏବଂ କେତେ ଧାନ ବିକ୍ରି କଲେ ; ଟାର୍ଗେଟ ଅଭାବରୁ କେତେ ଚାଷୀଙ୍କ ଧାନ ଏ ଯାଏ ସରକାର କିଣି ପାରିନାହାଁନ୍ତି, ଏସବୁର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଟୋକନ ପାଇନଥିବା ଏବଂ ଟାର୍ଗେଟ ଅଭାବରୁ ଧାନ ବିକି ପାରିନଥିବା ଚାଷୀମାନଙ୍କର ଧାନ ସରକାର ଏ ବର୍ଷ ଆଉ କିଣିବେ ନା ନାହିଁ ?

----

**ଗହମ ଯୋଗାଣ**

2827 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଖାଉଟି ମାନଙ୍କୁ ଚାଉଳ ସହ ଗହମ ଦେବାକୁ ଯେଉଁ ଘୋଷଣା କରିଥିଲେ, ତାହା କେତେ କାର୍ଯ୍ୟକାରୀ ହୋଇଛି; ଆଜିସୁଦ୍ଧା କେଉଁ ଜିଲ୍ଲାରେ କେତେ ହିତାଧିକାରୀଙ୍କୁ କେତେ ପରିମାଣର ଗହମ ପ୍ରଦାନ କରାଯାଇଛି; ଏହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ;ଘୋଷଣା ଅନୁଯାୟୀ ସବୁ ହିତାଧିକାରୀଙ୍କୁ ଗହମ ପ୍ରଦାନ କରାଯାଉ ନଥିବାର କାରଣ କଣ; ହିତାଧିକାରୀମାନଙ୍କୁ ଗହମ ପ୍ରଦାନ ପାଇଁ ସରକାର ଦେଢ଼ ବର୍ଷ ଭିତରେ କେଉଁ ରାଜ୍ୟରୁ କେତେ ଗହମ ଆଣିଛନ୍ତି ?

----

**ରାଜ୍ୟରେ ଖୋଲାଯାଇଥିବା ଚାଉଳ ATM**

2828 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ସହରର କେତୋଟି ସ୍ଥାନରେ ଚାଉଳ ATM ଖୋଲାଯାଇଛି; କେତୋଟି ସ୍ଥାନରେ ଚାଉଳ ATM ଖୋଲାଯିବାକୁ ପ୍ରସ୍ତାବ ରହିଛି ; ଏଯାଏଁ ଖୋଲିଥିବା ଚାଉଳ ATMରୁ କେତେଜଣ ହିତାଧିକାରୀ କେତେଚାଉଳ ଉଠାଇଛନ୍ତି; ଏ ବାବଦରେ ସରକାର ୨୦୨୫ - ୨୬ ବଜେଟରେ କେତେ ଟଙ୍କା ବ୍ୟୟବରାଦ କରିଥିଲେ ଏବଂ ସେଥିରୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ?

----

**Reservation of Traditional Wearing**

2829 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Given the announcements under Odisha TEX 2025 for new Textile-apparel parks, including in Bolangir, with Rs.7,800 crore investments and 53,300+ jobs, will the Government provide details on the status of land allotment, clearances, infrastructure readiness, and timelines for the Balangir park; (b) How many local Handloom and Handicraft Artisans are expected to be employed or included in the supply chain, and what measures will safeguard their livelihoods; What incentives, subsidies, or welfare schemes, especially for women and existing weavers, will apply; How will the traditional weaving heritage be preserved, and what is the projected schedule for operationalisation and first artisan engagement?

----

**Fish Production**

2830 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Will the Government state the specific initiatives undertaken by the Fisheries & Animal Resources Development Department in Bolangir district during the last two years, including the establishment of Fisheries projects, livestock development programs, veterinary services, and skill development initiatives for farmers; (b) What measures have been taken to increase fish production, improve livestock health, and promote entrepreneurship in Aquaculture and Animal resources in the district ?

----

**MSME Park**

2831 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Will the Government provide details of the MSME parks or Industrial Clusters planned or under development in Bolangir district, including the current status, expected completion timeline, and the types of industries targeted; (b) What steps have been taken by the state Government to facilitate credit, subsidies, and technical support for MSMEs in Bolangir, especially for Horticulture, Agro-processing, and export-oriented enterprises; Has the Government implemented any skill development or training programs in Bolangir to enhance local capacity for entrepreneurship in the MSME sector ?

----

**Incentives for Women Workers**

2832 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) How many local Handloom and Handicraft Artisans from Bolangir are likely to be included in employment or the supply chain under this initiative; (b) What package of incentives, subsidies, or welfare measures, especially for women workers and existing weavers, will be applicable under the Odisha Apparel and Technical Textiles Policy 2022;. What is the projected quarter-wise schedule for when the park will become operational, including the expected date for first recruitment or engagement of local Artisan ?

----

**ଜୈବିକ ସାର ପ୍ରୟୋଗ**

2833 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ଷର କେଉଁମାସଠାରୁ ଖରିଫ ଓ ରବିଧାନ କ୍ରୟପାଇଁ ନିର୍ଦ୍ଦିଷ୍ଟ କରାଯାଇଛି; ଧାନ କ୍ରୟଜନିତ କେତେ ଟଙ୍କାର ସବସିଡ଼ି ରାଜ୍ୟ ସରକାର କେନ୍ଦ୍ରରୁ ପାଇବାକୁ ଥିଇବେଳେ କେଉଁ ବାବଦ କେତେ ଟଙ୍କା ପାଇଛନ୍ତି ଓ କେତେ ବାକି ଅଛି; ଜୈବିକ ସାର ପ୍ରୟୋଗଦ୍ୱାରା ମୃତ୍ତିକାର ମାନରେ କେତେ ପରିମାଣ ଉନ୍ନତି ହେବା ସହ ଏକର ପିଛା ଉତ୍ପାଦନ ପରିମାଣ କେତେ ବୃଦ୍ଧି ହେବ ?

----

**ଗ୍ରାମକୁ ବିଜୁଳି ଯୋଗାଣ**

2834 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁ ଜିଲ୍ଲାର କେତୋଟି ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ବିଜୁଳି ଆଲୁଅ ଏକ ସ୍ୱପ୍ନ ହୋଇରହିଛି; ସେହି ବିଜୁଳି ନଥିବା ଗ୍ରାମ ମାନଙ୍କରେ ପିଲାମାନେ କିପରି ପାଠ ପଢୁଛନ୍ତି ;୨୦୩୬ ବିକଶିତ ଓଡ଼ିଶାରେ ସେଭଳି ଗ୍ରାମମାନଙ୍କୁ ବିଜୁଳି ଆଲୁଅ ଯୋଗାଇ ଦେବାର କୌଣସି ଯୋଜନା ହୋଇଛି କି; ବିଜୁଳି ଆଲୁଅର ବିକଳ୍ପଭାବେ ସେଠାକାର ଜନସାଧାରଣ କେଉଁ ମାଧ୍ୟମରେ ସହାୟତା ନେଉଛନ୍ତି ଏବଂ ତାହା ପର୍ଯ୍ୟାପ୍ତ କି; ବିଜୁଳି ଆଲୁଅ ସେହି ଗ୍ରାମମାନଙ୍କୁ ନ ଯିବାର କାରଣ କଣ ଏବଂ ଏହାର ସମାଧାନ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

**ଚାଷୀମାନଙ୍କୁ ପ୍ରାପ୍ୟ ପ୍ରଦାନ**

2835 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ୍ୱିଣ୍ଟାଲ ସହ ଅନ୍ୟ କେଉଁ ବାବଦକୁ ଚାଷୀମାନଙ୍କଠାରୁ ତାଙ୍କ ପ୍ରାପ୍ୟରୁ କଟାଯାଉଛି ;କଟନି ଛଟନି ଓ ଅନ୍ୟାୟଭାବେ କଟାଯାଉଥିବା ଅନ୍ୟାନ୍ୟ ପ୍ରାପ୍ୟ ସୂଚାରୁ ରୂପେ ପାଇବାକୁ ସରକାର ସ୍ପେସାଲ ସ୍କାଡ଼ ମୁତୟନ କରିବାଭଳି କିଛି ପଦକ୍ଷେପ ନେଇଛନ୍ତି କିମ୍ବା ଚାଷୀ ସମ୍ପୂର୍ଣ୍ଣ ପ୍ରାପ୍ୟ ପାଉଛି ବୋଲି ସୁନିଶ୍ଚିତ କରି ପାରିବେ କି ;ଚାଷୀମାନଙ୍କୁ ପ୍ରାପ୍ୟ କେତେ ଦିନପରେ ମିଳୁଛି ?

----

**ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଜମି ପ୍ରଦାନ**

2836 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁ ୩୧ ଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ଜମି ପ୍ରଦାନ କରାଯାଇଛି ସେହି ପ୍ରକଳ୍ପ ଗୁଡ଼ିକ କେଉଁ ଜିଲ୍ଲାର କେଉଁଠାରେ ପ୍ରତିଷ୍ଠା ହେବ; ଏହି ପ୍ରକଳ୍ପ ଗୁଡ଼ିକ ପାଇଁ କେତେ ଟଙ୍କା ଲେଖାଏଁ ପୁଞ୍ଜି ନିବେଶ ହେବ ଏବଂ ପ୍ରତି ଉଦ୍ୟୋଗମାନଙ୍କରେ କେତେଜଣ ଲେଖାଏଁ କର୍ମ ନିଯୁକ୍ତି ସହ କେତେଜଣ ନିଯୁକ୍ତି ପାଇବେ ; ସେମାନଙ୍କ ପାଖରେ କି ପ୍ରକାର ଯୋଗ୍ୟତା ଥିବାର ଆବଶ୍ୟକ; କୌଣସି ବୈଷୟିକ ତାଲିମ ନଥାଇ କେତେଜଣ ଉଚ୍ଚ ଶିକ୍ଷିତାଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ଅଛି ?

----

**ବ୍ୟୟ ବରାଦର ପରିମାଣ**

2837 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ଏବଂ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା 'ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ?

----

**କାର୍ଯ୍ୟକ୍ରମର ବିବରଣୀ**

2838 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିରେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ ବ୍ୟକ୍ତିବିଶେଷ/ସଂସ୍ଥା (ଏକଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ?

----

**ଜନମଙ୍ଗଳକାରୀ ଯୋଜନାର ପ୍ରଚାର**

2839 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସର ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ?

----

**ପ୍ରଦାନ ଅର୍ଥର ସବିଶେଷ ତଥ୍ୟ**

2840 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୦ ମସିହାରୁ ଏଯାବତ ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି ତାହାର ବର୍ଷୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ସେହିପରି କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକାରର କାର୍ଯ୍ୟକ୍ରମ କରାଯାଇଛି ?

----

**କଫି ଚାଷକୁ ପ୍ରୋତ୍ସାହନ**

2841 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟରେ କଫି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ପୂର୍ବ ୫ ବର୍ଷରେ ସରକାର ଦ୍ୱାରା କେଉଁ କେଉଁ ମୁଖ୍ୟ ପଦକ୍ଷେପ ନିଆଯାଇଛି ନୂତନ କଫି ପ୍ଲାଣ୍ଟେସନ୍ ବିସ୍ତାର, Sapling ବଣ୍ଟନ, କୃଷକମାନଙ୍କୁ Technical Tranning, ଓ Processing Marketing ସୁବିଧା ସମେତ ଏହାର ବ୍ଲକ୍-ସ୍ତରରେ କଣ କଣ କରାଯାଇଛି ସବିଶେଷ ତଥ୍ୟ ପ୍ରଦାନ କରିବେ କି; କୋରାପୁଟ ଜିଲ୍ଲାରେ କୃଷି ନୀତି ଅନୁଯାୟୀ ବିଗତ ତିନି ବର୍ଷରେ କେତେଜଣ କୃଷକଙ୍କୁ କୃଷି ଉପକରଣ, କୃଷି ଫାର୍ମ, ହତ୍ୟାକୁ କ ଫାର୍ମ ସହିତ କୃଷି ଉଦ୍ୟୋଗ ସ୍ଥାପନ ପାଇଁ କେତେ ଋଣ ଓ ସବସିଡି ଯୋଗାଇ ଦିଆଯାଇଛି ?

----

**ଗୋ ଖାଦ୍ୟ ବିକ୍ରୟ**

2842 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ପ୍ରତିଦିନ ହାରାହାରି କେତେ ପରିମାଣର ଖାସି ମାଂସ, କୁକୁଡ଼ା ମାଂସ, ମାଛ, ଅଣ୍ଡା ଇତ୍ୟାଦି ଆବଶ୍ୟକ ଏବଂ ଓଡ଼ିଶାରେ ଏସବୁ ଖାଦ୍ୟ କେତେ ପରିମାଣରେ ଉପଲବ୍ଧ ଓ ଆବଶ୍ୟକ ପୂରଣ ପାଇଁ କେତେ ଅନ୍ୟ ରାଜ୍ୟରୁ ଆମଦାନୀ ହେଉଛି କହିବେ କି; ଏ ସବୁଥିରେ ଆତ୍ମ ନିର୍ଭର ହେବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର ନ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ; ଗ୍ରାମାଞ୍ଚଳରେ ମତ୍ସ୍ୟ ଚାଷୀଙ୍କୁ ପୋଖରୀ ଖୋଳି ମାଛ, ଚିଙ୍ଗୁଡ଼ି ଯାଆଁଳା ଛାଡ଼ିବା ପାଇଁ, ବେକାର ଯୁବକ ଯୁବତୀମାନଙ୍କୁ ଛେଳି କୁକୁଡ଼ା ଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ ପାଇଁ କୌଣସି ସରକାରୀ ଯୋଜନା ରହିଛି କି ; ଗୋଖାଦ୍ୟ ଷ୍ଟୋର ଖୋଲି ସମସ୍ତ ପ୍ରକାର ଗୋଖାଦ୍ୟ ବିକ୍ରି କରିବାର ବ୍ୟବସ୍ଥା କରିବେ କି?

----

**ସାପ୍ତାହିକ ହାଟ ସମ୍ପର୍କରେ**

2843 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାରେ କେତୋଟି ସ୍ଥାନରେ ସାପ୍ତାହିକ ହାଟ ହେଉଛି ଏବଂ କେଉଁ କେଉଁ ଜାଗାରେ ହାଟ ପାଇଁ ଉଚିତ ସ୍ଥାନ ଅଛି ; ଯଦି କେତୋଟି ସ୍ଥାନରେ ନାହିଁ ତା ପାଇଁ ସରକାର କି ପଦକ୍ଷେପ ନେବେ ଏବଂ ମୁଖ୍ୟ ରାସ୍ତା କଡ଼ରେ ଯେଉଁ ଯେଉଁ ଜାଗାରେ ହାଟ ହେଉଛି, ଯାହା ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି ଗାଡ଼ି ମଟର, ଆମ୍ବୁଲାନ୍ସ, Fire ଗାଡି ଏବଂ ସାଧାରଣ ଯାତାୟାତ ଗମନା ଗମନରେ ଦିନ ତମାମ ବାଧା ସୃଷ୍ଟି ହେଉଛି ତେଣୁ ସରକାର ଏଥିପାଇଁ ଅନ୍ୟତ୍ର ଜାଗା ଚିହ୍ନଟ କରି କେବେ ସୁଧା ଅନ୍ୟତ୍ର ବ୍ୟବସ୍ଥା କେବେ ସୁଧା କରିବେ ; (ଖ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କେଉଁ କେଉଁ ହାଟ RMC ଅଧିନରେ ଅନ୍ତର୍ଭୁକ୍ତ ; ନିର୍ବାଚନ ମଣ୍ଡଳୀରେ ଥିବା ଦଶମନ୍ତପୁର ହାଟ, ପୋଡ଼ାଗଡ଼ ହାଟ, କାକରିଗୁମ୍ମା ହାଟ, ଲକ୍ଷ୍ମୀପୁର ହାଟ, ନାରାୟଣପାଟଣା ହାଟ, ସରପେଲି ହାଟ ଓ କୁମ୍ଭାରୀପୁଟ ହାଟ ଗୁଡିକର ଉନ୍ନତିକରଣ କରାଯାଉ ନ ଥିବାର କାରଣ କଣ ?

----

**'ମିଶନ ପାୱାର' କୁ ସଫଳ କରିବାକୁ ପଦକ୍ଷେପ**

2844 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ 'ମିଶନ ପାୱାର' କୁ ସଫଳ କରିବା ପାଇଁ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ପ୍ରତ୍ୟେକ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରିବା ସହ କାମରେ କେତେ ଅଗ୍ରଗତି ହୋଇଛି ଜଣାଇବେ କି, କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ ଅନ୍ତର୍ଗତ 'ଜଳ ଅର୍ପଣ' କାର୍ଯ୍ୟକ୍ରମକୁ ସରକାର କିପରି ଭାବେ ଉପଯୋଗ କରି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଚେଷ୍ଟା ଜାରି ରଖିଛନ୍ତି କହିବେ କି, କେନ୍ଦ୍ର ସରକାର ଜଳ ଜୀବନ ମିଶନ ଯୋଜନାରେ କେତେ ଟଙ୍କା ଦେଇଛନ୍ତି, କେତେ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଦିଆଯାଇଛି, ଆଉ କେତେ ପରିବାରକୁ ଜଳ ଯୋଗାଇଦେବାର ଲକ୍ଷ ସରକାର ଚଳିତ ବର୍ଷ ରଖିଛନ୍ତି ଓ ସମ୍ପୂର୍ଣ୍ଣ ଓଡ଼ିଶାରେ ସବୁ ପରିବାରକୁ କେବେ ସୁଦ୍ଧା ଯୋଗାଇଦେବେ ଓ ସେଥିପାଇଁ କେତେ ବ୍ୟୟ ବରାଦ ହୋଇଛି, କେନ୍ଦ୍ର କେତେ ଦେବ ରାଜ୍ୟର ଭାଗ କେତେ ପଡ଼ିବ ?

----

**କୃଷକମାନଙ୍କ ଆୟ ବୃଦ୍ଧି**

2845 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ଆର୍ଥିକ ବର୍ଷ ସହିତ ବିଗତ ପାଞ୍ଚ ବର୍ଷରେ କୃଷକମାନଙ୍କ ଆୟରେ କେତେ ଲାଭାଂଶ ହ୍ରାସ ବୃଦ୍ଧି ଘଟିଛି, ତାହାର ଏକ ବ୍ଲକୱାରୀ ବିବରଣୀ ଦର୍ଶାଇ, କୃଷକମାନଙ୍କ ଆୟ ବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

**କୃଷିଜାତ ଦ୍ରବ୍ୟର ରପ୍ତାନୀ**

2846 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅଧିକ କୃଷିଜାତ ଦ୍ରବ୍ୟର ରପ୍ତାନୀ ପାଇଁ କି କି ବ୍ୟବସ୍ଥା ସରକାର ଗ୍ରହଣ କରିଛନ୍ତି, (ଖ) ଭାରତ ସରକାରଙ୍କର Agriculture Budget ରେ ଚଳିତ ବର୍ଷ ଓଡିଶା ପାଇଁ କେତେ ଅର୍ଥ ରଖାଯାଇଛି ଏବଂ ଏହା ରାଜ୍ୟରେ କି ପ୍ରକାର ପ୍ରଭାବ ପକାଇବ ?

----

**Reservoir ନିର୍ମାଣ**

2847 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥୁ-ରାମପୁର ବ୍ଲକ ଇନ୍ଦ୍ରବତି ଜଳଭଣ୍ଡାର ନିକଟରେ ଏକ Integrated Development of Large Reservoir ପାଇଁ କେନ୍ଦ୍ରରୁ ଅର୍ଥ ମଞ୍ଜୁର ହୋଇ ଆସିଥିଲେ ମଧ୍ୟ କେଉଁ କାରଣରୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ, ଏହା କେବେଠାରୁ କାର୍ଯ୍ୟକାରୀ ହେବ ?

----

**'ଇନୋଭେସନ ହବ୍' ସ୍ଥାପନ ସମ୍ପର୍କରେ**

2848 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାଷୀମାନଙ୍କୁ ଜଳବାୟୁ ସହିଷ୍ଣୁ କୃଷି ଜ୍ଞାନ କୌଶଳ ଶିକ୍ଷା ଦେବା ପାଇଁ କଟକ ସଦର ନିର୍ବାଚନ ମଣ୍ଡଳୀରେ କୌଣସି 'ଇନୋଭେସନ ହବ୍' ସ୍ଥାପନର ଯୋଜନା ଅଛି କି ?

----

**ବିଦ୍ୟୁତ୍ ସଂଯୋଗ**

2849 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେତୋଟି ଗ୍ରାମର ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ତାହାର ତାଲିକା ପ୍ରଦାନ କରିବେ କି, ସ୍ୱାଧିନତାର 75 ବର୍ଷ ବିତିଯାଇ ଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇ ନ ଦେବାର କାରଣ କଣ, ଏଥିପାଇଁ ଦାୟୀ କିଏ, ବିଶେଷ କରି ବାଲେଶ୍ୱର ଜିଲ୍ଲାର ସିମୁଳିଆ ନିର୍ବାଚନ ମଣ୍ଡଳୀର କେତୋଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ଅଛନ୍ତି ଏବଂ ଉକ୍ତ ଗ୍ରାମଗୁଡ଼ିକୁ କେବେସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବ ?

----

**ଧାନ ସଂଗ୍ରହ**

2850 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖରିଫ ଧାନ ସଂଗ୍ରହ ନିମନ୍ତେ ବାଲେଶ୍ୱର ଜିଲ୍ଲା ଅଧିନସ୍ଥ କେଉଁ କେଉଁ ବ୍ଲକରେ କେଉଁ କେଉଁ PACS ମାନଙ୍କୁ କେତେ target ଦିଆଯାଇଛି ଓ ବର୍ତ୍ତମାନ ସୁଦ୍ଧା ସେହି ସେହି PACS ମାନେ କେତେ କେତେ ଧାନ ସଂଗ୍ରହ କରିଛନ୍ତି ଓ ଏହାଦ୍ୱାରା କେତେ କେତେ ଚାଷୀ ଉପକୃତ ହୋଇଛନ୍ତି ?

----

**ପ୍ଲାମେଟୋରିୟମ୍ ସ୍ଥାପନ**

2851 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ସ୍ଥାନରେ ପ୍ଲାମେଟୋରିୟମ୍ ସ୍ଥାପନ ପାଇଁ ପ୍ରସ୍ତାବ ଅଛି, ପଠାଣିସାମନ୍ତ ପ୍ଲାନେଟୋରିୟମ୍ ଢାଞ୍ଚାରେ ବାଲେଶ୍ୱର ସହରରେ ଏକ ପ୍ଲାନେଟୋରିୟମ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନେଇଛନ୍ତି ?

----

**ବିନା ଦେୟରେ ବିଦ୍ୟୁତ୍ ଯୋଗାଣ**

2852 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାରେ ମୋଟ କେତେ BPL (ଦାରିଦ୍ର୍ୟ ସୀମାରେଖା) ଭିତରେ ଥିବା ପରିବାରଙ୍କୁ ବିନା ଦେୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଅଛି ତାହାର ବ୍ଲକୱାରୀ ଏକ ତାଲିକା ଦେବେ କି, ସମସ୍ତ BPL ପରିବାରକୁ ଏବେସୁଧା ବିନା ଦେୟୟରେ ବିଦ୍ୟୁତ୍ ଯୋଗାମ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ?

----

**ପଶୁ ଚିକିତ୍ସାଳୟର ସଂଖ୍ୟା**

2853 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୁନ୍ଦରଗଡ ଜିଲ୍ଲାରେ ମୋଟ କେତୋଟି ପଶୁ ଚିକିତ୍ସାଳୟ ଅଛି, ଗତ 5 ବର୍ଷରେ କେଉଁ ଚିକିତ୍ସାଳୟ ପାଇଁ କେତେ ଔଷଧ ଓ ଯନ୍ତ୍ରପାତି କିଆଯାଇଅଛି ତାହାର ବ୍ଲକୱାରୀ ଏକ ତାଲିକା ଦେବେ କି, (ଖ) ସୁନ୍ଦରଗଡ ଜିଲ୍ଲାରେ ବୁଲାଗୋରୁ ଗାଈଙ୍କ ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

**G.I. Tag Certificate ପାଇଥିବା ଦ୍ରବ୍ୟ**

2854 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାରେ ଉତ୍ପାଦିତ କୌଣସି ଦ୍ରବ୍ୟକୁ G.I. Tag Certificate ମିଳିଛି କି, ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ଏବଂ ଉଦ୍ୟୋଗୀଙ୍କୁ କଣ ସୁବିଧାର ବ୍ୟବସ୍ଥା ଅଛି ?

----

**କଣ୍ଟାବାଞ୍ଜିରେ ଖାଲିଥିବା Block Veterinary Officer**

2855 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ କେଉଁ କେଉଁ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର ରେ ବର୍ତ୍ତମାନ Block Veterinary Officer/ V.S./A.V.S.ଓ ଅନ୍ୟାନ୍ୟ ପଦବୀ ଖାଲି ଅଛି ଏବଂ ସେଗୁଡିକ କେବେଠାରୁ ଖାଲି ପଡିଛି, ( ଖ ) ସେହିପରି କେଉଁ Livestock Aid Centre ଗୁଡିକରେ Livestock Inspector / Veterinary Technician ପଦବୀ ଖାଲି ଅଛି, ସେଗୁଡିକୁ କେବେ ସୁଦ୍ଧା ପୂରଣ କରାଯିବ?

----

**କଣ୍ଟାବାଞ୍ଜିରେ କାର୍ଯ୍ୟକ୍ଷମ ଥିବା PACS**

2856 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ କେତେଗୋଟି PACS କାର୍ଯ୍ୟକ୍ଷମ ଅଛି ଏବଂ କେଉଁ PACS ଅଧିନରେ କେଉଁ ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଅଛି ଏବଂ ଚଳିତ ବର୍ଷ ୨୦୨୫-୨୬ ଖରିଫ ଋତୁ ପାଇଁ PACS ୱାରୀ କେତେ କୁଇଣ୍ଟାଲ ଧାନ କିଣିବାର ଟାର୍ଗେଟ ଥିଲା, କେତେ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା କେତେ କୁଇଣ୍ଟାଲ ଧାନ କିଣାଯାଇଛି?

----

**ଭୂତଳ ବୋରୱେଲ ଖୋଳିବା ପାଇଁ ଟାର୍ଗେଟ୍**

2857 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୧୮ ମସିହାରୁ ୨୦୨୫-୨୬ ବର୍ଷ ମଧ୍ୟରେ ବାର୍ଷିକ ସୌର ଜଳନିଧି, ଜଳନିଧି ତଥା ଅନ୍ୟାନ୍ୟ ଯୋଜନାରେ ବ୍ଲକୱାରୀ କେତେ ଗୋଟି ଭୂତଳ ବୋରୱେଲ ( Deep Borewell) ଖୋଳିବା ପାଇଁ ଟାର୍ଗେଟ୍ ଦିଆଯାଇଥିଲା, ୨୦୨୪-୨୫ ବର୍ଷରୁ ଆଜି ପର୍ଯ୍ୟନ୍ତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ମୋଟ କେତେ ଜଣ ଚାଷୀ ଆବେଦନ କରିଥିଲେ ଓ କେତେ ଚାଷୀ ଉକ୍ତ ଯୋଜନାରେ ଉପକୃତ ହୋଇଛନ୍ତି ଏବଂ କେତେ ଜଣଙ୍କ ଆବେଦନ ବିଚାରଧିନ ଅଛି କିମ୍ୱା ଖାରଜ କରାଯାଇଛି, ତାହାର ପଂଚାୟତ ଓ ବ୍ଲକ ର ନାମ ସହ ବର୍ଷୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳି ଅଂଚଳ ଏକ ମରୁଡି ପ୍ରପୀଡିତ, ଅଣ-ଜଳସେଚିତ ଓ ଶିଳ୍ପ ବିହୀନ ହୋଇଥିବାରୁ ପ୍ରତି ବର୍ଷ ଶହସ୍ରାଧିକ ଚାଷୀ କୃଷି ଜୀବିକା ଛାଡି ଅନ୍ୟ ରାଜ୍ୟକୁ ଜୀବିକା ନିର୍ବାହ ପାଇଁ ବାଧ୍ୟ ହୋଇ ପଳାୟନ କରନ୍ତି, ଏଣୁ ଏହାର ପ୍ରତିକାର ସ୍ୱରୂପ ସରକାର ଚଳିତ ଆଇନ/ ନିର୍ଦ୍ଦେଶାବଳୀରେ ସଂଶୋଧନ ଆଣି ବିଶେଷକରି ସ୍ୱତନ୍ତ୍ର ଭାବେ ତୁରେଇକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର ସୌର ଜଳନିଧି, ଜଳନିଧି ଯୋଜନାରେ ଅଂଚଳର ଚାଷୀଙ୍କୁ ଅର୍ନ୍ତଭୁକ୍ତ କରିବାକୁ ପର୍ଯାପ୍ତ ଟାର୍ଗେଟ୍ ବଢେଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ କି ?

----

**ଜଳ ସେଚନ ସୁବିଧା ପ୍ରଦାନ**

2858 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେ hector ଧାନ ଜମି only ବର୍ଷା ଆଧାରରେ ଚାଷୀ ନିର୍ଭର କରୁଛି, non irrigated କେତେ ଅଛି ବ୍ଲକ ୱାରୀ କହିବେ କି ଏବଂ ସେହି ଜମିଗୁଡିକକୁ କେବେ ସୁଦ୍ଧା irrigation ସୁବିଧା ମିଳିବ ?

----

**Fortified ଚାଉଳ ବଣ୍ଟନ**

2859 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ː**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାର ଦୁର୍ଗମ ଅଂଚଳରେ ପୁଷ୍ଟିହୀନତା ଦୂର କରିବା ପାଇଁ ସରକାର fortified ଚାଉଳ ବଣ୍ଟନର ବର୍ତ୍ତମାନ ସ୍ଥିତି କଣ ରହିଛି, କେତେ ପ୍ରତିଶତ ହିତାଧିକାରୀ EKYC ପ୍ରକ୍ରିୟା ହୋଇଛି, ଅଯୋଗ୍ୟ କାର୍ଡଧାରୀଙ୍କୁ ବାଦ ଦେବା ପରେ ନୂତନ ଭାବେ କେତେ ରାସନ କାର୍ଡ ବଣ୍ଟନ କରାଯାଇଛି ?

----

**ବିଦ୍ୟୁତ ଯୋଗାଣ**

2860 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାର ଦୁର୍ଗମ ଅଂଚଳ ଚନ୍ଦ୍ରପୁର ଭଳି ବ୍ଲକକୁ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗେଇ ଦେବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, ବିଭିନ୍ନ ସରକାରୀ ସଂସ୍ଥାରେ ବର୍ତ୍ତମାନ ସୁଦ୍ଧା କେତେ bill ବକେୟା ପଡି ରହିଛି, ଏହି ବକେୟା କୁ collection ପାଇଁ କଣ ପଦକ୍ଷେପ ନିଆ ଯାଇଛି ?

----

**Revival of Sick Spinning Mills**

2861 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The Reasons For Which The Government Is Not Taking Steps For The Revival of Sick Spinning Mills In The State, (b)Could the Govt. Inform As Skilled Workers Are Migrating To Other States, Earning Recognition And Contributing To Revenue Elsewhere, Whether The Government Has Considered This Issue,Whether The Government Will Take Necessary Steps For The Restoration Of All Spinning Mills In The State To Provide Employment Opportunities To These Workers ?

----

**PisciCulture Development In Gajapati District**

2862 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Despite The Presence Of Large Water Bodies Such As Ram Sagar, Sita Sagar, Gajapati Sagar And Krishna Sagar Spread Over Thousands Of Hectares In Gajapati District, Why No Significant Steps Have Yet Been Taken For The Development Of Fish Culture, (b)Could the Govt. Inform Whether The Government Will Take Necessary Steps To Promote And Develop PisciCulture In Gajapati District, So That Local Communities Are Not Forced To Depend On Andhra Pradesh For Fish ?

----

**Low-Voltage problem**

2863 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) As People In Many Villages Of Gajapati District Are Facing Serious Difficulties Due 10 Persistent Low-Voltage Electricity Supply, What Steps Have Been Taken By The Government To Resolve This Issue, (b) Could the Govt. Inform What Plans Are In Place To Address And Improve The Electricity Supply Situation In These Affected Villages Of Gajapati District, The Detailed Measures, Projects And Initiatives Being Undertaken By The Government To Mitigate Low Voltage Issues And Ensure Reliable Power Supply In The Villages Of Gajapati District Be Provided ?

----

**ମାଛ ଆମଦାନୀ**

2864 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ː**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ରାଜ୍ୟରେ ମତ୍ସ୍ୟ ଚାଷ ପାଇଁ ଅନୁକୂଳ ଭୂମି ଥିବା ସତ୍ତ୍ୱେ ଦୈନିକ ଅନ୍ୟ ରାଜ୍ୟରୁ ବହୁ ପରିମାଣର ମାଛ ଆମଦାନୀ କରିବାକୁ ପଡୁଛି, ରାଜ୍ୟକୁ ପ୍ରତିଦିନ କେଉଁ କେଉଁ ରାଜ୍ୟରୁ କେତେ ପରିମାଣର ମାଛ ଆମଦାନୀ କରାଯାଉଛି, ମତ୍ସ୍ୟ ଆମଦାନୀରେ ନିର୍ଭରତା କମେଇ ରାଜ୍ୟକୁ ସ୍ୱୟଂ ପୂରଣ କରିବା ପାଇଁ ସରକାର କେଉଁ ସମୟବଦ୍ଧ କାର୍ଯ୍ୟଯୋଜନା ଗ୍ରହଣ କରିଛନ୍ତି, ମତ୍ସ୍ୟ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ଅନୁଦାନ, ପୋଣ୍ଡ ଉନ୍ନୟନ ସହାୟତା, ବିଜୁଳି ରିଆୟତ, ଖାଦ୍ୟ ଓ ପୋଷଣ ସମର୍ଥନ ଏବଂ ବଜାର ସଂଯୋଗ ଯୋଗାଇ ଉତ୍ପାଦନ ବୃଦ୍ଧି ପାଇଁ କୌଣସି ବିଶେଷ ପ୍ୟାକେଜ ଘୋଷଣା କରାଯିବ କି, ରାଜ୍ୟର ଆବଶ୍ୟକତା ଅନୁଯାୟୀ ମତ୍ସ୍ୟ ଉତ୍ପାଦନ ସୁନିଶ୍ଚିତ କରିବା ପାଇଁ ସରକାର ସ୍ଥାନୀୟ ମତ୍ସ୍ୟ ଚାଷକୁ ଶିଳ୍ପ ମାନ୍ୟତା ଦେବା ବିଷୟରେ ବିଚାର କରୁଛନ୍ତି କି ?

----

**Millet Mission**

2865 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The details of the performance of the Millet Mission in Sundargarh district during the last three years, including total area covered, production achieved and financial allocation made year-wise, (b) How many farmers from Rourkela Assembly Constituency have registered under the Millet Mission as millet farmers, and how many of them have received financial or technical assistance, How many dedicated Government stalls or outlets have been established in Sundargarh district, particularly in Rourkela for marketing and promotion of millet and millet-based products and whether there is any proposal to increase such stalls in the current financial year ?

----

**E-KYC**

2866 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ː**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total number of beneficiaries under the Public Distribution System (PDS) in Odisha who have completed e-KYC authentication with Aadhaar and the number of beneficiaries who are yet to complete - KYC as on date, district-wise details, (b) The specific number of beneficiaries in Rourkela

Assembly Constituency who have completed Aadhaar- based e-KYC and the number still pending, whether Aadhaar-based e-KYC has been made mandatory for availing ration under PDS in Odisha; if so, the Government guidelines issued in this regard and the measures taken to ensure that no eligible beneficiary is deprived due to non-completion of e-KYC ?

----

**ଟୋକନ୍ ପୁନଃ କାର୍ଯ୍ୟକ୍ଷମ ସମ୍ପର୍କରେ**

2867 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି ଜଣାଇବେ କି: ରେଙ୍ଗାଲି ବ୍ଲକର କେତେଜଣ ଚାଷୀଙ୍କ ଟୋକନ୍ ଅବଧି ୨୦୨୫ ଡିସେମ୍ବର ଏବଂ ୨୦୨୬ ଜାନୁଆରୀ ସୁଦ୍ଧା ସରିଯାଇଥିଲେ ମଧ୍ୟ ସେମାନଙ୍କର ଧାନ ଗୋଟିଏ ବି କୁଇଣ୍ଟାଲ ସଂଗ୍ରହ କରାଯାଇ ନାହିଁ, ସମ୍ବଲପୁର ମିଲର ସଂଘ ଓ ସରକାରଙ୍କ ମଧ୍ୟରେ ଥିବା ବିବାଦ ଯୋଗୁଁ ଯେଉଁ ଚାଷୀଙ୍କ ଟୋକନ୍ ଲ୍ୟାପ୍ସ (Expired) ହୋଇଛି, ସେଗୁଡ଼ିକୁ ପୁନଃ-କାର୍ଯ୍ୟକ୍ଷମ (Re-validate) କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି ?

----

**ଦୁର୍ନୀତି ତଦନ୍ତ**

2868 **Shri Sudarshan Haripal (Rengali):**

Will the Minister for **Food Supplies & Consumer Welfare** be pleased to state that:- ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ (OSCSC)ର ନିୟମ ଅନୁଯାୟୀ ଶ୍ରମିକ ଓ ଗୁଣି ବ୍ୟାଗ୍ ଖର୍ଚ୍ଚ ସରକାର ଦେବାର କଥା କିନ୍ତୁ ରେଙ୍ଗାଲି ଅଞ୍ଚଳରେ ଚାଷୀଙ୍କ ପାଖରୁ ବେଆଇନ ଭାବେ କୁଇଣ୍ଟାଲ ପିଛା ୧୫୦-୨୦୦ ଟଙ୍କା ଆଦାୟ କରାଯାଉଥିବାର କାରଣ କଣ, ସମ୍ବଲପୁର ଜିଲ୍ଲାରେ 'ମଣ୍ଡି ହ୍ୟାଣ୍ଡଲିଂ ଖର୍ଚ୍ଚ' (Mandi Handling Charges) ବାବଦରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ସ୍ଥିତି କଣ ?

----

**ମଣ୍ଡି ସୁବ୍ୟବସ୍ଥା**

2869 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ଜିଲ୍ଲାରେ ମିଲରମାନଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିବାରେ ବିଳମ୍ବ ହେବାର କାରଣ କଣ, ଯାହା ଯୋଗୁଁ ଗତ ଡିସେମ୍ବର ୧୯, ୨୦୨୫ ରେ ୧୨ ଘଣ୍ଟିଆ ଜିଲ୍ଲାବ୍ୟାପୀ ବନ୍ଦ ପାଳନ କରାଯାଇଥିଲା, ମଣ୍ଡିରେ ସୁବ୍ୟବସ୍ଥା ଦାବି କରି ଆନ୍ଦୋଳନ କରିଥିବା ଚାଷୀଙ୍କ ବିରୋଧରେ ନିଆଯାଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନକୁ ସରକାର ଯଥାର୍ଥ ମଣୁଛନ୍ତି କି ?

----

**Audit Report ପ୍ରଦାନ**

2870 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଠଗଡ ADT ଅଧିନରେ ଅଦ୍ୟାବଧି କେତୋଟି କେଉଁ ଠାରେ ତନ୍ତୁବାୟ ସହଯୋଗ ସମିତି (WCS) ଓ ଖଦୀ ଗ୍ରାମୋଦ୍ୟଗ ସମିତି ପଞ୍ଜିକୃତ ହୋଇଛି, ସେଗୁଡିକର ନାମ ଓ ବ୍ୟବସାୟୀକ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ, ତନ୍ମଧ୍ୟରୁ କେଉଁ WCS ଗୁଡିକ କେବଳ କାଗଜ ପତ୍ରରେ ଚାଲିଛି ଜଣାଇବେ କି, ପ୍ରତ୍ୟେକ WCS ଗୁଡିକର ୨ ବର୍ଷର Audit ତଥ୍ୟ ପ୍ରଦାନ କରିବେ କି, (ଖ) ବୟନିକାରେ ଜଣେ ସାଧାରଣ ବୁଣାକାର କିଭଳି ଭାବରେ ଶାଢୀ ଦେଇ ପାରିବ ସେଥିପାଇଁ ନୀତିନିୟମ କଣ ରହିଛି, କେଉଁମାନେ ବିଗତ ଦିନରେ ଭେଜାଲ ସୂତାର ଶାଢୀ ଦେଇ ଧରାପଡିବା ବେଳେ କେଉଁ ପ୍ରକାରର ଦଣ୍ଡିତ ହୋଇଛନ୍ତି ?

----

**ଆତ୍ମ ନିଯୁକ୍ତିର ବିବରଣୀ**

2871 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ପାଞ୍ଚବର୍ଷରେ ନର୍ଲା ନିର୍ବାଚନ ମଣ୍ଡଳୀରେ କେତେ ଜଣଙ୍କୁ ଗାଈ, ଛେଳି, କୁକୁଡା, ମାଛ ଓ ଅନ୍ୟ କେଉଁ ପ୍ରକାର ଚା। ପାଇଁ କେତେ ଋଣ ଓ ପ୍ରୋତ୍ସାହନ ଦିଆଯାଇଛି ଓ ଏହା ଦ୍ୱାରା କେତେଜଣ ଆତ୍ମନିଯୁକ୍ତି ପାଇଛନ୍ତି ?

----

**କଳାହାଣ୍ଡି ଜିଲ୍ଲାରେ ଶୀତଳ ଭଣ୍ଡାର**

2872 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ପ୍ରକାରର ଖାଦ୍ୟ ଶସ୍ୟ ଉତ୍ପାଦନ ହେଉଅଛି, ସେହି ଉତ୍ପାଦିତ ଖାଦ୍ୟଶସ୍ୟ ଗୁଡିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ଶୀତଳ ଭଣ୍ଡାର (Cold Storage) ସ୍ଥାପିତ ହୋଇଛି ଏବଂ ଆଗାମୀ ଦିନରେ କେତେ ସଂଖ୍ୟାନ ନୂତନ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ସରକାର ଯୋଜନା ରଖିଛନ୍ତି ?

----

**ଉଦ୍ୟୋଗ ସ୍ଥାପନ ହାର**

2873 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) କୁ ରୋଜଗାର ସୃଷ୍ଟିର ମୂଳ ଆଧାର ବୋଲି କୁହାଯାଉଥିବା ସତ୍ତ୍ୱେ ଅନେକ ଜିଲ୍ଲାରେ ଉଦ୍ୟୋଗ ସ୍ଥାପନା ହାର ଅତ୍ୟନ୍ତ କମ୍ ଥିବା ଅଭିଯୋଗ ରହିଛି, ବର୍ତ୍ତମାନ ରାଜ୍ୟରେ ମୋଟ କେତେ MSME ୟୁନିଟ୍ ପଞ୍ଜୀକୃତ ଅଛି, ସେଥିରୁ କେତେ କାର୍ଯ୍ୟରତ ଓ କେତେ ବନ୍ଦ ହୋଇଛି, MSME କ୍ଷେତ୍ରରେ ବିଗତ ସମୟରେ କେତେ ନିବେଶ ଆସିଛି ଏବଂ କେତେ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ରୋଜଗାର ମିଳିଛି?

----

**ଯୋଜନାରୁ ବଞ୍ଚିତ ବୁଣାକାରଙ୍କ ବିବରଣୀ**

2874 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଓଡ଼ିଶା ହସ୍ତତନ୍ତକୁ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପ୍ରଚାର କରାଯାଉଥିବା ସତ୍ତ୍ୱେ ଅନେକ ବୁଣାକାର କଞ୍ଚାମାଲ ମୂଲ୍ୟ ବୃଦ୍ଧି, ମଧ୍ୟସ୍ଥ ଶୋଷଣ ଓ ବଜାର ସଂଯୋଗ ଅଭାବ ଯୋଗୁଁ ଆର୍ଥିକ ସଙ୍କଟରେ ରହୁଛନ୍ତି, ବର୍ତ୍ତମାନ ରାଜ୍ୟରେ କେତେ ବୁଣାକାର ପଞ୍ଜୀକୃତ ଅଛନ୍ତି, ସେମାନଙ୍କୁ କେତେ ସବସିଡି, କଞ୍ଚାମାଲ ସହାୟତା ଓ ବଜାର ସୁବିଧା ଦିଆଯାଇଛି ଏବଂ କେତେ ବୁଣାକାର ଏପର୍ଯ୍ୟନ୍ତ ଯୋଜନାରୁ ବଞ୍ଚିତ, ତାହାର ଜିଲ୍ଲାୱାରି ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ ରାଜ୍ୟରେ ହସ୍ତତନ୍ତ ଉତ୍ପାଦର ଅନଲାଇନ ବିକ୍ରୟ, ବ୍ରାଣ୍ଡିଙ୍ଗ୍ ଓ ରପ୍ତାନି ବୃଦ୍ଧି ପାଇଁ ସରକାର କେଉଁ ନିର୍ଦ୍ଦିଷ୍ଟ ସମୟସୀମା ଭିତ୍ତିକ କାର୍ଯ୍ୟଯୋଜନା ଗ୍ରହଣ କରିଛନ୍ତି ?

----

**ବିଦ୍ୟୁତ ଦର ବୃଦ୍ଧିର ପ୍ରମୁଖ କାରଣ**

2875 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Tata Power ପକ୍ଷରୁ ଅତିରିକ୍ତ ବିଲ୍, ଭୁଲ ମିଟର ରିଡିଂ ଓ ଗ୍ରାହକ ଅଭିଯୋଗ ନିରାକରଣରେ ବିଳମ୍ବ ସମ୍ପର୍କିତ ଗୁରୁତର ଅଭିଯୋଗ ଆସୁଥିବା ବିଷୟରେ ଅବଗତ ଅଛନ୍ତି କି, ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ପାଉଥିବା ସତ୍ତ୍ୱେ ସେବାର ଗୁଣମାନରେ ପ୍ରତ୍ୟକ୍ଷ ସୁଧାର ଦେଖାଯାଉନଥିବା ଓ କମ୍ପାନୀ ସହ ହୋଇଥିବା ଚୁକ୍ତିରେ ପାରଦର୍ଶିତା ନଥିବା ଗୁରୁତର ଅଭିଯୋଗ ରହିଛି, ବଦ୍ୟୁତ୍ ଦର ବୃଦ୍ଧିର ପ୍ରମୁଖ କାରଣ କଣ ଡିସକମ୍ ସବୁ ସରକାରଙ୍କ ଚୁକ୍ତିର ମୂଖ୍ୟ ସର୍ତ୍ତ ଗୁଡ଼ିକ କ'ଣ ଏବଂ ସେବା ମାନଦଣ୍ଡ ଉଲ୍ଲଘନ ପାଇଁ କେତେ ଜରିମାନା/କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

**ଶିଳ୍ପ ସ୍ଥାପନ**

2876 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କରିବାରେ ପ୍ରୋତ୍ସାହନ ଦେବା ସହ ଆବଶ୍ୟକ Training ଓ ଜମି ଯୋଗାଇଦେବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ଜଣାଇବେ କି, ଧର୍ମଗଡ଼ ନିକଟସ୍ଥ ବିଜୁ ଏକ୍ସପ୍ରେସ ୱେ ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ Down Stream Industry ଓ Anciliary Industry ସ୍ଥାପନ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥାରୁ ପୁଞ୍ଜି ଆଣିବା ପାଇଁ ପ୍ରଚେଷ୍ଟା କରିବା ସହ ଆବଶ୍ୟକ କଞ୍ଚାମାଲ ଯୋଗାଇ ଦେବାର କୌଣସି ବ୍ୟବସ୍ଥା କରିବେ କି, ଉତ୍କର୍ଷ ଓଡ଼ିଶା କାର୍ଯକ୍ରମ ରେ ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ ପାଇଁ କେଉଁ କେଉଁ ସଂସ୍ଥା ଆଗ୍ରହ ପ୍ରକାଶ କରିଛନ୍ତି ?

----

**ମାଛ ବିକ୍ରୟ ବ୍ୟବସ୍ଥା**

2877 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ପରିମାଣରେ ମାଛ କେଉଁ କେଉଁ ବ୍ଲକ ରୁ ଉତ୍ପାଦିତ ହୋଇଛି ଏହାର ବ୍ଲକୱାରୀ ତଥ୍ୟ ଦେବେ କି, ଏହି ସବୁ ମାଛର ବିକ୍ରୟ ବ୍ୟବସ୍ଥା ପାଇଁ ବିଭାଗ ତରଫରୁ କି କି ବ୍ୟବସ୍ଥା ଗ୍ରହଣ କରାଯାଇଛି, ମାଛ ବିକ୍ରୟ ପାଇଁ ମାଛ ହାଟ ପାଇଁ ସହରାଞ୍ଚଳରେ କି ବ୍ୟବସ୍ଥା ଗ୍ରହଣ କରାଯାଇଛି, ଧର୍ମଗଡ଼ ଠାରେ ଏକ ମାଛ ହାଟ ସ୍ଥାପନ ପାଇଁ ବିଭାଗ ତରଫରୁ ଅନୁଦାନ ଯୋଗାଇ ଦିଆଯିବ କି ?

----

**ଗ୍ରୀଡ ଷ୍ଟେସନ ସ୍ଥାପନ**

2878 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ବ୍ଲକ ଅଞ୍ଚଳର ତେଲ ନଦୀ ଅପର ପାର୍ଶ ରେ ଥିବା ପ୍ରାୟ ସନ୍ଧିକୁଳିଆରୀ ଗ୍ରାମ ପଂଚାୟତ ରୁ ଡୁମେରଗୁଡ଼ା ଗ୍ରାମପଂଚାୟତ ଅଞ୍ଚରେ ବିଦ୍ୟୁତ ର ସୁଷମ ବଣ୍ଟନ ବ୍ୟବସ୍ଥା ପାଇଁ ଟିପିଗୁଡା ଠାରେ Odisha Distribution System Supply Project(ODSSP) ସ୍କିମ୍ ଜରିଆରେ ତୁରନ୍ତ ଏକ 33//11 KV ବିଦ୍ୟୁତ ଗ୍ରୀଡ ସବ ଷ୍ଟେସନ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

**ତନ୍ତୁବାୟ ସମିତିର ସ୍ଥିତି**

2879 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ନିର୍ବାଚନ ମଣ୍ଡଳୀରେ କେତେଗୋଟି ତନ୍ତୁବାୟ ସମିତି ରହିଛି; ସେଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ରହିଛି, ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ସମିତି ଗୁଡ଼ିକର ଉନ୍ନତି, ଗୃହନିର୍ମାଣ ବାବଦରେ ଖର୍ଚ୍ଚ କରାଯାଇଛି?

----

**ଆୟ ବୃଦ୍ଧି ପାଇଁ ଯୋଜନା**

2880 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କୃଷି କ୍ଷେତ୍ରର ସମଗ୍ର ଉନ୍ନତି ପାଇଁ ଗତ ତିନି ବର୍ଷ ମଧ୍ୟରେ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ଉକ୍ତ ପଦକ୍ଷେପଗୁଡିକ ପାଇଁ ବର୍ଷଭିତ୍ତିକ କେତେ ଅର୍ଥ ଆବଣ୍ଟନ ଓ ବ୍ୟୟ କରାଯାଇଛି ଏବଂ କେତେ କୃଷକ ଏହାର ଲାଭ ଉଠାଇଛନ୍ତି, କେନ୍ଦ୍ର ପ୍ରଯୋଜିତ Pradhan Mantri Dhan-Dhaanya krishi Yojana ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରେ ତରଫରୁ କୌଣସି ମାର୍ଗଦର୍ଶିକା/ନିର୍ଦ୍ଦେଶାବଳୀ ଜାରି କରାଯାଇଛି କି, ଯଦି ହଁ, ସେଥିର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଯୋଜନା ଅଧୀନରେ ଭଦ୍ରକ ଜିଲ୍ଲା ପାଇଁ କେତେ ଅର୍ଥ ଆବଣ୍ଟନ ହୋଇଛି ଏବଂ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ସରକାରଙ୍କ ଆଗାମୀ କାର୍ଯ୍ୟଯୋଜନା କଣ ରହିଛି ?

----

**ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ**

2881 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗୋ-ସମ୍ପଦର ସମଗ୍ର ବିକାଶ ଏବଂ ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେଇ ଗୋପାଳନ ପ୍ରତି ଆକୃଷ୍ଟ କରିବା ପାଇଁ ସରକାର କେଉଁ କେଉଁ ଯୋଜନା ଓ କାର୍ଯ୍ୟକ୍ରମ ଚାଲୁ କରିଛନ୍ତି, ଉନ୍ନତ ଓ ଆଧୁନିକ ଗୁହାଳ ନିର୍ମାଣ, ସୁଲଭ ମୂଲ୍ୟରେ ଉନ୍ନତମାନର ଦେଶୀ ଗୋ-ସମ୍ପଦ ଯୋଗାଣ ଏବଂ ଦୁଗ୍ଧ ଚାଷୀମାନଙ୍କୁ ଋଣ ଓ ଆର୍ଥିକ ସହଯୋଗ ପ୍ରଦାନ ପାଇଁ କିପରି ବ୍ୟବସ୍ଥା ରହିଛି, ଉକ୍ତ ପଦକ୍ଷେପମାନଙ୍କ ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କେଉଁ ସ୍ପଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି, ଦୁଗ୍ଧ ଚାଷୀମାନଙ୍କ ଆୟ ବୃଦ୍ଧି ଓ ଦୁଗ୍ଧ ସଂଗ୍ରହ, ପ୍ରସ୍ତୁତିକରଣ ଏବଂ ବଜାରୀକରଣ ସୁଦୃଢ କରିବା ପାଇଁ ସରକାରଙ୍କ ଆଗାମୀ କାର୍ଯ୍ୟଯୋଜନା କଣ ରହିଛି ?

----

**ବଦଳି ନୀତି**

2882 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓୟୁଏଟି ଅଧିନରେ କାର୍ଯ୍ୟରତ Scientists ମାନଙ୍କ ବଦଳି ନିତି କଣ, କେତେଜଣ ସାଇଣ୍ଟିଷ୍ଟ କେତେ ବର୍ଷଧରି କାର୍ଯ୍ୟ କରୁଛନ୍ତି, ସରକାରୀ ଅଧିକାରୀ ମାନେ କେତେ ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବାର ପ୍ରାବଧାନ ଅଛି ; ରାଜ୍ୟର ବିଭିନ୍ନ Research center ମାନଙ୍କରେ କେତେ ଜଣ Scientist କେତେ ବର୍ଷ ଲେଖାଏଁ କାର୍ଯ୍ୟ କରୁଛନ୍ତି ସବିଶେଷ ତଥ୍ୟ ପ୍ରଦାନ କରିବା ସହ ; ସରକାରଙ୍କ ନିୟମନୁସାରେ ରାଜ୍ୟ ବାହାରେ କାର୍ଯ୍ୟରତ Scientist ମାନଙ୍କୁ ଓୟୁଏଟି କୁ ଆଣି ଓୟୁଏଟି ରେ ଅଧିକ ବର୍ଷ ଧରି କାର୍ଯ୍ୟରତ Scientist ମାନଙ୍କୁ ରାଜ୍ୟର ବିଭିନ୍ନ Research Center ମାନଙ୍କୁ ବଦଳୀ କରାଇବେ କି ?

----

**କୃଷକ ସଂଘର ଦାବି**

2883 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା କୃଷକ ସଂଘ ଓ ଭାରତ କୃଷକ ସଂଘର ଭୂମିକା ଅଞ୍ଚଳୀୟ ବଜାର କମିଟି (Regional Marketing Committee - RMC) ଗଠନରେ ଭୂମିକା କ'ଣ; କିଛି ସଂକ୍ଷିପ୍ତ ଟିପ୍ପଣୀ ଦିଆଯାଇପାରେ କି; କୃଷକ ଭାବେ ସ୍ୱୀକୃତି ପାଇବାକୁ ଓ RMC ସଦସ୍ୟତା ପାଇବାକୁ, ଏହି ସଂଘଗୁଡ଼ିକର ସଦସ୍ୟ ହେବା ଆବଶ୍ୟକ କି; ପଛଲା ୫ ବର୍ଷରେ ଓଡ଼ିଶା କୃଷକ ସଂଘ ଓ ଭାରତ କୃଷକ ସଂଘକୁ କେମିତି ସରକାରି ସହାୟତା ଦିଆଯାଇଛି; ସରକାରଙ୍କ ଦ୍ୱାରା ଦିଆଯାଇଥିବା Unique Farmer ID ଦ୍ୱାରା କୃଷକମାନେ RMC ସଦସ୍ୟ ହୋଇପାରିବେ କି; RMC କାର୍ଯ୍ୟାଳୟ ପାଇଁ ପ୍ରତିଯୋଗିତା କରିପାରିବେ କି; ମାଲକାନଗିରି ଓ କୋରାପୁଟ ଜିଲ୍ଲାରୁ ସମସ୍ତ RMC ର ଗତ ୩ଟି ନିର୍ବାଚନର ବିବରଣୀ, ପରିଚାଳନା ଓ କାର୍ଯ୍ୟନିର୍ବାହୀ ସଦସ୍ୟ, ଲାଭ-ହାନି, ବ୍ୟାଲାନ୍ସ ସିଟ୍ ଓ ବାର୍ଷିକ ତଥ୍ୟ ପ୍ରକାଶ କରିବେ କି; ପରବର୍ତ୍ତୀ ନିର୍ବାଚନ କେବେ ହେବ; ନିର୍ବାଚନ ବିଳମ୍ବର କାରଣ କ'ଣ, (ଖ) କୃଷକ ସଂଘ - ଓଡ଼ିଶାରେ କେତେଟି ସ୍ୱୀକୃତ (recognised) ଓ ଅସ୍ୱୀକୃତ (unrecognised) କୃଷକ ସଂଘ ଅଛନ୍ତି; ପଛଲା ୩ ବର୍ଷରେ ସେମାନଙ୍କୁ କେମିତି ସହାୟତା ଦିଆଯାଇଛି; କୃଷକ ସଂଘମାନଙ୍କର ଦାବିଗୁଡ଼ିକ କ'ଣ; ସରକାର ସେଥିରେ କିପରି ପ୍ରତିକ୍ରିୟା କରିଛନ୍ତି ?

----

**ମୁଣ୍ଡ ପିଛା ହାରାହାରି ବିଦ୍ୟୁତ ବ୍ୟବହାର**

2884 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ କାର୍ଯ୍ୟକରିବା ପାଇଁ ବିଦ୍ୟୁତ ଆଇନ ୨୦୦୩ରେ ନିର୍ଦ୍ଦେଶ ରହିଛି, ରାଜ୍ୟର ମୁଣ୍ଡ ପିଛା ହାରାହାରି ବିଦ୍ୟୁତ ବ୍ୟବହାର(ୟୁନିଟ) ପରିମାଣ ରାଜ୍ୟର ଅର୍ଥନୈତିକ ବିକାଶର ଏକ ମାନଦଣ୍ଡ ହୋଇଥିବାବେଳେ ଓଇଆରସି ଏହାକୁ ନିର୍ଣ୍ଣୟ କରିଛନ୍ତି କି, ଯଦି ଉତ୍ତର ହଁ ତେବେ ତାହାର ତଥ୍ୟ ପ୍ରଦାନ କରିବେ, ଯଦି ଉତ୍ତର ନାହିଁ ତେବେ ଜନସ୍ୱାର୍ଥ ଦୃଷ୍ଟିରେ ରଖି ବିଦ୍ୟୁତ ଆଇନ ୨୦୦୩ ଧାରା ୧୦୮କୁ ପ୍ରୟୋଗ କରି ସରକାର ଓଇଆରସିଙ୍କୁ ନିର୍ଦ୍ଦେଶ ଦେବେ କି, (ଖ) ଓଡିଶା ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କେତେ ଉତ୍ପାଦନ କ୍ଷମତାର(ମେଗାୱାଟ)ବିଦ୍ୟୁତ ଉତ୍ପାଦନ କମ୍ପାନୀମାନେ ପ୍ରତିଷ୍ଠା କରିଥିବା ନିଜସ୍ୱ ବିଦ୍ୟୁତ କେନ୍ଦ୍ର, ସ୍ୱାଧୀନ ବିଦ୍ୟୁତ କେନ୍ଦ୍ର ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଷ୍ଠା କରିଥିବା ବିଦ୍ୟୁତକେନ୍ଦ୍ର ସଂଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଏସ.ଏଲ.ଡି.ସି ନିୟନ୍ତ୍ରଣ କରୁଥିବା ରାଜ୍ୟ ଗ୍ରୀଡରେ ସମସ୍ତ ଉତ୍ପାଦନ କମ୍ପାନୀମାନଙ୍କର ବାର୍ଷିକ କେତେ ପରିବହନ ହେଉଛି ଗତଃ ବର୍ଷର ତଥ୍ୟ ପ୍ରଦାନ କରିବେ କି?

----

**ଉଦ୍ୟୋଗ ଗୁଡିକର ସ୍ଥିତି**

2885 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲାରେ ୨୦୧୨-୧୩ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଉଦ୍ୟୋଗୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ ହୋଇଛନ୍ତି, ପ୍ରତ୍ୟେକ କି କି ଉଦ୍ୟୋଗ କେଉଁଠାରେ ସ୍ଥାପନ କରିଛନ୍ତି ଏବଂ କିଏ କେବେ କେତେ ଟଙ୍କାର ରିହାତି ପାଇଛନ୍ତି ତାର ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି, ଏହି ଉଦ୍ୟୋଗ ଗୁଡ଼ିକର ବର୍ତ୍ତମାନର ସ୍ଥିତି କ'ଣ ରହିଛି, (ଖ) କେନ୍ଦୁଝର ଜିଲ୍ଲାରେ ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି ତାର ବ୍ଲକୱାରି ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ଏହି ଯୋଜନାରେ କେଉଁ ହିତାଧିକାରୀ କେଉଁ ଯନ୍ତ୍ରପାତି କ୍ରୟ କରିଛନ୍ତି ଓ ଏଥି ନିମନ୍ତେ କେତେ ଟଙ୍କାର ରିହାତି/ ସବସିଡି ପାଇଛନ୍ତି ?

----

### ପ୍ରକଳ୍ପ ନିର୍ମାଣ

2886 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲାର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ କେଉଁ କେଉଁ ପ୍ରକଳ୍ପ ନିର୍ମାଣ ହୋଇଛି ଓ ଏହାକୁ କେଉଁ କେଉଁ ବ୍ୟକ୍ତି ବିଶେଷ/ ସଂସ୍ଥାଙ୍କ ମାଲିକାନାରେ ନିର୍ମିତ ହୋଇଛି ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ ତାଲିକା ପ୍ରଦାନ କରିବେ କି, (ଖ) ପ୍ରକଳ୍ପକୁ ନିର୍ମାଣ କରିଥିବା କେଉଁ ବ୍ୟକ୍ତିବିଶେଷ ବା ସଂସ୍ଥାକୁ କେତେ ଟଙ୍କାର ରିହାତି (ସବସିଡି) ରାଶି ପ୍ରଦାନ କରାଯାଇଛି ତାହାର ୨୦୨୦ ମସିହାରୁ ବ୍ୟକ୍ତିବିଶେଷଙ୍କ ନାମ ଠିକଣା ୱାରି ତଥ୍ୟ ପ୍ରଦାନ କରିବେ କି, କେନ୍ଦୁଝର ଜିଲ୍ଲାରେ ମୋଟ କେତୋଟି ଲାଇଭ ଷ୍ଟୋକ୍ ସେଣ୍ଟର ରହିଛି, ସେଥିରୁ କେତେଗୋଟି କାର୍ଯ୍ୟକ୍ଷମ ଅଛି ଓ ଆଉ କେତୋଟି ଭଗ୍ନ ଅବସ୍ଥାରେ ରହି କାର୍ଯ୍ୟକ୍ଷମ ହୋଇପାରୁନାହିଁ ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ? ସେହିପରି ଜିଲ୍ଲାରେ ମୋଟ କେତେ ପଦବୀ ଥିବାବେଳେ ବର୍ତ୍ତମାନ କେତେ ପଦବୀ ଖାଲି ପଡିଛି, କେଉଁ ପ୍ରାଣୀ ଚିକିତ୍ସାଳୟରେ କେଉଁ ପ୍ରାଣୀ ଚିକିତ୍ସକ ନିଯୁକ୍ତ ଅଛନ୍ତି ତାର ନାମ ଏବଂ ପଦବୀ ସହ ପ୍ରାଣୀ ଚିକିତ୍ସାଳୟ ୱାରି ତାଲିକା ପ୍ରଦାନ କରିବେ କି, ଭଗ୍ନ ଅବସ୍ଥାରେ ଦୀର୍ଘ ଦିନ ଧରି ପଡ଼ିରହିଥିବା ପ୍ରାଣୀ ଚିକିତ୍ସାଳୟର ପୁନଃରୁଦ୍ଧାର ଏବଂ ଖାଲି ପଡିଥିବା ପଦବୀ ଗୁଡିକୁ ପୂରଣ କରିବା ପାଇଁ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି?

----

### ଖରିଫ ଧାନ କ୍ରୟ

2887 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ କେଉଁ କେଉଁ ସଂସ୍ଥା / ବ୍ୟକ୍ତିବିଶେଷମାନଙ୍କୁ କେତେ ପରିମାଣର ଖରିଫ ଧାନ କ୍ରୟ କରିବା ପାଇଁ ଅନୁମତି ଦିଆଯାଇଛି ତାର ନାମ ଓ ବ୍ଲକ ୱାରି ତାଲିକା ପ୍ରଦାନ କରିବେ କି ?

----

### କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ବ୍ୟୟ

2888 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ୨ ବର୍ଷ ମଧ୍ୟରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ କରାଯାଇଛି ଏବଂ ଏଥିପାଇଁ କେତେ ଟଙ୍କା ବ୍ୟୟ ହୋଇଛି, ଏହି ଯୋଜନାଗୁଡ଼ିକ ମାଧ୍ୟମରେ ବଡ଼ଚଣାର କେତେ ଜଣଙ୍କୁ ଆତ୍ମନିଯୁକ୍ତି ନିମନ୍ତେ ଆର୍ଥିକ ସହାୟତା ଓ ରିହାତି ଯୁକ୍ତ ଋଣ ପ୍ରଦାନ କରାଯାଇଛି, (ଖ) ସହାୟତା ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ସଫଳତାର ସହ ନିଜର ବ୍ୟବସାୟ ଜାରି ରଖିଛନ୍ତି ଏବଂ ସେମାନଙ୍କର ହାରାହାରି ମାସିକ ଆୟ କେତେ ?

----

### ଚାଷୀଙ୍କୁ ବିହନ ଓ ଆର୍ଥିକ ସହାୟତା

2889 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବଡ଼ଚଣା ବ୍ଲକରେ ୨୦୨୫-୨୬ ବର୍ଷ ପାଇଁ କେତେ ଜଣ ଆଖୁ ଚାଷୀ ଏବଂ ଚିନାବାଦାମ ଚାଷୀଙ୍କୁ ବିହନ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ ରଖୁଛନ୍ତି, (ଖ) ଏହି ଚାଷୀମାନଙ୍କୁ ଦିଆଯାଉଥିବା ସହାୟତାର ପରିମାଣ କେତେ ଏବଂ ଏହା କେଉଁ ସରକାରୀ ଯୋଜନା ଅଧୀନରେ ପ୍ରଦାନ କରାଯାଉଛି, ବର୍ତ୍ତମାନ ସୁଦ୍ଧା ସହାୟତା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି କି, ଯଦି ନାହିଁ, ତେବେ ଏହାର କାରଣ କ'ଣ ଏବଂ କେଉଁ ସମୟସୀମା ମଧ୍ୟରେ ଚାଷୀମାନେ ଏହା ପାଇପାରିବେ ?

----

### ବିବରଣୀ ପ୍ରଦାନ

2890 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗହମ, ଡାଲି ଜାତୀୟ ଶସ୍ୟ ଓ ତୈଳବୀଜର ବାର୍ଷିକ ଚାହିଦା କେତେ ରହିଛି ଓ ସେସବୁ ଉତ୍ପାଦ ମେଂଟାଇବା ସକାଶେ ସରକାରଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି କି, ଯଦି ହଁ, ବାର୍ଷିକ କେଉଁ ରାଜ୍ୟରୁ କେତେ ଉତ୍ପାଦ ଆମଦାନି କରାଯାଉଛି ?

----

### ଶୀତଳ ଭଣ୍ଡାର ନିର୍ମାଣ

2891 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଣ ତାରକା ପ୍ରଶ୍ନ ସଂଖ୍ୟା-୧୭୯୬|ତା.୨୪.୦୯.୨୦୨୫ରିଖର ଉତର ପ୍ରତି ଧ୍ୟାନ ଆକର୍ଷଣ ପୂର୍ବକ, ରାଜ୍ୟରେ ଯେଉଁ ସବୁ ନୂତନ ଶୀତଳ ଭଣ୍ଡାରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ତା'ର ଏକ ଜିଲ୍ଲା ଓ ପ୍ରକଳ୍ପ ୱାରୀ ବିବରଣୀ ପ୍ରଦାନ କରିବେ କି, ଏବଂ ରାଜ୍ୟର ସମସ୍ତ ବ୍ଲକ୍‌ରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ସରକାରଙ୍କ କୌଣସି ଯୋଜନା ରହିଛି କି ?

----

### ଭିତ୍ତିଭୂମି ବିକାଶ

2892 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହାକାଳପଡା ବିଦାନସଭା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବିଦ୍ୟୁତ ଭିତ୍ତିଭୂମି ବିକାଶ ପ୍ରକଳ୍ପ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ?

----

### ବିଦ୍ୟୁତ ସଂଯୋଗ

2893 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ବିଜୁଗ୍ରାମ ଜ୍ୟୋତି ଯୋଜନା ଅଧିନରେ ୨୦୨୫ ମସିହା ଶେଷ ସୁଦ୍ଧା କେତେ ପରିବାରକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି ?

----

### ଗୋଦାମ ଘର ନିର୍ମାଣ

2894 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତାଳଚେର ଅଞ୍ଚଳରେ ଥିବା ସମସ୍ତ PAC ରେ ଶସ୍ୟର ସୁରକ୍ଷା ପାଇଁ ପ୍ରତ୍ୟେକ PACରେ ଗୋଟିଏ ଗୋଟିଏ ଗୋଦାମ ଘର କେବେ ସୁଦ୍ଧା ସରକାର ନିର୍ମାଣ କରିବେ ?

----

### ଗହମ ଯୋଗାଣ

2895 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଖାଦ୍ୟ ସୁରକ୍ଷା ନୀତି ଅନୁଯାୟୀ ସରକାରଙ୍କ ତରଫରୁ ପ୍ରତ୍ୟେକ ଗରିବ ଲୋକମାନଙ୍କୁ ସେମାନଙ୍କର BPL କାର୍ଡ ମାଧ୍ୟମରେ ଚାଉଳ ସହ ଗହମ ଦିଆଯିବା ନିମନ୍ତେ ଘୋଷଣା କରାଯାଇଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ହିତାଧିକାରୀମାନଙ୍କୁ ଗହମ ଦିଆଯାଇନଥିବା କାରଣ କଣ ଏବଂ କେବେ ସୁଦ୍ଧା କାର୍ଡଧାରୀଙ୍କୁ ଗହମ ପ୍ରଦାନ କରାଯିବ ?

----

## L.I. ସେଣ୍ଟର ଉନ୍ନତି କରଣ

2896 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ଏଲ.ଆଇ. ସେଣ୍ଟର ଗୁଡିକ ଭଗ୍ନ ଅବସ୍ଥାରେ ଥିବାରୁ ପୁନଃ ନିର୍ମାଣ ନିମନ୍ତେ ଅର୍ଥ କରିବେ କି ?

----

## ଗବେଷଣା କେନ୍ଦ୍ର ସ୍ଥାପନ

2897 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନ ମଣ୍ଡଳୀ ଠାରେ ପଶୁ ଏବଂ ମତ୍ସ୍ୟ ର ଗବେଷଣା କେନ୍ଦ୍ର କରିବାକୁ ପ୍ରସ୍ତାବ ଅଛି କି ଯଦି ନା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Food Processing Enterprises

2898 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many local entrepreneurs have been encouraged to set up food processing enterprises in line with the Odisha food processing policy, 2016 ? how many such units have been proposed from Gajapati & Khordha districts and what is the progress made in the above districts and how many people have been identified for the premium of subsidy in the District ?

----

## Construction of community center

2899 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- There is 1000 artisan population in Chandragiri village of Mohana G.P. in Gajapati Dist., their society is being neglected with Khadi Board, will the Department consider constructing a community center and production and training centre for their socio-economic development, what is the total numbers of artisans also have been provided specific training across different district of Odisha ?

----

## V.A.W. ପୋଷ୍ଟ ପୂରଣ

2900 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ଏବଂ ପାତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରେ V.A.W. ପୋଷ୍ଟ ଖାଲିପଡିଅଛି ଯଦ୍ୱାରା କୃଷି କ୍ଷେତ୍ରରେ ବହୁତ ବ୍ୟାଘାତ ସୃଷ୍ଟି ହେଉଅଛି ତେଣୁ ଖାଲିପଡିଥିବା ଉକ୍ତ ପୋଷ୍ଟଗୁଡିକ ପୂରଣ କରିବେ କି ?

----

## ଚିକିଟି ନିର୍ବାଚନ ମଣ୍ଡଳୀ ର ସମସ୍ତ ଗ୍ରାମକୁ ବିଦ୍ୟୁତ ଯୋଗାଣ

2901 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀରେ ଥିବା ବିଦ୍ୟୁତ ଗ୍ରାମ ଓ ପଡାରେ ସ୍ୱାଧୀନତାର 78 ବର୍ଷ ହେଲେ ମଧ୍ୟ ବିଦ୍ୟୁତ ପହଞ୍ଚି ପାରିନାହିଁ ଏସବୁ ଗ୍ରାମଗୁଡିକୁ ଚିହ୍ନଟ କରି ତୁରନ୍ତ ବିଦ୍ୟୁତ ପହଞ୍ଚାଇବାର ବ୍ୟବସ୍ଥା କରିବେ କି ?

----

## ବିଦ୍ୟୁତ ସଂଯୋଗ

2902 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀଜିଲ୍ଲା ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମନ୍ଦିର ଗ୍ରାମ ପଞ୍ଚାୟତ ବ୍ରହ୍ମଗିରି ବ୍ରହ୍ମଗିରି ବ୍ଲକ ନିକଟ ଶ୍ରୀ ମହାଦେବ ଅନ୍ତନଶ୍ୱର ମନ୍ଦିରକୁ ବିଦ୍ୟୁତ ସଂଯୋଗ କରାଯିବା ପାଇଁ ବିଳମ୍ବ ହେବାର କାରଣ କଣ ବହୁତ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାପାଇଁ ବ୍ୟବସ୍ଥା କରିବେ କି ?

----

## ବିହନ ସଂଗ୍ରହ ସମ୍ପର୍କରେ

2903 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ବିହନ ନିଗମ ଚଳିତ ବର୍ଷ ୫୦୧ ବିହନ ଚାଷୀଙ୍କ ଟୋକନ ଉଦ୍ଦେଶ୍ୟମୂଳକ ଭାବେ ସ୍ଥଗିତ ରଖିବା କଥା ସତ୍ୟ କି, ଏମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର କେତେଜଣ ବିହନ ଚାଷୀ ଅଛନ୍ତି, ଚାଷ କରିବାକୁ କହି ବିହନ ସଂଗ୍ରହ କରିବାକୁ ନିଗମ ଅମଙ୍ଗ ହେଉନି କାହିଁ କି ଏ ସଂକ୍ରାନ୍ତରେ ତଦନ୍ତ କରି ଦୋଷୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## Export-oriented horticulture

2904 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government state the steps taken to promote export-oriented horticulture in Balangir, including support for dragon fruit, mango, and vegetable farmers, and incentives for FPOS to access global markets, Will the Government provide details of schemes for small and marginal farmers, including mechanisation, input subsidies, and crop insurance, What actions are being taken to prevent elephant-related crop damage, and is Balangir included under any organic or chemical-free farming initiative ?

----

## ରାଜ୍ୟରେ ବିଦ୍ୟୁତ କରଣ

2905 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟୁତ୍ ବିତରଣ କାର୍ଯ୍ୟ ନିର୍ବାହ କରୁଥିବା Tata Power କମ୍ପାନୀଙ୍କ ମନମାନି କାର୍ଯ୍ୟପ୍ରଣାଳୀ, ଗ୍ରାସରୁଟ୍ ସ୍ତରରେ କର୍ମଚାରୀଙ୍କ ମନମୁଖୀ ଜୋରିମାନା ଲାଗୁକରଣ ସମ୍ପର୍କରେ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚରରେ ଅଛି କି, ଏପରି ଅଭିଯୋଗ ସମ୍ପର୍କରେ ସରକାରଙ୍କ ନିକଟକୁ କେତେ ସଂଖ୍ୟକ ଅଭିଯୋଗ ପହଞ୍ଚିଛି, କମ୍ପାନୀ କର୍ମଚାରୀମାନଙ୍କ ମନମୁଖୀ ଜରିମାନା ଓ ଦୁର୍ବ୍ୟବହାର ରୋକିବା ପାଇଁ ସରକାର କେଉଁ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳ ସ୍ତରରେ ଉପଭୋକ୍ତା ଅଭିଯୋଗ ଶୁଣାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ଲୋକମାନେ ନ୍ୟାୟରୁ ବଞ୍ଚିତ ହେଉଛନ୍ତି ବୋଲି ସରକାର ମନେ କରୁଛନ୍ତି କି, ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ଏକ ଅଭିଜ୍ଞ କମିଟି ଗଠନ କରି, ବିଦ୍ୟୁତ୍ ସମ୍ପର୍କିତ ଅଭିଯୋଗର ଦ୍ରୁତ ଶୁଣାଣି ଓ ନ୍ୟାୟ କରିବାକୁ ସରକାର କରୁଛନ୍ତି କି, ସାଧାରଣ ଉପଭୋକ୍ତାଙ୍କ ମୌଳିକ ସେବା ଅଧିକାର ସୁରକ୍ଷା ପାଇଁ ସରକାର କୌଣସି ସ୍ଥାନୀୟ ନିରୀକ୍ଷଣ ବ୍ୟବସ୍ଥା କିମ୍ବା ଲୋକ ଅଭିଯୋଗ ମେକାନିଜମ୍ ସ୍ଥାପନ କରିବେ କି ?**ବିଦ୍ୟୁତ କେନ୍ଦ୍ର**

----

## ବିଦ୍ୟୁତ କେନ୍ଦ୍ର ବନ୍ଦ ହେବାର କାରଣ

2906 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ପାଞ୍ଚ ବର୍ଷ ସହ ଚଳିତ ଆର୍ଥିକ ବର୍ଷରେ ଓଡିଶାର ଜଳ ବିଦ୍ୟୁତ ପ୍ରକଳ୍ପ ସଲଗ୍ନ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ, କୋଲାବ, ବାଲିମେଳା ଓ ମାଛକୁଣ୍ଡ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ଓ ସର୍ବନିମ୍ନ ଜଳସ୍ତର କେତେ ରହିଛି, (ବର୍ଷ ହିସାବରେ), ତାର ଏକ ତାଲିକା ପଇଠ କରିବେ କି, (ଖ) ପିଏମ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନାରେ ଉପଭୋକ୍ତାଙ୍କ ଗୃହରେ ନିର୍ମାଣ କରାଯାଇଥିବା ରୁଫ ଟପ ସୋଲାର ପ୍ଲାଣ୍ଟରୁ ଉତ୍ପାଦନ ହେଉଥିବା ବଳକା ବିଦ୍ୟୁତକୁ ଗ୍ରୀଡ୍କୁ କିମ୍ବା ବିତରଣ କମ୍ପାନୀକୁ ବିକ୍ରୟ କରିବା ପାଇଁ ସରକାର କୌଣସି ବ୍ୟବସ୍ଥା କରିଛନ୍ତି କି, ଯଦି କରିଛନ୍ତି ତେବେ ଉପଭୋକ୍ତାର ବଳକା ବିଦ୍ୟୁତ ବିକ୍ରୟ ପାଇଁ ୟୁନିଟ ପିଛା କେତେ ବିକ୍ରୟ ମୂଲ୍ୟ ସରକାର ଧାର୍ଯ୍ୟ କରିଛନ୍ତି ଜଣାଇବେ କି, ଯଦି ବଳକା ବିଦ୍ୟୁତ ବିକ୍ରୟ ପାଇଁ ସରକାର କୌଣସି ମୂଲ୍ୟ ନିର୍ଧାରଣ କରିନାହାନ୍ତି ତେବେ ତାହାକୁ ନିର୍ଧାରଣ କରିବା ପାଇଁ ଓଇଆରସିଙ୍କୁ ବିଦ୍ୟୁତ ଆଇନ, ୨୦୦୩ ଧାରା ୧୦୮ ଅନୁସାରେ ନିର୍ଦ୍ଦେଶ ଦେବେ କି, ଓଡ଼ିଶା ପାୱାର ଜେନେରେଶନ କର୍ପୋରେସନ (OPGC) ଇବ ଉପତ୍ୟକାରେ ସ୍ଥାପନ କରିଥିବା ୪ ୟୁନିଟ ବିଶିଷ୍ଟ ୧୭୪୦ ମେଗାୱାଟ ବିଦ୍ୟୁତକେନ୍ଦ୍ର କାହିଁକି ବାରମ୍ବାର ବନ୍ଦ ହେଉଛି; କେଉଁ ୟୁନିଟ ବର୍ଷକୁ କେତେଥର ବନ୍ଦ ହୋଇଛି?

----

**ଫଟୋ ରଖିବା ସମ୍ପର୍କରେ**

2907 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟରେ ପ୍ରତ୍ୟେକ ସମସ୍ତ ସରକାରୀ ଅଫିସ ଗୁଡିକ ରେ ମହାତ୍ମା ଗାନ୍ଧୀ ଓ ଅନେକ ସ୍ଵାଧୀନତା ସଂଗ୍ରାମୀ ଙ୍କ ଫୋଟୋ କାନ୍ଥ ରେ ଲାଗିଥିବା ବେଳେ ଶକ୍ତି ବିଭାଗ ରେ କିନ୍ତୁ ଆଉ ସେହି ସ୍ଵାଧୀନତା ସଂଗ୍ରାମୀ ଙ୍କ ଫୋଟୋ ଦେଖା ଯାଉନାହିଁ ତା ବଦଳ ରେ tata group ଫୋଟୋ ସବୁ କାନ୍ଥ ରେ ଝୁଲୁଛି?

----

**ବୈଜ୍ଞାନିକ ଗବେଷଣା ପ୍ରକଳ୍ପ**

2908 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେତେ ବୈଜ୍ଞାନିକ ଗବେଷଣା ପ୍ରକଳ୍ପ ଚାଲୁଛି, ସେଥିପାଇଁ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି ଏବଂ କେତେ ଛାତ୍ର—ଯୁବକ ଇନୋଭେସନ୍ / ଷ୍ଟାର୍ଟଅପ୍ ସହାୟତା ପାଇଛନ୍ତି, ବିଜ୍ଞାନ ଓ ପ୍ରଯୁକ୍ତିକୁ ସ୍କୁଲ ଓ କଲେଜ୍ ସ୍ତରରେ ପ୍ରଚାର କରିବା ଓ ଗ୍ରାମୀଣ ଯୁବମାନଙ୍କୁ ଆଧୁନିକ ଗବେଷଣା/ଟେକ୍ନୋଲୋଜି ସହିତ ଯୋଡ଼ିବା ପାଇଁ ସରକାର କେଉଁ ସମୟସୀମା ଭିତ୍ତିକ କାର୍ଯ୍ୟଯୋଜନା ଗ୍ରହଣ କରିଛନ୍ତି ?

----

**Progress of Mission Power**

2909 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The govt. has launched 'Mission Power' targeting electricity access, drinking water and all-weather roads to every village by 2027, What proportion of implementation costs will be funded through cost- recovery improvements at state PSUs like GRIDCO, OPTCL and OHPC following the ongoing regulatory tariff reviews, Specifically, what PSU-executed infrastructure projects have been allocated for Satyabadi block and Kanas block under Mission Power and what is the committed expenditure timeline ?

----

**ଜଳ ସେଚନ ବ୍ୟବସ୍ଥା**

2910 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ ବିଧାନସଭା, ନିର୍ବାଚନ କ୍ଷେତ୍ରରେ ଜଳସେଚନ ଆବରଣ, ଫସଲ ବିବିଧିକରଣ ଏବଂ କୃଷକ ମାନଙ୍କ ଆୟ ସମ୍ବନ୍ଧରେ ସରକାରଙ୍କ ଦ୍ୱାରା କୌଣସି ସମଗ୍ର ସମୀକ୍ଷା କରାଯାଉଛି କି, ଯଦି ହଁ, ତେବେ ନିଶ୍ଚିତ ଜଳସେଚନ ବ୍ୟବସ୍ଥା ଜଳବାୟୁ, ଅନୁକୂଳ ଫସଲ ପ୍ରଚାର, ଉଚ୍ଚମମାନର ବୀଜ, ସାର, ଓ କୃଷି ପ୍ରସାର ସେବା ପ୍ରଦାନ ପାଇଁ ନିଆଯାଉଥିବା ପଦକ୍ଷେପର ବିବରଣୀ କଣ ଏବଂ ଯଦି ନୁହେଁ ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରୂପାୟଣ ସତ୍ତ୍ୱେ କୃଷି ନିର୍ଭରଶୀଳ ଏହି ଅଞ୍ଚଳରେ ଚାଲିଥିବା କୃଷି ସଙ୍କଟର କାରଣ କଣ ?

----

**ରିପୋର୍ଟ ଉପ ସ୍ଥାପନ**

2911 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଯୁଡି ପ୍ରଶ୍ନ ସଂଖ୍ୟା 1279 ତା. 17.02.2025 ଉତ୍ତର ପରିପ୍ରେକ୍ଷୀରେ ଅଦ୍ୟାବଧି କେଉଁମାନେ ୬ ବର୍ଷରୁ ଉର୍ଦ୍ଧ ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଛନ୍ତି ସେମାନଙ୍କର ନାମ, ପଦବୀ ଓ ସବିଶେଷ ବିବରଣୀ ଦେବାସହ ବରିଷ୍ଠ ଗାଡିଚାଳକଙ୍କୁ ଦୀର୍ଘଦିନ ହେବ ଭୁବନେଶ୍ୱର ସ୍ଥିତ Director of Textile ରେ କାର୍ଯ୍ୟକରୁଥିଲେ ମଧ୍ୟ ଆଠଗଡ ADT ଅଫିସରେ ନାମ ଦେଖାଇବାର କାରଣ କଣ, (ଖ) ବିଭିନ୍ନ କାର୍ଯ୍ୟରେ ଅନିୟମିତତା ନେଇ ଯେଉଁମାନଙ୍କ ନାମରେ ତଦନ୍ତ ଚାଲିଥିଲା ସେମାନଙ୍କୁ କିଭଳି ପଦୋନ୍ନତି ଦିଆଯାଇଛି ଜଣାଇବା ସହ ତଦନ୍ତ ହୋଇଥିବା ସମସ୍ତ ବିବରଣୀ ଗୁଡିକର ଉପସ୍ଥାପନା କରିବେ କି ?

----

**କୃଷି ମେଳା**

2912 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ କିଛିଦିନ ତଳେ ଯେଉଁ କୃଷି ମେଳା ଅନୁଷ୍ଠିତ ହୋଇଥିଲା ସରକାରଙ୍କ ତରଫରୁ କେତେ ଟଙ୍କା ବ୍ୟବସ୍ଥା କରାଯାଇଥିଲା, ଏବଂ କେଉଁ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଥିଲା, ଏବଂ ଏହି କୃଷିମେଳା ପାଇଁ କେଉଁ କାର୍ଯ୍ୟ Tender ମାଧ୍ୟମରେ ହୋଇଥିଲା ଓ କେଉଁ କାର୍ଯ୍ୟ Tender ମାଧ୍ୟମରେ ହୋଇନଥିଲା ଏବଂ Tender ପାଇଥିବା Agency ନାମ ସହିତ ସମସ୍ତ ତଥ୍ୟ ପ୍ରଦନ କରିବେ କି ?

----

**ବାଲେଶ୍ୱର ଠାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା**

2913 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି, (ଖ) ଯଦି ଅଛି, ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ସ୍ଥାନ ନିରୂପଣ କରାଯାଇଛି କି, ଏବଂ ଯଦି ପ୍ରସ୍ତାବ ନାହିଁ, ତେବେ ଜିଲ୍ଲାର ହଜାର ହଜାର କୃଷି ପରିବାର ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ଏହି ଦିଗରେ କୌଣସି ପଦକ୍ଷେପ ନେବାକୁ ବିଚାର କରୁଛନ୍ତି କି ?

----

**Renovation of the Ponds**

2914 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- There are many Fisheries deptt ponds available in Sonepur town and dist but need renovations, is there any plan for renovation of these ponds?

----

**Cold Storage ସ୍ଥାପନ**

2915 **ଶ୍ରୀ ସନାତନ ବିଜୁଳି (ବଡସାହି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀର Cold Store ନ ଥିବାର ଖବର ସରକାରଙ୍କ ପାଖରେ ଅଛି କି, ଯଦି ହଁ କେବେ ସୁଧା ବେତନଟୀ ଓ ବଡସାହି ବ୍ଲକରେ Cold Store ତିଆରି ହେବ ଜଣାଇବେ କି, Cold Store ନିର୍ମାଣ ର ସବସିଡି ଅଛି କି Cold Store ନିର୍ମାଣର କଣ କଣ ଗାଇଡଲାଇନ ଅଛି ?

----

**ଶୀତଳ ଭଣ୍ଡାର ସ୍ଥାପନ**

2916 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାରେ କେତୋଟି ସରକାରୀ ଶୀତଳ ଭଣ୍ଡାର ଅଛି ଏବଂ ବର୍ତ୍ତମାନ ସରକାର ଆଉ କେଉଁଠି ନୂଆ ଖୋଲିବାର ଯୋଜନା ରଖିଛନ୍ତି କି?

----

**ମୋବାଇଲ ଭେଟନାରୀ ୟୁନିଟ୍ ସ୍ଥାପନ**

2917 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କରଞ୍ଜିଆ ତଥା ମୟୂରଭଞ୍ଜ ଜିଲ୍ଲାରେ ମାଛଚାଷ ଓ ପଶୁପାଳନ ମାଧ୍ୟମରେ ଆଦିବାସୀ ଯୁବକ ଯୁବତୀ ମାନଙ୍କୁ ସ୍ୱରୋଜଗାର ଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇଛି କି, (ଖ) କେତେ ମୋବାଇଲ ଭେଟେନାରୀ ୟୁନିଟ୍ କାର୍ଯ୍ୟରତ ?

----

**PDS Retailer ନିଯୁକ୍ତି**

2918 **ଶ୍ରୀ ମାଧବ ଧଡା (ସୋରୋ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରଶ୍ନ ସଂଖ୍ୟା U.D. 1363 ତା.03.12.2025 ରିଖ ଉତ୍ତର ପରିପ୍ରେକ୍ଷୀରେ କେଉଁ ଅଧିକାରୀ ଙ୍କ ଦାୟିତ୍ୱ ହୀନତା ପାଇଁ ବୈଠକ ବସିନାହିଁ, ବିଭାଗ ଉକ୍ତ ଅଧିକାରୀ ଙ୍କ ବିରୋଦ୍ଧରେ କଣ ପଦକ୍ଷେପ ଗ୍ରହକରିଛନ୍ତି ସମସ୍ତ ତଥ୍ୟ ପ୍ରଦାନ କରିବେ କି, ଏବଂ କେବେ ସୋରୋ ନିର୍ବାଚନ ମଣ୍ଡଳୀ ର BLAC ବୈଠକ ଆହୂତ ହେବ ତାହାର ନିର୍ଦ୍ଦିଷ୍ଟ ତାରିଖ ବିଷୟରେ ସୂଚନା ପ୍ରଦାନ କରିବେ କି, ପ୍ରଶ୍ନ ସଂଖ୍ୟା U.D. 1363 ତା.03.12.2025 ରିଖ ଉତ୍ତର ପରିପ୍ରେକ୍ଷୀରେ ସରକାରୀ ନିୟମ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନେବା ର ବିଳମ୍ବ ର କାରଣ କଣ ଏବଂ କେବେ ସୁଦ୍ଧା ସୋରୋ ନିର୍ବାଚନ ମଣ୍ଡଳୀ ରେ ମୃତ୍ୟୁ ବରଣ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପରେ ଖାଲି ପଡିଥିବା PDS Retailer ସ୍ଥାନ ପୂରଣ ପାଇଁ ନୂତନ PDS reatiler ନିଯୁକ୍ତି ର detailed time line ସମ୍ବଳିତ ସମସ୍ତ ତଥ୍ୟ ଉପସ୍ଥାପନ କରିବେ କି ?

----

**ଗବେଷଣା କାର୍ଯ୍ୟ ସମ୍ପର୍କରେ**

2919 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ବିଶ୍ୱବିଦ୍ୟାଳୟ ଇସ୍ରୋ ସହିତ ସବନ୍ଧିତା କରି ମହାକାଶ ଗବେଷଣା କ୍ଷେତ୍ରରେ ସମ୍ପୃକ୍ତ ହୋଇଛନ୍ତି କେତେ ଛାତ୍ର ଛାତ୍ରୀ ଏଥିରେ ଅଧୟନ କରୁଛନ୍ତି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, କେଉଁ ଛାତ୍ର ଛାତ୍ରୀ ମାନେ କେଉଁ ଉଦ୍ଦେଶ୍ୟରେ ଗବେଷଣାକରି ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ସେମାନେ କିଏ ?

----

**ଅଶ୍ଳୀଳ ବିଷୟ ଉପରେ ରୋକ ଲଗାଇବାକୁ ପଦକ୍ଷେପ**

2920 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆଜିର ଦିନରେ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟର ଛାତ୍ର- ଛାତ୍ରୀମାନେ କେତେକ ପାଠ୍ୟ ସମ୍ପର୍କିତ ତଥ୍ୟ ସକାଶେ Mobile Phone ଉପରେ ନିର୍ଭରଶୀଳ କିନ୍ତୁ ଉକ୍ତ Phoneରେ ଉପଲବ୍ଧ Face Book/You Tube ପରି ସାମାଜିକ ଗଣମାଧ୍ୟମରେ କେତେକ ଅଶ୍ଳୀଳ ଛବି / Video ଦୃଶ୍ୟମାନ ହୋଇଥାଏ, ଏହା ପିଲାଙ୍କ ଉପରେ କୁପ୍ରଭାବ ପକାଇଥାଏ, ଏହାକୁ ରୋକିବାକୁ ସରକାରରେ କ'ଣ ପଦକ୍ଷେପ ରହିଛି ?

----